R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୧୭୫
ତିଥି : ତ୍ରୟୋଦଶୀ
୩୧ ମାର୍ଚ୍ଚ ୨୦୨୬, ମଙ୍ଗଳବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 175
31 March 2026, Tuesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

# ଇରାନକୁ ଟ୍ରମ୍ପଙ୍କ ଚେତାବନୀ

## ହରମୁଜ୍ ପ୍ରଣାଳୀ ମୁକ୍ତ କର ନଚେତ ଶକ୍ତି ପ୍ରକଳ୍ପ, ତୈଳ କୂପ ଧ୍ୱଂସ କରିବୁ

ଭୁବନେଶ୍ୱର,୩୦।୩,(ସବ୍ୟୁ) : ମଧ୍ୟପ୍ରାଚ୍ୟରେ ଯୁଦ୍ଧର ପରିସ୍ଥିତି ଘମାଘୋଟ ହୋଇଛି। ଏହି ପରିପ୍ରେକ୍ଷୀରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନକୁ ଖୋଲ ଧମକ ଦେଇଛନ୍ତି। ଟ୍ରମ୍ପ କହିଛନ୍ତି ଯେ ହରମୁଜ ପ୍ରଣାଳୀକୁ ମୁକ୍ତ କର। ନଚେତ ଶକ୍ତି ପ୍ରକଳ୍ପ ତୈଳ କୂଳ ଉଡାଇ ଦିଆଯିବ। ଏପରିକି ଖାର୍ଗ ଦ୍ୱୀପକୁ ମଧ୍ୟ ଉଡାଇ ଦେବା ଲାଗି ଟ୍ରମ୍ପ ଚେତାବନୀ ଦେଇଛନ୍ତି।

ସୋମବାର ଟ୍ରମ୍ପ କହିଛନ୍ତି ଯେ ଆମେରିକା ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଏହାକୁ ଅଧିକ ଯୁକ୍ତିଯୁକ୍ତ ବୋଲି ବର୍ଣ୍ଣନା କରିଛନ୍ତି। ଯଦି ଇରାନ ସାମରିକ ଅପରେସନ ଶେଷ ନକରେ ଏବଂ ବୁଝାମଣାରେ ନ ପହଞ୍ଚେ



### ଖାର୍ଗ ଦ୍ୱୀପକୁ ମଧ୍ୟ ଉଡାଇବୁ

ତେବେ ବଡ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ହରମୁଜ ପ୍ରଣାଳୀକୁ ମୁକ୍ତ କରିବା ପାଇଁ ମଧ୍ୟ ସେ ଆହ୍ୱାନ ଦେଇଛନ୍ତି। ନଚେତ ବଡ଼ ପଦକ୍ଷେପ ନିଆଯିବ। ସୋସିଆଲ ମିଡ଼ିଆରେ ଟ୍ରମ୍ପ କହିଛନ୍ତି ଯେ ଆଲୋଚନାରେ ବଡ଼ ଅଗ୍ରଗତି ଘଟିଛି। ଖୁବ୍ ଶୀଘ୍ର ଚୁକ୍ତି ହୋଇପାରେ। ତେବେ ତୁରନ୍ତ ମୁକ୍ତ ବ୍ୟବସାୟ ପାଇଁ ଅନୁମତି ଦିଆଯାଉ। ନଚେତ ଇରାନରେ ନିଜର ସୁନ୍ଦର ରହଣୀର ଶେଷ କରିବୁ। ଆମେ ସମସ୍ତ ବିଦ୍ୟୁତ ଉତ୍ପାଦନ କେନ୍ଦ୍ର, ତୈଳ କୂପ ଓ ଖାର୍ଗ ଦୀପକୁ ଉଠାଇ ସମ୍ପୂର୍ଣ୍ଣ ନଷ୍ଟ କରିବୁ। ଏଗୁଡିକ ଆମେ ଜାଣିଶୁଣି ଆଜି ଯାଏ ଛୁଇଁ ନାହୁଁ। ଇରାନ ତାର ୪୭ ବର୍ଷର ପୁରୁଣା ଆତଙ୍କରାଜ ଶାସନ ସମୟରେ ଅତ୍ୟନ୍ତ ନିର୍ମମ ଭାବେ ହତ୍ୟା କରିଥିଲା। ସେଭଳି ଆମର ଅନେକ ସୈନ୍ୟ ପ୍ରତିଶୋଧ ଭାବେ ବିବେଚନା କରାଯିବ। ଆମେରିକା ଶାନ୍ତି ପ୍ରତିଷ୍ଠା ଭାବେ ପାକିସ୍ତାନ ହାତରେ ପଠାଇଥିବା ୧୫ ଶର୍ତ୍ତ ପ୍ରସ୍ତାବର ଜବାବ ଇରାନ ଦେଇଥିବା କୁହାଯାଉଛି।

## ପଶ୍ଚିମ ଏସିଆ ପରିସ୍ଥିତି ନେଇ ଜିଲ୍ଲାପାଳଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା

# ଗୁଜବ ସୃଷ୍ଟିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଅ

ଭୁବନେଶ୍ୱର, ୩୦।୩ (ସବ୍ୟୁ) : ପଶ୍ଚିମ ଏସିଆ ଯୁଦ୍ଧ ସଂକଟ ପରିପ୍ରେକ୍ଷୀରେ ଆଜି ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ରାଜ୍ୟରେ ଅତ୍ୟାବଶ୍ୟକ ସାମଗ୍ରୀର ଯୋଗାଣ ସମ୍ପର୍କରେ ଜିଲ୍ଲାପାଳମାନଙ୍କ ସହିତ ଆଭାସୀ ମାଧ୍ୟମରେ ଆଲୋଚନା କରି ଜିଲ୍ଲାସ୍ତରୀୟ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍‌କୁ ୨୪ ଘଣ୍ଟିଆ ଆକ୍ସନ୍ ମୋଡ୍‌ରେ ରଖିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ଜିଲ୍ଲାପାଳମାନଙ୍କୁ ଜିଲ୍ଲାସ୍ତରରେ ନିଆଯାଇଥିବା ପଦକ୍ଷେପ



- ଏନ୍‌ଫୋର୍ସମେଣ୍ଟ ସ୍କ୍ୱାର୍ଡକୁ ଆକ୍ସନ ମୋଡ୍‌ରେ ରଖ
- ବଜାର ସ୍ଥିତି ଜିଲ୍ଲାପାଳ ଅନୁଧ୍ୟାନ କରନ୍ତୁ
- ଅସାଧୁ ବେପାରୀଙ୍କ ଉପରେ ନିଅ କାର୍ଯ୍ୟାନୁଷ୍ଠାନ
- ଅତ୍ୟାବଶ୍ୟକ ସାମଗ୍ରୀର ଉପଲବ୍ଧତା ପାଇଁ ତଦାରଖ କର

ସମ୍ପର୍କରେ ପଚାରି ବୁଝିବା ସହିତ କଳାବଜାରୀ, ବେଆଇନ ମହଜୁଦକାରୀ ଦରଦାମ୍ ବୃଦ୍ଧି ପ୍ରତି ଜିଲ୍ଲାପାଳମାନେ ନିୟମିତ ଭାବେ ବିଭିନ୍ନ ମାର୍କେଟର ସ୍ଥିତି ଅନୁଧ୍ୟାନ କରି ଅସାଧୁ ବେପାରୀଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

ଗତ ୨୭ ମାର୍ଚ୍ଚର (୯ ପୃଷ୍ଠାରେ)

## ଗିଲୋଟିନ୍‌ରେ ୨୩ ବିଭାଗର ଖର୍ଚ୍ଚ ଦାବି ପାରିତ

ଭୁବନେଶ୍ୱର, ୩୦।୩ (ସବ୍ୟୁ) : ୨୩ ବିଭାଗର ଖର୍ଚ୍ଚଦାବି ଗିଲୋଟିନ୍ ମାଧ୍ୟମରେ ବିଧାନସଭାରେ ପାରିତ ହୋଇଛି। ବଜେଟ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟରେ ୨୦ ବିଭାଗର ଖର୍ଚ୍ଚଦାବି ଆଲୋଚନା ହୋଇ ପାରିତ ହୋଇଛି। ଆଲୋଚନା ହୋଇନଥିବା ବଳକା ୨୩ ବିଭାଗର ଖର୍ଚ୍ଚଦାବିକୁ ବାଚସ୍ପତି ସୁରମା ପାଢୀ ଗିଲୋଟିନରେ ଗୃହୀତ କରିଛନ୍ତି।

## ଓଏଚ୍‌ଆର୍‌ସି ଅଧ୍ୟକ୍ଷ ଦାୟିତ୍ୱ ନେଲେ ଜଷ୍ଟିସ୍ ଶତ୍ରୁଘ୍ନ ପୂଜାହାରୀ

ଭୁବନେଶ୍ୱର, ୩୦।୩ (ସବ୍ୟୁ) : ବିଚାରପତି ଶତ୍ରୁଘ୍ନ ପୂଜାହାରୀ ଆଜି, ୩୦.୦୩.୨୦୨୬ ଓଡ଼ିଶା ମାନବ ଅଧିକାର ଆୟୋଗ (ଓ.ଏଚ.ଆର.ସି)ର ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ତାଙ୍କର ଦ୍ୱିତୀୟ ଦାୟିତ୍ୱକାଳ ହୋଇଥିବାରୁ ତାଙ୍କର ନେତୃତ୍ୱ ଓ ମାନବ ଅଧିକାର ସୁରକ୍ଷା ପ୍ରତି ଅତୁଟ ସମର୍ପଣ ଉପରେ ପୁନର୍ବାର



ଆସ୍ଥା ପ୍ରକାଶ ପାଇଛି।

ବିଚାରପତି ପୂଜାହାରୀ ଜଣେ ପ୍ରତିଷ୍ଠିତ ନ୍ୟାୟିକ ବ୍ୟକ୍ତିତ୍ୱ ଯିଏ ଉଚ୍ଚ ନ୍ୟାୟାଳୟ ଓ ପ୍ରଶାସନିକ କ୍ଷେତ୍ରରେ ଦୀର୍ଘ ଅଭିଜ୍ଞତା ଅର୍ଜନ କରିଛନ୍ତି। ସେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ଭାବେ କାର୍ଯ୍ୟରତ ଥିବା ସହ ରାଜ୍ୟ ସରକାର ଓ ନ୍ୟାୟିକ ପ୍ରଣାଳୀର ଅନେକ ଗୁରୁତ୍ୱପୂର୍ଣ୍ଣ (୯ ପୃଷ୍ଠାରେ)

## ଭୋଟର ତାଲିକାରୁ ବାଦ୍ ପଡ଼ିଛନ୍ତି ୭ ଲକ୍ଷରୁ ଉର୍ଦ୍ଧ୍ୱ

ଭୁବନେଶ୍ୱର,୩୦।୩,(ସବ୍ୟୁ) : ରାଜ୍ୟରେ ଭୋଟର ତାଲିକା ସଂଶୋଧନ ବେଳେ ୭ ଲକ୍ଷ ୬୮ ହଜାର ୫୨୧ ଭୋଟର ବାଦ ପଡିଛନ୍ତି। ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଏକ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଉତ୍ତର ରଖିଛନ୍ତି।

ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ, ଏକାଧିକ ସ୍ଥାନରେ ୧ ଲକ୍ଷ ୫୫ ହଜାର ୩୧୮ ଜଣ ଭୋଟ ପରିଚୟପତ୍ର ରଖିଥିଲେ। ସଂଶୋଧନ ପ୍ରକ୍ରିୟାରେ ବାଦ ଦିଆଯାଇ ଭୋଟର ତାଲିକାକୁ ସ୍ୱଚ୍ଛ କରାଯାଇଛି। ଗତବର୍ଷ ୬ ତାରିଖରୁ ଚଳିତ ବର୍ଷ ମାର୍ଚ୍ଚ ୨୨ ତାରିଖ ମଧ୍ୟରେ ମୃତ୍ୟୁ କାରଣରୁ ୨ ଲକ୍ଷ ୩ ହଜାର ୩୯୬ ଭୋଟର, ସ୍ଥାନାନ୍ତର ଲାଗି ୪ ଲକ୍ଷ ୮ ହଜାର ୧୩୨ ଭୋଟର ଓ ଅନ୍ୟାନ୍ୟ କାରଣ ପାଇଁ ୨୬୪୬ ଭୋଟର ବାଦ ପଡିଛନ୍ତି। ଏହି ସମୟ ମଧ୍ୟରେ ନୂତନ ଭାବେ ଭୋଟର ତାଲିକାରେ ସଂଯୋଗ କରିବା ପାଇଁ ୫ ଲକ୍ଷ ୬୭ ହଜାର ୩୪ ଜଣ ଆବେଦନ କରିଛନ୍ତି। ସୁନ୍ଦରଗଡ଼ ଜିଲ୍ଲାରୁ ସର୍ବାଧିକ ୧ ଲକ୍ଷ ୪୪ ହଜାର ୭୨୬ ଭୋଟର ବାଦ ପଡିଥିବା ବେଳେ କଟକରେ ୭୪ ହଜାର ୮୮୧, ଗଞ୍ଜାମ (୯ ପୃଷ୍ଠାରେ)

# ସ୍ୱାଭାବିକ ହେଉନି ବିଧାନସଭା



- ସରକାରଙ୍କ ସବୁ ପ୍ରୟାସ ବିଫଳ
- ଗୃହର କାର୍ଯ୍ୟରେ ବିରୋଧୀ ଭାଗ ନେଉନାହାନ୍ତି
- ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିରେ ବିରୋଧୀ ଅଟଳ
- ବିଫଳ ହେଉଛି ସର୍ବଦଳୀୟ ବୈଠକ

ଭୁବନେଶ୍ୱର, ୩୦।୩ (ସବ୍ୟୁ) : ଏସସିବି ଆଇସିୟୁ ଅଗ୍ନିକାଣ୍ଡ ଘଟଣାକୁ ନେଇ ବିରୋଧୀ ଲଗାତାର ବିଧାନସଭାରେ ପ୍ରତିବାଦ କରୁଛନ୍ତି। ଗତ ୧୭ ତାରିଖରୁ ପ୍ରତିବାଦ ଆରମ୍ଭ ହୋଇଥିବା ବେଳେ ଆଜି ନବମ ଦିନରେ ମଧ୍ୟ ଗୃହରେ ଅଚଳାବସ୍ଥା ଲାଗିରହିଛି। ବାଚସ୍ପତି ସୁରମା ପାଢ଼ୀ ବିଧାନସଭା ବଜେଟ୍ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟରେ ପ୍ରାୟ ୪ ଥର ସର୍ବଦଳୀୟ ବୈଠକ ଡାକି ସବୁ ଦଳର ନେତାଙ୍କ ସହ ଆଲୋଚନା କରିଥିଲେ ମଧ୍ୟ କୌଣସି ନିଷ୍କର୍ଷ ବାହାରି ପାରୁନାହିଁ। ଗୃହରେ ସରକାରୀ ଦଳ ପକ୍ଷରୁ ମୁଖ୍ୟମନ୍ତ୍ରୀ, ଉପ ମୁଖ୍ୟମନ୍ତ୍ରୀ, ମନ୍ତ୍ରୀମାନେ ଓ ବିଜେପି ବିଧାୟକମାନେ ବିରୋଧୀଙ୍କୁ ବାରମ୍ବାର ଆଲୋଚନାକୁ ଆସିବାକୁ ଆହ୍ୱାନ କରୁଛନ୍ତି। ଏପରିକି ନିଜେ ମୁଖ୍ୟମନ୍ତ୍ରୀ ବିରୋଧୀ ଦଳ ନେତାଙ୍କ ସହ ଆଲୋଚନା କରି ଗୃହ କାର୍ଯ୍ୟରେ ସହଯୋଗ କରିବାକୁ ଅନୁରୋଧ କରିଛନ୍ତି। ମାତ୍ର ବିରୋଧୀ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଅଡି ବସିଛନ୍ତି।

ସୋମବାର ମଧ୍ୟ ବିରୋଧୀ ଦଳ ବିଜେଡି, କଂଗ୍ରେସ ଓ ସିପିଆଇଏମ୍ ର ସଦସ୍ୟମାନେ ପ୍ରଶ୍ନକାଳ ଆରମ୍ଭରୁ ହଟ୍ଟଗୋଳ କରିଥିଲେ। ହାତରେ ପୋଷ୍ଟର ଧରି ଗୃହର ମଧ୍ୟ ଭାଗରେ ଜୋରଦାର ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଇସ୍ତଫା ଦାବି ସ୍ଲୋଗାନ ଦେଇଥିଲେ।

ସୋମବାର ବିଧାନସଭାରେ (୯ ପୃଷ୍ଠାରେ)

## ରାଜ୍ୟପାଳଙ୍କୁ ଭେଟିଲେ ମିଳିତ ବିରୋଧୀ ଦଳ

ଭୁବନେଶ୍ୱର,୩୦।୩ (ସବ୍ୟୁ) : ଏସ୍‌ସିବି ନିଆଁକୁ ନେଇ ବିବାଦ ତୀବ୍ର ହେବାରେ ଲାଗିଛି। ବିଧାନସଭାରେ ବିରୋଧୀ ଦଳ ଏହାର ପ୍ରତିବାଦରେ ହଟଗୋଳ କରୁଥିବା ବେଳେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରୁଛନ୍ତି। ଆଜି ମିଳିତ ବିରୋଧୀ ଦଳ ବିଜେଡି, କଂଗ୍ରେସ, ସିପିଏମ୍‌ର ବିଧାୟକମାନେ ରାଜ୍ୟପାଳଙ୍କୁ ଭେଟି ସ୍ମାରକପତ୍ର ଦେଇଛନ୍ତି।

ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି ଯେ ତୁରନ୍ତ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ହେଉ ନଚେତ ବହିଷ୍କାର କରାଯାଉ। ମୃତ୍ୟୁ ବରଣ କରିଥିବା ବ୍ୟକ୍ତିଙ୍କ ପରିବାରବର୍ଗଙ୍କୁ ୧ କୋଟି ଟଙ୍କା ଲେଖାଏଁ ସହାୟତା ଓ ତାଙ୍କ ପରିବାରର ଜଣଙ୍କୁ ସରକାରୀ ଚାକିରି ଦିଆଯାଉ। ହାଇକୋର୍ଟର ଅବସରପ୍ରାପ୍ତ ବା କାର୍ଯ୍ୟରତ ବିଚାରପତିଙ୍କ ଜରିଆରେ ବିଚାର ବିଭାଗୀୟ ତଦନ୍ତ କରାଯାଉ। ଆହତମାନଙ୍କୁ ୫ (୯ ପୃଷ୍ଠାରେ)

## ଚଢ଼ା ଦରରେ ଆଳୁ ବିକିଲେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର, ୩୦।୩ (ସବ୍ୟୁ) : ବଜାରରେ ଆଳୁ ଚଢ଼ାଦରରେ ବିକ୍ରି ହେଉଥିବା ନେଇ ଯୋଗାଣମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଯେଉଁ ଖୁଚୁରା ବ୍ୟବସାୟୀମାନେ ଚଢ଼ା ଦରରେ ଆଳୁ ବିକ୍ରି କରୁଛନ୍ତି ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ମନ୍ତ୍ରୀ ଚେତାବନୀ ଦେଇଛନ୍ତି।

ମନ୍ତ୍ରୀ କହିଛନ୍ତି ଯେ, ଆଳୁ ଚଢ଼ା ଦରରେ ବିକ୍ରି ହେଉଥିବା ଖବର ତାଙ୍କ ନିକଟକୁ ଆସିଛି। ଚଢ଼ାଉକୁ ଜୋରଦାର କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଲାଭଖୋର ମନବୃତ୍ତି ରଖିଥିବା ବ୍ୟକ୍ତିଙ୍କୁ ଛଡା ଯିବ ନାହିଁ ବୋଲି ମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ (୯ ପୃଷ୍ଠାରେ)

## ବିଜୁଙ୍କ ପ୍ରତି ଦୁବେଙ୍କ ମନ୍ତବ୍ୟକୁ ନେଇ ତୀବ୍ର ପ୍ରତିକ୍ରିୟା

# ମାନସିକ ସ୍ଥିତି ଠିକ୍ ନାହିଁ, ଡାକ୍ତର ଦେଖାନ୍ତୁ : ନବୀନ

ଭୁବନେଶ୍ୱର,୩୦।୩(ସବ୍ୟୁ) : ବିଜେପି ସାଂସଦ ନିଶିକାନ୍ତ ଦୁବେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ସମ୍ପର୍କରେ ଦେଇଥିବା ଆପତ୍ତିଜନକ ମନ୍ତବ୍ୟକୁ ନେଇ ବିଜେଡି ପକ୍ଷରୁ ତୀବ୍ର ପ୍ରତିବାଦ କରାଯାଇଛି। କେବଳ ବିଜେଡି ନୁହେଁ, କଂଗ୍ରେସ ନେତା ଶ୍ରୀକାନ୍ତ ଜେନା ଓ ରାଜ୍ୟସଭାକୁ ନିର୍ବାଚିତ ଦିଲ୍ଲୀପ ରାୟ ମଧ୍ୟ ଏଭଳି ମନ୍ତବ୍ୟ ଉପରେ ନିଜର ପ୍ରତିକ୍ରିୟା ରଖିଛନ୍ତି। ବିରୋଧୀ ଦଳ ନେତା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା ଉପରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି।



### ନିଃସର୍ତ୍ତ କ୍ଷମା ପ୍ରାର୍ଥନା ଲାଗି ବିଜେଡିର ଦାବି

ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ, ଏଭଳି ମନ୍ତବ୍ୟ ତାଙ୍କୁ ଆଶ୍ଚର୍ଯ୍ୟ କରିଛି। ନିଶିକାନ୍ତ ଦୁବେଙ୍କ ମାନସିକ ସନ୍ତୁଳନ ଠିକ୍ ନାହିଁ। ମାନସିକ ରୋଗ ଡାକ୍ତରଙ୍କୁ ଦେଖାନ୍ତୁ। ଏଭଳି ମନ୍ତବ୍ୟ ଅଗଣତାନ୍ତ୍ରିକ। ଏପରି ସ୍ଥିତିରେ ଗଣତନ୍ତ୍ର କଣ ତାହା ଜଣାପଡୁଛି। ବିଜେଡି ପକ୍ଷରୁ ପ୍ରତିବାଦ କରାଯାଇ ରାଜ୍ୟ ତଥା ଦେଶବାସୀଙ୍କ ପାଖରେ ଶ୍ରୀ ଦୁବେ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି କୁହାଯାଇଛି।

ମାଷ୍ଟରକ୍ୟାଣ୍ଟିନ ଛକରେ ବିଜୁ ଯୁବ ଓ ଛାତ୍ର (୯ ପୃଷ୍ଠାରେ)





## ୧୬ ହଜାର ବର୍ଷର ସମ୍ପର୍କ

ମଣିଷ ଓ କୁକୁରର ସମ୍ପର୍କ କାହିଁ କେଉଁ ଦିନର । ନିକଟରେ ହୋଇଥିବା ଏକ ସର୍ଭେ ଅନୁସାରେ କୁକୁରମାନେ ପ୍ରାୟ ୧୬ ହଜାର ବର୍ଷ ହେବ ମଣିଷର ଅତି ନିକଟତର ବନ୍ଧୁ ଭାବେ ରହି ଆସୁଛନ୍ତି । ତୁର୍କୀର ପିନାରବାଶୀଠାରେ ଏକ କୁକୁର ଛୁଆର ପ୍ରାୟ ୧୫,୮୦୦ ବର୍ଷ ପୁରୁଣା ଡିଏନଏ ମିଳିଛି, ଯାହା ଏବେ ସୁଦ୍ଧା ମିଳିଥିବା ସବୁଠାରୁ ପ୍ରାଚୀନ ପ୍ରମାଣ । ବୈଜ୍ଞାନିକମାନଙ୍କ ମତରେ କୁକୁରମାନେ ଦୁଇ ପ୍ରକାରର ଧୂସର ରଙ୍ଗର ଗଧିଆଙ୍କଠାରୁ ବିକଶିତ ହୋଇଛନ୍ତି । ଗବେଷଣା ଅନୁଯାୟୀ, ମଣିଷ କୃଷି କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ହିଁ କୁକୁରଙ୍କୁ ପୋଷିବା ଆରମ୍ଭ କରି ସାରିଥିଲା । ସେମାନେ ଶିକାର ତଥା ସୁରକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ମଣିଷକୁ ସାହାଯ୍ୟ କରୁଥିଲେ । ଏପରିକି କେତେକ ସ୍ଥାନରେ ମଣିଷର କବର ସହିତ କୁକୁର ଛୁଆଙ୍କୁ ମଧ୍ୟ ପୋତା ଯାଇଥିବାର ମଧ୍ୟ ଦେଖିବାକୁ ମିଳିଛି । ଯାହା ସେହି ସମୟରେ ମଣିଷ ଓ କୁକୁରଙ୍କ ମଧ୍ୟରେ ଥିବା ଗଭୀର ଆବେଗିକ ସମ୍ପର୍କକୁ ଦର୍ଶାଉଛିବୋଲି ବୈଜ୍ଞାନିକମାନେ ଦର୍ଶାଇଛନ୍ତି ।

## ଭଲ ନିଦ ପାଇଁ ପୁରସ୍କାର

ଚୀନ୍‌ର ଶାଙ୍ଘାଇ ସହର ଅନ୍ତର୍ଗତ ଚୋଙ୍ଗମିଙ୍ଗ ଦ୍ୱୀପର ଏକ ଜଙ୍ଗଲରେ 'ସ୍ଲିପ୍ ଇନ୍ ଫରେଷ୍ଟ' ନାମକ ଏକ ନିଆରା ପ୍ରତିଯୋଗିତା ଆୟୋଜିତ ହେଉଛି । ଯେଉଁଠାରେ ଶାନ୍ତିରେ ଶୋଇଲେ ମଧ୍ୟ ମିଳୁଛି ଆକର୍ଷଣୀୟ ନଗଦ ପୁରସ୍କାର । ସହରର ବ୍ୟସ୍ତବହୁଳ ଜୀବନଶୈଳୀରୁ ମୁକ୍ତି ଦେବା ଏବଂ ମାନସିକ ଚାପ ହ୍ରାସ କରିବା ଲକ୍ଷ୍ୟରେ ଆରମ୍ଭ ହୋଇଥିବା ଏହି ଖେଳରେ କେବଳ ଭଲ ନିଦ ଶୋଇ ବିଜେତା ହେବାର ସୁଯୋଗ ରହିଛି । ବିଶେଷ ମେସିନ୍ ସାହାଯ୍ୟରେ ପ୍ରତିଯୋଗୀ କେତେ ଶୀଘ୍ର ଶୋଇଲେ ଏବଂ ତାଙ୍କ ନିଦ କେତେ ଗଭୀର ଥିଲା, ତାହାର 'ସ୍ଲିପ୍ ସ୍କୋର' ଆଧାରରେ ବିଜେତା ଚୟନ କରାଯାଉଛି । ଏହି ପ୍ରତିଯୋଗିତାରେ 'ସବୁଠାରୁ ଭଲ ନିଦ' ପାଇଁ ପ୍ରାୟ ୩୫,୦୦୦ ଟଙ୍କା ଏବଂ 'ସବୁଠାରୁ ଶୀଘ୍ର ଶୋଇଥିବା' ବ୍ୟକ୍ତିଙ୍କୁ ୨୩,୦୦୦ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଉଛି, ଯାହା ବର୍ତ୍ତମାନ ସାରା ବିଶ୍ୱରେ ଚର୍ଚ୍ଚାର ବିଷୟ ପାଲଟିଛି । ସୋସିଆଲ ମିଡିଆରେ ଏହି ପ୍ରତିଯୋଗିତାର ଖୁବ ପ୍ରଶଂସା କରାଯାଉଛି ।



## ସୋସିଆଲ କୋଟ୍ସ



ଜୀବନରେ ତୁମକୁ ସବୁ ଖୁସି ମିଳୁ ଏହା ହିଁ କାମନା । ଆଗକୁ ଆହୁରି ଦାୟିତ୍ୱବାନ ହୋଇ ଜୀବନକୁ ଉପଭୋଗ କରିବାକୁ ମୋର ପରାମର୍ଶ । ଜନ୍ମ ଦିନର ଅନେକ ଶୁଭକାମନା ରହ ।

ହ୍ରିତିକ ରୋଶନ, ଅଭିନେତା



ଯେତେବେଳେ ତୁମେ ମାଆ ହୋଇଯାଅ ସେତେବେଳେ ଜୀବନରେ ଅନେକ କିଛି ପରିବର୍ତ୍ତନ ହୋଇଥାଏ । ପିଲାର ଆବଶ୍ୟକତା ଅନୁଯାୟୀ ତୁମେ ତୁମର ପ୍ରାୟୋରିଟି ଲିଷ୍ଟକୁ ଅପଡେଟ କରିଥାଅ । ଏହି ସବୁ କଥା ମୋ ସହିତ ମଧ୍ୟ ହୋଇଛି ।

ଆଲିଆ ଭଟ୍ଟ, ଅଭିନେତ୍ରୀ



ମାଆ ହେବା ପରେ ମୁଁ ନିଜକୁ ଜଣେ ବାଘୁଣୀ ବୋଲି ଭାବୁଛି । ନିଜ ପିଲାପାଇଁ କିଛି ବି କରିପାରିବି । ବର୍ତ୍ତମାନ ତା ସୁରକ୍ଷା ସବୁଠାରୁ ଆଗରେ । ଏହା ମୋ ଜୀବନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ।

କିୟାରା ଆଡଭାନୀ , ଅଭିନେତ୍ରୀ

## ଉଚ୍ଚତା ବଢିବାର ପ୍ରାକୃତିକ ଉପାୟ



**ସନ୍ତୁଳିତ ଆହାର**

ପିଲାଙ୍କ ଶରୀରର ବୃଦ୍ଧି ପାଇଁ ସଠିକ୍ ପରିମାଣର ପୁଷ୍ଟିସାର , ଭିଟାମିନ୍ ଏବଂ ଖଣିଜ ଲବଣର ଆବଶ୍ୟକତା ଥାଏ । ଖାଦ୍ୟରେ କ୍ୟାଲସିୟମ୍ ଯୁକ୍ତ କ୍ଷୀର, ପନିର, ଦହି ଏବଂ ଅଣ୍ଡା ସାମିଲ କରନ୍ତୁ ଯାହା ହାଡ଼କୁ ଶକ୍ତ କରିଥାଏ । ଏହା ସହିତ ସବୁଜ ପନିପରିବା, ଡାଲି ଆଦି ସାମିଲ କରନ୍ତୁ ଯାହା ପୋଷଣ ପ୍ରଦାନ କରିବ ।

**ପର୍ଯ୍ୟାପ୍ତ ନିଦ୍ରା**

ଶୋଇବା ସମୟରେ ଶରୀରରେ 'ହ୍ୟୁମାନ୍ ଗ୍ରୋଥ୍ ହରମୋନ୍' ନିର୍ଗତ ହୋଇଥାଏ, ଯାହା ଉଚ୍ଚତା ବୃଦ୍ଧିରେ ସାହାଯ୍ୟ କରେ । ବଢୁଥିବା ପିଲାମାନଙ୍କ ପାଇଁ ଦୈନିକ ୮ ରୁ ୧୦ ଘଣ୍ଟା ଗଭୀର ନିଦ୍ରା ଅତ୍ୟନ୍ତ ଜରୁରୀ । ବିଳମ୍ବିତ ରାତି ଯାଏଁ ଅନିଦ୍ରା ରହିବା ଦ୍ୱାରା ଏହି ପ୍ରକ୍ରିୟାରେ ବାଧା ସୃଷ୍ଟି ହୁଏ, ତେଣୁ ପିଲାଙ୍କ ଶୋଇବା ସମୟ ଧାର୍ଯ୍ୟ କରନ୍ତୁ ।

**ନିୟମିତ ବ୍ୟାୟାମ**

ପିଲାମାନଙ୍କୁ ଘର ବାହାରେ ଖେଳିବା ପାଇଁ ପ୍ରୋତ୍ସାହିତ କରନ୍ତୁ । ଦୌଡ଼ିବା, ସନ୍ତରଣ, ଫୁଟବଲ୍ କିମ୍ବା ବାସ୍କେଟବଲ୍ ଖେଳିବା ଦ୍ୱାରା ଶରୀରର ମାଂସପେଶୀ ସକ୍ରିୟ ହୁଏ । ଏହା ଦ୍ୱାରା ହାଡ଼ର ଲମ୍ବ ବୃଦ୍ଧି ପାଇଥାଏ ଏବଂ ଶରୀର ଗଠନ ସଠିକ୍ ରହେ ।

**ଯୋଗ**

ପିଲାମାନଙ୍କର ଉଚ୍ଚତା ମୁଖ୍ୟତଃ ଜେନେଟିକ୍ସ ଉପରେ ନିର୍ଭର କରୁଥିଲେ ମଧ୍ୟ, ସଠିକ୍ ଜୀବନଶୈଳୀ ଏବଂ ପୁଷ୍ଟିକର ଖାଦ୍ୟ ଦ୍ୱାରା ଏଥିରେ ଉନ୍ନତି ଅଣାଯାଇପାରିବ । ଆସନ୍ତୁ ଏଭଳି କିଛି ଟ୍ରିକ ସମ୍ପର୍କରେ ଜାଣିବା ।




ଯୋଗ କେବଳ ମାନସିକ ଶାନ୍ତି ଦିଏ ନାହିଁ, ବରଂ ଶରୀରର ନମନୀୟତା ବୃଦ୍ଧି କରେ । 'ତାଡ଼ାସନ' , 'ସୂର୍ଯ୍ୟ ନମସ୍କାର' ଏବଂ 'ଚକ୍ରାସନ' ଭଳି ଆସନ ପିଲାଙ୍କ ପାଇଁ ଖୁବ୍ ଲାଭଦାୟକ । ଏହି ଆସନଗୁଡ଼ିକ ଶରୀରର ପ୍ରତିଟି ଅଙ୍ଗକୁ ଷ୍ଟ୍ରେଚ୍ କରିବା ସହିତ ଉଚ୍ଚତା ବଢିବାରେ ସହାୟକ ହୋଇଥାଆନ୍ତି ।

**ସୂର୍ଯ୍ୟକିରଣରୁ ଭିଟାମିନ୍-ଡି**

ହାଡ଼ର ସୁସ୍ଥତା ଏବଂ ବିକାଶ ପାଇଁ ଭିଟାମିନ୍-ଡି ଅପରିହାର୍ଯ୍ୟ । ସକାଳର କୋମଳ ସୂର୍ଯ୍ୟକିରଣ ଭିଟାମିନ୍-ଡି ର ଏକ ମୁଖ୍ୟ ପ୍ରାକୃତିକ ଉତ୍ସ । ପିଲାଙ୍କୁ ଦୈନିକ ଅନ୍ତତଃ ୨୦ ରୁ ୩୦ ମିନିଟ୍ ଖରାରେ ରହିବାକୁ ଦିଅନ୍ତୁ, ଯାହା ଦ୍ୱାରା ଶରୀର କ୍ୟାଲସିୟମ୍‌କୁ ସଠିକ୍ ଭାବେ ଗ୍ରହଣ କରିପାରିବ ଏବଂ ହାଡ଼ ଲମ୍ବା ହେବାରେ ସୁବିଧା ହେବ ।

## ଇତିହାସ

୧୭୨୭- ମହାନ ଭୌତିକଶାସ୍ତ୍ରୀ ଆଇଜାକ୍ ନ୍ୟୁଟନଙ୍କ ଦେହାନ୍ତ ।
୧୭୭୪- ଭାରତରେ ଡାକସେବାର ପ୍ରଥମ କାର୍ଯ୍ୟାଳୟ ଉନ୍ମୋଚନ କରାଗଲା ।
୧୮୬୭- ମୁମ୍ବାଇରେ ପ୍ରାର୍ଥନା ସମାଜର ସ୍ଥାପନା କରାଗଲା ।
୧୮୭୦- ଆମେରିକାରେ ପଥମମକରି କୌଣସି ଅଶ୍ୱେତ ନାଗରିକ ଭୋଟ୍ ଦେଲେ ।
୧୮୮୯- ଫ୍ରାନ୍ସରେ ଏଫିଲ୍ ଟାୱାରକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରାଗଲା ।
୧୯୨୧- ରୟାଲ୍ ଅଷ୍ଟ୍ରେଲିଆ ଏୟାରଫୋର୍ସର ସ୍ଥାପନା କରାଗଲା ।
୧୯୫୯- ବୌଦ୍ଧ ଧର୍ମଗୁରୁ ଦଲାଇଲାମାଙ୍କୁ ଭାରତରେ ଶରଣ ଦିଆଗଲା ।

## ହାଃହାଃ

ଭିକାରି: ବାବୁ, ଦୁଇ ଦିନ ହେଲା କିଛି ଖାଇନି, ଟଙ୍କାଟିଏ ଦିଅନ୍ତୁ ।
କଞ୍ଜୁସ: ଏଇ ନିଅ ୫ ଟଙ୍କା । କିନ୍ତୁ ଗୋଟେ କଥା କୁହ, କାଲି ତୁମେ ସେପାଖ ଗଳିରେ ଭିକ ମାଗୁଥିଲ, ଆଜି ଏପାଖ ଗଳିକୁ କେମିତି ଆସିଲ?
ଭିକାରି: ବାବୁ, ବ୍ୟବସାୟ ବଢ଼ାଇବା ପାଇଁ ଆଜି ନୂଆ ବ୍ରାଞ୍ଚ୍ ଖୋଲିଛି !

## ନୂଆ ଅନ୍ଦାଜରେ କ୍ରିତି



କ୍ରିତି ସନନ ନିଜ ଫ୍ୟାନମାନଙ୍କୁ ଏକ ସରପ୍ରାଇଜ ଦେଇଛନ୍ତି । ହୋମି ଅଦାଜାନିଆଙ୍କ ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ର 'କକଟେଲ୍ ୨'ରେ ଅଭିନେତ୍ରୀ କ୍ରିତିଙ୍କୁ ଦେଖିବାକୁ ମିଳିବ । ଏକ ସମ୍ପୂର୍ଣ୍ଣ ନୂଆ ଏବଂ ଗ୍ଲାମରସ ଅବତାରରେ ଏହି ଫିଲ୍ମରେ କ୍ରିତି ନଜର ଆସିବେ ବୋଲି ଆଲୋଚନା ହେଉଛି । ଶାହିଦ କପୁର ଏବଂ ରଶ୍ମିକା ମନ୍ଦାନାଙ୍କ ସହ ମୁଖ୍ୟ ଭୂମିକାରେ ଅଭିନୟ କରୁଥିବା କ୍ରିତି ଏହି ଚରିତ୍ରକୁ ନିଜ କ୍ୟାରିୟରର ଟର୍ଣ୍ଣିଂ ପଏଣ୍ଟ ପାଲଟିଛି । ଗତ ମାର୍ଚ୍ଚ ୧୩ ତାରିଖରେ ଶାହିଦ ଓ କୃତି ଚଳଚ୍ଚିତ୍ରର ରିଲିଜ୍ ତାରିଖ ଘୋଷଣା କରିଥିବା ବେଳେ ଏହା ୨୦୨୬ ଜୁନ୍ ୧୯ରେ ଏହା ରିଲିଜ ହେବାକୁ ଯାଉଛି । ଏହି ଫିଲ୍ମରେ କ୍ରିତିଙ୍କର ଏକ ଭିନ୍ନ ଅନ୍ଦାଜ ଦର୍ଶକ ଦେଖିବାନେଇ ଆଲୋଚନା ହେଉଛି । ସେହିଭଳି ଏଭଳି ଏକ ଭିନ୍ନ ଧରଣର ପ୍ରୋଜେକ୍ଟରେ କାମ କରି କ୍ରିତି ମଧ୍ୟ ଖୁବ ଖୁସି ଅଛନ୍ତି । ଫିଲ୍ମଟିର ପ୍ରଥମ ଭାଗ ଭଳି ସିକୁଏଲକୁ ମଧ୍ୟ ଦର୍ଶକ ଖୁବ ପସନ୍ଦ କରିବେ ବୋଲି ପୁରା ଟିମ ଆଶା ରଖିଛନ୍ତି ।

## ଲାଲ ଦେଖାଗଲା ପୃଥିବୀ

ଅଷ୍ଟ୍ରେଲିଆର କିଛି ଅଂଶର ଆକାଶରେ ଏକ ଅଲୌକିକ ଦୃଶ୍ୟ ଦେଖିବାକୁ ମିଳିଛି, ଯେଉଁଠାରେ 'ସାଇକ୍ଲୋନ୍ ନାରେଲ୍' ପ୍ରଭାବରେ ସମ୍ପୂର୍ଣ୍ଣ ପରିବେଶ ରକ୍ତ ପରି ଲାଲ୍ ରଙ୍ଗରେ ପରିଣତ ହୋଇଯାଇଛି । ରିପୋର୍ଟ ଅନୁଯାୟୀ, ଏହି ଶକ୍ତିଶାଳୀ ବାତ୍ୟା ପ୍ରଥମେ କୁଇନ୍ସଲ୍ୟାଣ୍ଡ ଏବଂ ପରେ ଉତ୍ତର ଅଷ୍ଟ୍ରେଲିଆ ଦେଇ ଗତି କରିବା ପରେ ପଶ୍ଚିମ ଉପକୂଳରେ ଭୟଙ୍କର ରୂପ ଧାରଣ କରିଥିଲା । ଏହି ସମୟରେ ପ୍ରବଳ ବେଗରେ ପବନ (ପ୍ରାୟ ୨୦୦ କିମି/ଘଣ୍ଟା) ଅଷ୍ଟ୍ରେଲିଆର ଶୁଷ୍କ ମରୁଭୂମି ଅଞ୍ଚଳରୁ ପ୍ରଚୁର ପରିମାଣର ଆଇରନ୍ ଅକ୍ସାଇଡ୍ ବା ଲୁହା ଅଂଶ ଥିବା ଲାଲ୍ ମାଟି ଓ ଧୂଳିକଣାକୁ ଆକାଶକୁ ଉଠାଇ ନେଇଥିଲା । ବିଜ୍ଞାନରେ ଏହାକୁ 'ମାଇ ସ୍କାଟରିଂ' କୁହାଯାଏ, ଯେଉଁଥିରେ ବାୟୁମଣ୍ଡଳରେ ଥିବା ଏହି ବଡ଼ ଧୂଳିକଣାଗୁଡ଼ିକ ସୂର୍ଯ୍ୟଙ୍କ ନୀଳ ଓ ସବୁଜ କିରଣକୁ ଅବରୋଧ କରି କେବଳ ଲମ୍ବା ତରଙ୍ଗ ଦୈର୍ଘ୍ୟ ବିଶିଷ୍ଟ ଲାଲ୍ କିରଣକୁ ପୃଥିବୀ ପୃଷ୍ଠକୁ ଆସିବାକୁ ଦେଇଥାଏ । ଯାହା ଫଳରେ ଦିନ ଦ୍ୱିପ୍ରହରରେ ମଧ୍ୟ ଆକାଶ ସମ୍ପୂର୍ଣ୍ଣ ଲାଲ୍ ଦେଖାଯାଇଥାଏ । ବିଶେଷ କରି ଶାର୍କ ବେ , ଡେନହାମ୍ ଏବଂ ଓନସଲୋ ଭଳି ସହରରେ ଭିଜିବିଲିଟି ଶୂନ୍ୟକୁ ଖସି ଆସିବା ସହ ଲୋକେ ଏହାକୁ ଦେଖି ଆତଙ୍କିତ ହୋଇପଡ଼ିଥିଲେ । ବୈଜ୍ଞାନିକମାନେ ଚେତାବନୀ ଦେଇଛନ୍ତି ଯେ ଜଳବାୟୁ ପରିବର୍ତ୍ତନ ଯୋଗୁଁ ସମୁଦ୍ରର ତାପମାତ୍ରା ବୃଦ୍ଧି ପାଉଥିବାରୁ ଏଭଳି ଶକ୍ତିଶାଳୀ 'ଟ୍ରିପଲ୍ ଷ୍ଟ୍ରାଇକ୍' ସାଇକ୍ଲୋନ୍ ଏବଂ ଭୟଙ୍କର ଧୂଳିଝଡ଼ ଆଗକୁ ବାରମ୍ବାର ଦେଖାଦେବାର ସମ୍ଭାବନା ରହିଛି । ତେଣୁ ବର୍ତ୍ତମାନ ଜଳବାୟୁ ପରିବର୍ତ୍ତନକୁ ରୋକିବା ପାଇଁ ଉପଯୁକ୍ତ ପଦକ୍ଷେପ ନେବାର ସମୟ ଆସିଛିବୋଲି ସେମାନେ ମତ ଦେଇଛନ୍ତି ।






**ମେଷ:** କର୍ମରେ ଆନନ୍ଦ, ଲୋସମ୍ପର୍ମ ବୃଦ୍ଧି, ପାରିବାରିକ ସହଯୋଗ, ବନ୍ଧୁକଷ୍ଟ, ଶତ୍ରୁ ସମସ୍ୟା, ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତା, ବାଣିଜ୍ୟରେ ସ୍ୱଳ୍ପ ଲାଭ, ଶରୀର ସୁସ୍ଥ, ବିଦେଶ ଭ୍ରମଣ, ସନ୍ତାନଲାଭ, ଅଶ୍ୱିନୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୬, ଆରାଧନା- ଲକ୍ଷ୍ମୀନାରାୟଣ ।

**ବୃଷ:** ଶରୀର ଅସୁସ୍ଥ, ବିଭିନ୍ନ କାର୍ଯ୍ୟରେ ସମସ୍ୟା, ଶତ୍ରୁ ସମସ୍ୟା, ଲୋକସମ୍ପର୍କ ହାନି, ବନ୍ଧୁ ସହାୟତା, ବାକିଧନ ଫେରସ୍ତ, ନୂତନ କର୍ମପ୍ରତି ଆଗ୍ରହ, ବିଦ୍ୟାରେ ସଫଳତା, ରୋହିଣୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଦାମୀ, ସଂଖ୍ୟା-୮, ଆରାଧନା- ମା' ବଗଳାମୁଖୀ ।

**ମିଥୁନ:** ଦ୍ରବ୍ୟଲାଭ, ବନ୍ଧୁ ସହଯୋଗ, ବ୍ୟବସାୟରେ ଉନ୍ନତି, କଳହ ସମାଧାନ, ଶତ୍ରୁ ପରାଜିତ, ନୂତନ କର୍ମପ୍ରତି ଆଗ୍ରହ, ସମ୍ମାନ ପ୍ରାପ୍ତି, ଶରୀର ସୁସ୍ଥ, ସନ୍ତାନ ସମସ୍ୟା, ଆଦ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୧୨, ଆରାଧନା- ମହାଲକ୍ଷ୍ମୀ ।

**କର୍କଟ:** ସୁସମ୍ବାଦ ପ୍ରାପ୍ତି, ଦ୍ରବ୍ୟ କ୍ରୟ, ଶତ୍ରୁ ସମସ୍ୟା ସମାଧାନ, ଲୋକସମ୍ପର୍କ ବୃଦ୍ଧି, ଧନଲାଭ, ଶରୀର ସ୍ୱଳ୍ପ ଅସୁସ୍ଥ, ଭୂସମ୍ପତ୍ତିଲାଭ, ବିଦ୍ୟାରେ ସଫଳତା, ପୁଷ୍ୟା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ପିଙ୍କ, ସଂଖ୍ୟା-୧୦, ଆରାଧନା- ପ୍ରଭୁ ହନୁମାନ ।

**ସିଂହ:** ବନ୍ଧୁ ସହଯୋଗ, ନୂତନ ଲାଭ, କର୍ମକ୍ଷେତ୍ରେ ସଫତଳା, ବିଶିଷ୍ଟ ବ୍ୟକ୍ତିଙ୍କ ଦ୍ୱାରା ଲାଭ, ଅର୍ଥଲାଭ, ଗାଡ଼ିଚାଳନାରେ ସାବଧାନ, ଶତ୍ରୁ ଦେଖାଦେବେ, ଗୃହେ କଳହ, ଲୋକସମ୍ପର୍କ ବୃଦ୍ଧି, ମଘା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୭, ଆରାଧନା- ପ୍ରଭୁଶ୍ରୀରାମ ।

**କନ୍ୟା:** ଆୟ ଅପେକ୍ଷା ବ୍ୟୟ ଅଧି କ, ଶରୀର ଅସୁସ୍ଥ, ମାଲିମୋକଦ୍ଦମାରେ କଷ୍ଟ, ବ୍ୟବସାୟରେ ଶତ୍ରୁତା, ପିଲାଙ୍କ ସମସ୍ୟା ଦେଖାଦେବ, ହସ୍ତା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଦାମି, ସଂଖ୍ୟା-୪, ଆରାଧନା- ଲକ୍ଷ୍ମୀନୃସିଂହ ।

**ତୁଳା:** ସ୍ୱାସ୍ଥ୍ୟରେ ଉନ୍ନତି, ବ୍ୟବସାୟରେ ସ୍ୱଳ୍ପ ଲାଭ, ନିଜ ଲୋକଙ୍କ ଠାରୁ ବିରୋଧ, ପିଲାଙ୍କ ସମସ୍ୟା, ନୂତନ ଦ୍ରବ୍ୟଲାଭ, କଚେରି ମାମଲା ସମାଧାନ, ସ୍ୱାତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ପିଙ୍କ, ସଂଖ୍ୟା-୭, ଆରାଧନା- ପିତାମାତାଙ୍କ ସେବା ।

**ବିଛା:** ଅର୍ଥସମସ୍ୟା, ଅଣ୍ଡାଜନିତ ରୋଗ, ଦାମ୍ପତ୍ୟ ଖୁସି, ପୁରୁଣା ମାମଲା ସମାଧାନ, ବନ୍ଧୁ ବିଦ୍ରୋହ, ଅଚାନକ ଖୁସି ଖବର, ଆଶାପୂର୍ତ୍ତିରେ ବିଳମ୍ବ, ସମସ୍ୟା ସମାଧାନ, ଗୁରୁଜନେ ଖୁସି, ଅନୁରାଧା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ- ହଳଦୀ, ସଂଖ୍ୟା-୪, ଆରାଧନା- ପ୍ରଭୁ ଜଗନ୍ନାଥ ।

**ଧନୁ:** ଆଭୂଷଣ ପ୍ରାପ୍ତି, ବିବାଦ ସମାଧାନ, ଯାନବାହନ କ୍ରୟ, କିଛି କାର୍ଯ୍ୟରେ ବିଳମ୍ବ, ଶତ୍ରୁ କଷ୍ଟ, ବିଦେଶ ଗ୍ରସ୍ତ, କର୍ମକ୍ଷେତ୍ରେ ଖୁସି, ଲୋକସମ୍ପର୍କ ବୃଦ୍ଧି, ଅର୍ଥଲାଭ, ସୁମିଷ୍ଟ ଭୋଜନ, ବିଦ୍ୟାରେ ସଫଳତା, ମୂଳା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୧୨, ପ୍ରତିକାର- ବୟସ୍କଲୋକଙ୍କୁ ସାହାଯ୍ୟ କରନ୍ତୁ ।

**ମକର:** ମନସ୍ତାପ, ଦୂରଯାତ୍ରାରେ ଅସଫଳ, ଶାରୀରିକ ପୀଡ଼ା, ଗୃହଶତ୍ରୁ, ଖର୍ଚ୍ଚାନ୍ତଯୋଗ, ଦେବଦର୍ଶନ, ବ୍ୟବସାୟରେ ସ୍ୱଳ୍ପ ଲାଭ, କଚେରୀ ମାମଲାରେ କଷ୍ଟ, ଦାମ୍ପତ୍ୟ ଖୁସି, ବିଦ୍ୟାରେ ସଫଳତା, ଶ୍ରବଣା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ- ବାଦାମୀ, ସଂଖ୍ୟା-୨, ଆରାଧନା- ମା' ଦକ୍ଷିଣକାଳୀ ।

**କୁମ୍ଭ:** ଯାତ୍ରାରେ ଖୁସି, ଲୋକସମ୍ପର୍କ ବୃଦ୍ଧି, ବ୍ୟବସାୟରେ ସ୍ୱଳ୍ପ ଲାଭ, ଶରୀର ସୁସ୍ଥ, ପାରିବାରିକ ଖୁସି, ମୋକଦ୍ଦମାରେ ବିଜୟ, ଆଶାପୂର୍ତ୍ତିରେ ବିଳମ୍ବ, ପରିଶ୍ରମଜନିତ କ୍ଲାନ୍ତି, ଦେବଦର୍ଶନ, ଶତଭିଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-କଳା, ସଂଖ୍ୟା-୮, ଆରାଧନା- ପ୍ରଭୁ ରାଧାବଲ୍ଲଭ ।

**ମୀନ:** ଆୟବୃଦ୍ଧି, ଦ୍ରବ୍ୟପ୍ରାପ୍ତି, ସନ୍ତାନସିଖ, ଦୂରଯାତ୍ରା, ନୂତନ କାର୍ଯ୍ୟ ପ୍ରତି ଆଗ୍ରହ, ସମସ୍ୟା ସମାଧାନ, ଶତ୍ରୁ ନାଶ, ସନ୍ତାନ ପ୍ରାପ୍ତି, ଅର୍ଥ ସମସ୍ୟା ସମାଧାନ, ବିଦ୍ୟାଲାଭ, ଉତ୍ତରାଭାଦ୍ର ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଗୋଲାପି, ସଂଖ୍ୟା-୯, ଆରାଧନା- ମା' ଭଗବତୀ ।

**ଚୈତ୍ର ଶୁକ୍ଳପକ୍ଷ, ତ୍ରୟୋଦଶୀ**
**୩୧.୩.୨୦୨୬ ମଙ୍ଗଳବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

# କେନ୍ଦୁଝର ପୌରପାଳିକା ଉପାଧ୍ୟକ୍ଷ ବରଦା ପ୍ରସନ୍ନ ଦାସ ବିଜେପିରେ

ଭୁବନେଶ୍ୱର, (ସବ୍ୟୁ): ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀଙ୍କ ବିକାଶମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ କେନ୍ଦୁଝର ପୌରପାଳିକାର ଉପାଧ୍ୟକ୍ଷ ବରଦା ପ୍ରସନ୍ନ ଦାସ ବିଜେଡି ଛାଡ଼ି ବିଜେପିରେ ଯୋଗଦେଇଛନ୍ତି।



ସେହିପରି କେନ୍ଦୁଝର ପୌରପାଳିକାର ୧ନଂ. ୱାର୍ଡ କାଉନ୍‌ସିଲର ଶରତକୁମାର ସାହୁ, ୭ ନଂ. ୱାର୍ଡର କାଉନ୍‌ସିଲର ଅଭିନାଶ ମିଶ୍ର, ୮ ନଂ. ୱାର୍ଡର କାଉନ୍‌ସିଲର ଦୟାନିଧି ପାତ୍ର, ୧୦ ନଂ. ୱାର୍ଡର କାଉନ୍‌ସିଲର ପଦ୍ମିନୀ ପାତ୍ର, ୧୨ନଂ. ୱାର୍ଡର କାଉନ୍‌ସିଲର କରୁଣାକର ମାରାଣ୍ଡି, ୧୫ ନଂ. ୱାର୍ଡର କାଉନ୍‌ସିଲର ଭଗବାନ ନାଏକ, ୧୬ ନଂ. ୱାର୍ଡର କାଉନ୍‌ସିଲର ସବିତା ପଟ୍ଟନାୟକ ଏବଂ ୨୧ ନଂ. ୱାର୍ଡର କାଉନ୍‌ସିଲର ହେମନ୍ତ କୁମାର ପତିଙ୍କ ସମେତ ବିଜେଡି ଜିଲ୍ଲା ସାଧାରଣ ସମ୍ପାଦକ ଶୁଭେନ୍ଦୁ ପଟ୍ଟନାୟକ ବିଜେଡି ଦଳ ପରିତ୍ୟାଗ କରି ଆନୁଷ୍ଠାନିକ ଭାବେ ବିଜେପିରେ ସାମିଲ ହୋଇଛନ୍ତି। ସେହିପରି କେନ୍ଦୁଝର ଜିଲ୍ଲାର ବହୁ ନେତା ଓ କର୍ମୀ ବିଜେପିରେ ଯୋଗଦାନ କରିଛନ୍ତି। ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ ସମସ୍ତଙ୍କୁ ଦଳୀୟ ଟୋପି ଓ ଉତରୀୟ ପିନ୍ଧାଇ ଦଳକୁ ସ୍ୱାଗତ କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ, ୨୪ ବର୍ଷର ବିଜେଡି ସରକାର କେବଳ କଥା କହୁଥିଲେ, କିଛି କରୁନଥିଲେ। କେବଳ ଭୋଟ ବ୍ୟାଂକ ପାଇଁ କାମ କରୁଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିନାଶ ଆଡକୁ ନେଇଯାଉଥିଲେ। ଜଣଙ୍କ ହାତରେ କ୍ଷମତା ଥିଲା। ବର୍ତ୍ତମାନ ବିଜେପିର ଡବଲ ଇଂଜିନ ସରକାର ବିକାଶ ପାଇଁ କାମ କରୁଛନ୍ତି। କେନ୍ଦୁଝର ଜିଲ୍ଲା ପାଇଁ ଆଜି ହେଉଛି ଐତିହାସିକ ଦିନ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କେନ୍ଦୁଝର ପୌରପାଳିକାର ଜନପ୍ରତିନିଧିମାନେବିଜେପିରେ ସାମିଲ ହୋଇଛନ୍ତି। ଖଣିଜ ସଂପଦ ଭରପୁର କେନ୍ଦୁଝର ଜିଲ୍ଲାରେ ଅନେକ ଶିଳ୍ପ ପ୍ରତିଷ୍ଠା ହେବ। କେନ୍ଦୁଝରକୁ ସୁନାର କେନ୍ଦୁଝର ଗଢି ତୋଳିବା ଆମର ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ରାଜ୍ୟ ସଭାପତି ଶ୍ରୀ ସାମଲ କହିଛନ୍ତି ଯେ, ଏହି ଦଳ ହେଉଛି ରାଷ୍ଟ୍ରବାଦୀ ବିଚାରାଧାରାର ଦଳ। ଗତ ସାଧାରଣ ନିର୍ବାଚନ ସଂକଳ୍ପପତ୍ରରେ ବିଜେପି ଯାହାସବୁ ପ୍ରତିଶ୍ରୁତି ଦେଇଥିଲା ତାହା ସବୁ ପୂରଣ କରିଚାଲିଛି। ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଏଭଳି ଲୋକାଭିମୁଖୀ କାର୍ଯ୍ୟ ଉପରେ ରାଜ୍ୟବାସୀଙ୍କ ଆସ୍ଥା ଓ ବିଶ୍ୱାସ ଦିନକୁ ଦିନ ବଢୁଥିବାରୁ ବିଜେପିରେ ଯୋଗଦାନ ବଢ଼ିଚାଲିଛି। ଆଜିର ଏହି ମିଶ୍ରଣ ଦ୍ୱାରା ଭାରତୀୟ ଜନତା ପାର୍ଟି କେନ୍ଦୁଝର ଜିଲ୍ଲା ସମେତ ରାଜ୍ୟରେ ମଧ୍ୟ ସଂଗଠନ ସଶକ୍ତ ହୋଇଛି।

# ବଙ୍ଗୀୟ ମହିଳାଙ୍କୁ ଗଣବଳାତ୍କାର, ଦୁଇ ଗିରଫ

**ରାଜଧାନୀରେ ଚାଞ୍ଚଲ୍ୟ**

ଭୁବନେଶ୍ୱର, (ସବ୍ୟୁ) : ଜଣେ ବଙ୍ଗୀୟ ମହିଳାଙ୍କୁ ଗଣବଳାତ୍କାର କରିଥିବା ଦୁଇ ଅଭିଯୁକ୍ତ ବିଚିତ୍ର ସାହୁ ଓ ନାରାୟଣ ସାହୁଙ୍କୁ ତମାଣ୍ଡୋ ଥାନା ପୋଲିସ ଗିରଫ କରିଛି । ପୀଡିତାଙ୍କୁ ରେଳ ଷ୍ଟେସନରେ ଛାଡିବାକୁ ନେବା ପରିବର୍ତ୍ତେ ବନ୍ଧୁଙ୍କ ରୁମ୍‌କୁ ନେଇ ଗଣବଳାତ୍କାର କରାଯିବା ଘଟଣା ୨/୩ଦିନ ହେବ ସେହି ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି । ନାରାୟଣଙ୍କ ଭଉଣୀଙ୍କ ପଡୋଶିନୀ ହେଉଛନ୍ତି ପୀଡିତା । ସେ ଖଡଗପୁର ଯିବା ପାଇଁ ନାରାୟଣଙ୍କ ଭଉଣୀକୁ ଅନୁରୋଧ କରି କହିଥିଲେ ଯେ, ତୁମ ଭାଇଙ୍କୁ କୁହ ମୋତେ ଷ୍ଟେସନରେ ଛାଡିଦେବାକୁ । କାରଣ ମୁଁ ଖଡଗପୁର ଯିବି । ଡେରି ରାତିରେ ଟ୍ରେନ୍ ଥିବାରୁ ଅନ୍ୟ ଗାଡିରେ ଯାଇହେବ ନାହିଁ । ଏହା ଶୁଣିବା ପରେ ଭଉଣୀ ଭାଇ ନାରାୟଣଙ୍କୁ ଷ୍ଟେସନରେ ଛାଡିଦେବା ପାଇଁ କହିଥିଲା । ଭଉଣୀ କଥା ମାନି ନାରାୟଣ ପୀଡିତା ମହିଳାଙ୍କୁ ସାଙ୍ଗରେ ନେଇ ରେଳଷ୍ଟେସନ ବାହାରିଥିଲା । ଷ୍ଟେସନ ଯିବା ପରିବର୍ତ୍ତେ ଅଭିଯୁକ୍ତ ବିଚିତ୍ର ସାହୁ ଭଡାଘରକୁ ନେଇଥିଲା । ସେଠାରେ ଉଭୟେ ବଙ୍ଗୀୟ ମହିଳାଙ୍କୁ ମାରଣାସ୍ତ୍ର ଦେଖାଇ ଭୟଭୀତ କରି ବଳାତ୍କାର କରିଥିଲେ । ଘଟଣାସ୍ଥଳ ବିଚିତ୍ରର ଭଡାଘର ତମାଣ୍ଡୋ ଥାନା ଅନ୍ତର୍ଗତ ରଣସିଂହପୁର ଗାଁରେ ହୋଇଥିବାରୁ ପୀଡିତା ଥାନାକୁ ଯାଇ ଏତଲା କରିଥିଲେ । ତାଙ୍କ ଏତଲା ଆଧାରରେ ପୋଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିବା ପରେ ସମସ୍ତଙ୍କୁ ଡାକ୍ତରୀ ମାଇନା କରାଯାଇଥିଲା । ଡାକ୍ତରୀ ମାଇନା ସରିବା ପରେ ଦୁଇ ଅଭିଯୁକ୍ତଙ୍କୁ ପୋଲିସ କୋର୍ଟଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହୋଇଯିବାରୁ ବିଚିତ୍ର ଓ ନାରାୟଣଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି । ଦୁଇ ଅଭିଯୁକ୍ତ ଆମ୍ବୁଲାନ୍ସ ଡ୍ରାଇଭର ଭାବେ କାମ କରନ୍ତି ।

DSPL- 10001/151/2526

## ଅଂଶୁଘାତ ସତର୍କତା

### ଲକ୍ଷଣ

- ପ୍ରବଳ ଝାଳ ବୋହିବା
- ମୁଣ୍ଡ ବୁଲାଇ ଅନ୍ଧାର ଦିଶିବା ଓ ବାନ୍ତି ଲାଗିବା
- ପ୍ରବଳ ଶୋଷ ଲାଗିବା
- ମାଂସପେଶୀ ଟାଣି ହେବା
- ଚର୍ମ ଶୁଷ୍କ, ଲାଲ୍ ଓ ଉତ୍ତପ୍ତ ହେବା
- ଅଚେତ ହେବା କିମ୍ବା ବାତ ମାରିବା



### ସତର୍କତା

- ଦିନ ୧୧ଟା ରୁ ୩ଟା ମଧ୍ୟରେ ଖରା ତାତି ଅଧିକ ଥାଏ। ଏହି ସମୟ ମଧ୍ୟରେ ବାହାରକୁ ଯାଆନ୍ତୁ ନାହିଁ। ଜରୁରୀ କାମ ଥିଲେ ବାହାରକୁ ଯିବା ପୂର୍ବରୁ ଯଥେଷ୍ଟ ପାଣି ପିଅନ୍ତୁ ଓ ସାଥିରେ ଛତା, ଚପଲ ଓ ପିଇବା ପାଣି ନିଅନ୍ତୁ
- ଧଳା ରଙ୍ଗର ଢ଼ିଲା ପୋଷାକ, ଛତା ଓ ଜୋତା ବ୍ୟବହାର କରନ୍ତୁ
- ମଝିରେ ମଝିରେ ଛାଇରେ ବିଶ୍ରାମ ନିଅନ୍ତୁ
- ଖରାରେ କଠିନ ପରିଶ୍ରମ କରନ୍ତୁ ନାହିଁ/ ଅଧିକ ଦୂର ଚାଲନ୍ତୁ ନାହିଁ
- କୌଣସି ପ୍ରକାର ମାଦକ ଦ୍ରବ୍ୟ ସେବନ କରନ୍ତୁ ନାହିଁ

### ପ୍ରତିକାର

- ଅଂଶୁଘାତ ଆକ୍ରାନ୍ତଙ୍କୁ ଖୋଲା ଓ ଥଣ୍ଡା ଯାଗାକୁ ନେଇଯାଆନ୍ତୁ, ଓ.ଆର୍.ଏସ୍./ ଚିନି ଲୁଣ ସର୍ବତ/ ସାଦାପାଣି ପିଆନ୍ତୁ
- ପୋଷାକ ଯଥାସମ୍ଭବ ଖୋଲି ଦିଅନ୍ତୁ
- ମୁଣ୍ଡ ଧୋଇ ଦିଅନ୍ତୁ, ଓଦା କପଡ଼ାରେ ପୋଛନ୍ତୁ
- ରୋଗୀକୁ ପଙ୍ଖା/ କୁଲର/ ଏସି ପବନରେ ଶୁଆଇ ଦିଅନ୍ତୁ ଓ ପାଣି ସିଞ୍ଚନ କରନ୍ତୁ
- ଅବସ୍ଥାରେ ଉନ୍ନତି ନହେଲେ ତୁରନ୍ତ ଡ଼ାକ୍ତରଖାନା ନେଇ ଚିକିତ୍ସା କରାନ୍ତୁ

ବୟସ୍କ ତଥା ଅସୁସ୍ଥ ବ୍ୟକ୍ତି ଏବଂ ଗର୍ଭବତୀ ମହିଳାଙ୍କ ପାଇଁ ଅଂଶୁଘାତର ଆଶଙ୍କା ଅଧିକ

OIPR: 10001/10003/2/25-26/0028

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

facebook.com/HFWOdisha
@HFWOdisha
http://www.health.odisha.gov.in/




**Panda Distributor:** ( Authorized Distributor) Cuttack - 82608 27025, **PKB Enterprises:** Dhenkanal - 79785 89757, **Omm Electronics:** Balichandrapur - 89080 80889, **Jagannath Electronics:** Chandolo - 99370 78727, **Sahoo Enterprises:** Kendrapara - 94370 43630, **Prince Electronics:** Jagatsinghpur - 98530 67971, **Padmaja Electronics:** Raghunathpur - 99373 06582, **Swastik Enterprises:** Paradeep - 99370 18333, **Pattanaik Traders:** Kujanga - 89089 90121, **Abhiram Enterprises:** Pattamundai - 99374 91967, **Subhashree Electronics:** Rahama - 94380 45633, **Fahruk Enterprises:** Bilahata - 99374 14354, **Rehan Electronics:** Joranda - 99376 43684, **Mohapatra Distributor:** Badamba - 98617 11544, **Maa Narayani Enterprises:** Tarapur - 99373 61525, **Sairam Agency:** Jagatsinghpur - 94382 75275, **Omm Traders:** Tirtol - 94372 26649, **Sonu Electronics:** Rahama - 89175 98980, **Maa Sarala Electronics:** Jajpur Town - 82497 96792, **Prince Electronics:** Choudwar - 98611 01122, **Dipu Mobile:** Chandolo - 97760 37869, **Jayguru Home Appliances:** Derabis - 94393 65295, **BM Electronics:** Indupur, Kendrapara - 90901 05097, **Sulochana Trading Co.:** Marsagahi, Kendrapara - 80935 63993, **Omm Furniture:** Rajkanika - 9938614202, **Dash Furniture:** Chatta, Kendrapara - 73773 63606, **Abhiram Distributor:** Kendrapara - 99376 10557, **Sunita, Electronics:** Athagarh - 70082 03822, **JMT Traders:** Charbatia, Choudwar, Cuttack - 82498 00093

## ଏମ୍ସ ଭୁବନେଶ୍ୱର ଏବଂ ନାମ୍ସ ପକ୍ଷରୁ ଅଙ୍ଗ ପ୍ରତିରୋପଣ

# ସ୍ୱାସ୍ଥ୍ୟସେବାରେ କୃତ୍ରିମ ବୁଦ୍ଧିମତ୍ତା(ଏଆଇ)ର ଉପଯୋଗ ସମ୍ପର୍କିତ ଆଞ୍ଚଳିକ କର୍ମଶାଳା

ଭୁବନେଶ୍ୱର, (ସବ୍ୟୁ): ଏମ୍ସ ଭୁବନେଶ୍ୱର ପକ୍ଷରୁ ଜାତୀୟ ଚିକିତ୍ସା ବିଜ୍ଞାନ ଏକାଡେମୀ (ନାମ୍ସ) ସହଯୋଗରେ ଅଙ୍ଗ ପ୍ରତିରୋପଣ ଏବଂ ସ୍ୱାସ୍ଥ୍ୟସେବାରେ କୃତ୍ରିମ ବୁଦ୍ଧିମତ୍ତା(ଏଆଇ) ର ଉପଯୋଗ ସମ୍ପର୍କିତ ଏକ ଆଞ୍ଚଳିକ କର୍ମଶାଳା(ସିଏମ୍ଇ) ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଶା, ପଶ୍ଚିମବଙ୍ଗ, ବିହାର ଏବଂ ଝାଡ଼ଖଣ୍ଡ ଭଳି ଚାରୋଟି ରାଜ୍ୟରୁ ତିନି ଶହରୁ ଅଧିକ ଚିକିତ୍ସକଙ୍କ ସମେତ ଅଙ୍ଗ ପ୍ରତିରୋପଣ ଏବଂ ସ୍ୱାସ୍ଥ୍ୟସେବାରେ କୃତ୍ରିମ ବୁଦ୍ଧିମତ୍ତା(ଏଆଇ) କ୍ଷେତ୍ରର ପ୍ରସିଦ୍ଧ ବିଶେଷଜ୍ଞମାନେ ଅଂଶଗ୍ରହଣ କରିଥିଲେ। ଉଦ୍‌ଘାଟନୀ ସମାରୋହରେ ଉଦ୍‌ବୋଧନ ଦେଇ, ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍ଓ)ର ଅତିରିକ୍ତ ଶାସନ ସଚିବ ସୁଭାଶିଷ ପଣ୍ଡା ଅଙ୍ଗ ପ୍ରତିରୋପଣରେ ଏଆଇ ର ପରିବର୍ତ୍ତନଶୀଳ ସମ୍ଭାବନା ଉପରେ ଆଲୋକପାତ କରିଥିଲେ। ବିଶାଳ ଡାଟାବେସ୍‌କୁ ଏକୀକୃତ କରିବା, ବିଶେଷଜ୍ଞମାନଙ୍କୁ ନିଷ୍ପତ୍ତି ନେବାରେ ସହାୟତା ପୂର୍ବକ ଏଆଇ ଅଙ୍ଗ ପ୍ରତିରୋପଣକୁ ବ୍ୟବସ୍ଥିତ ଏବଂ ତ୍ୱରାନ୍ୱିତ କରିବା କ୍ଷେତ୍ରରେ ଉତ୍ପ୍ରେରକର ଭୂମିକା ନିର୍ବାହ କରିବ। ଭାରତ ଅଙ୍ଗ ପ୍ରତିରୋପଣରେ ବିଶ୍ୱ ସ୍ତରରେ ତୃତୀୟ ଅଗ୍ରଣୀ ଦେଶ ଭାବରେ ସ୍ଥାନ ପାଇଛି। ଗତ ବର୍ଷ ପ୍ରାୟ ୨୦ ହଜାର ପ୍ରତିରୋପଣ କରାଯାଇଥିଲା। ପ୍ରାୟ ୮୨ ପ୍ରତିଶତ ଅଙ୍ଗ ଦାନ ଜୀବିତ ଦାତାଙ୍କଠାରୁ ଆସିଥାଏ। ଏକ୍ଷେତ୍ରରେ ମହିଳାମାନେ ସବୁଠାରୁ ବଡ଼ ଦାତା ଗୋଷ୍ଠୀ। ପ୍ରତିରୋପଣର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଘରୋଇ କ୍ଷେତ୍ରରେ ଘଟେ, ଯାହା ସୁଲଭତାକୁ ସୀମିତ କରେ। ଜନସଚେତନତା ବୃଦ୍ଧି ଏବଂ ସରକାରୀ ପ୍ରତିଷ୍ଠାନରୁ ଅଧିକ ଅଂଶଗ୍ରହଣର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ, ଶ୍ରୀ ପଣ୍ଡା। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ଡବ୍ଲ୍ୟୁଏଚ୍ଓ) ଅନୁସାରେ ମାତୃ ମୃତ୍ୟୁ ହାର (ଏମ୍ଏମ୍ଆର୍) ଏବଂ ଶିଶୁ ମୃତ୍ୟୁ ହାର (ଆଇଏମ୍ଆର୍) ହ୍ରାସ କ୍ଷେତ୍ରରେ ଭାରତ ବିଶ୍ୱ ସ୍ତରରେ ଏକ ଅଗ୍ରଣୀ ଦେଶ ବୋଲି ଶ୍ରୀ ପଣ୍ଡା ପ୍ରକାଶ କରିଥିଲେ।




ଗୁଣବତ୍ତା । ପୂର୍ଣ୍ଣ ସ୍ୱାସ୍ଥ୍ୟସେବା ପ୍ରଦାନ ସହିତ ସାମଗ୍ରୀକ କ୍ଷେତ୍ରରେ ଏମ୍ସ ଭୁବନେଶ୍ୱରର ପ୍ରଗତିକୁ ପ୍ରଶଂସା କରି, ଶ୍ରୀ ପଣ୍ଡା କହିଛନ୍ତି ଯେ ଓଡ଼ିଶାରେ ଉନ୍ନତ ସ୍ୱାସ୍ଥ୍ୟସେବା ପ୍ରଦାନ ନିମନ୍ତେ ଭୁବନେଶ୍ୱରରେ ଏମ୍ସ ପ୍ରତିଷ୍ଠା କରାଯାଇଥିଲା। ବର୍ତ୍ତମାନ ସମୟରେ ଏହା ଏମ୍ସ ଦିଲ୍ଲୀ ସହିତ ଦେଶର ଏକ ପ୍ରସିଦ୍ଧ ସ୍ୱାସ୍ଥ୍ୟ ପ୍ରତିଷ୍ଠାନର ମାନ୍ୟତା ପାଇପାରିଛି। କାର୍ଯ୍ୟକ୍ରମରେ ଅଭିଭାଷଣ ରଖି ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏବଂ ସିଇଓ ଡ. ଆଶୁତୋଷ ବିଶ୍ୱାସ, ଦାତା ପୁଲକୁ ବିସ୍ତାର କରିବା, ସଂସ୍ଥାଗତ ପ୍ରସ୍ତୁତିକୁ ମଜବୁତ କରିବା, ଜାତୀୟ ନୀତି ରଣନୀତି ସହିତ ସମନ୍ୱୟ ରଖିବାର ଜରୁରୀ ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହିତ ଏମ୍ସ ଭୁବନେଶ୍ୱର ଅଙ୍ଗ ପ୍ରତିରୋପଣ ଏବଂ କୃତ୍ରିମ ବୁଦ୍ଧିମତ୍ତା ପାଇଁ ଏକ ଆଞ୍ଚଳିକ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା କରିବା ସମ୍ପର୍କରେ ସୂଚନା ଦେଇଥିଲେ। ନାମ୍ସ ସଭାପତି ଡ. ଦିଗମ୍ବର ବେହେରା ଅଙ୍ଗଦାନ କ୍ଷେତ୍ରରେ ଚାହିଦା ଓ ଯୋଗାଣ ମଧ୍ୟରେ ରହିଥିବା ସ୍ୱଷ୍ଟ ପାର୍ଥକ୍ୟ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମର ସଂଗଠନ ସମ୍ପାଦକ ଡ. ଭାଗୀରଥି ଦ୍ୱିବେଦୀ ଏହି ଅବସରରେ ଧନ୍ୟବାଦ ଅର୍ପଣ କରିଥିଲେ।

**ଚାରୋଟି ରାଜ୍ୟର ୩୦୦ ରୁ ଅଧିକ ଚିକିତ୍ସକଙ୍କ ଅଂଶଗ୍ରହଣ**

## ୮୩ ବର୍ଷୀୟା ଅସହାୟ ମା'ଙ୍କୁ ହାଇକୋର୍ଟରୁ ମିଳିଲା ନ୍ୟାୟ

# ଭରଣପୋଷଣ ଆଦେଶ ବିରୋଧରେ ପିଲାମାନେ ଅପିଲ କରିପାରିବେ ନାହିଁ

କଟକ, (ସବ୍ୟୁ) : ଜଣେ ୮୩ ବର୍ଷୀୟା ଅସହାୟ ବିଧବା ମା'ଙ୍କୁ ଭରଣପୋଷଣ ଓ ଆଶ୍ରୟ ସମ୍ବନ୍ଧୀୟ ମାମଲାରେ ଓଡ଼ିଶା ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ବାଲେଶ୍ୱର ଜିଲାର ପାର୍ବତୀ ଦାସଙ୍କ ଦ୍ୱାରା ଦାୟର ଏକ ରିଟ୍ ପିଟିସନର ବିଚାର କରି ଜଷ୍ଟିସ୍ ଆନନ୍ଦ ଚନ୍ଦ୍ର ବେହେରା ଆବେଦନକାରୀ ବୃଦ୍ଧା ମା'ଙ୍କୁ ନ୍ୟାୟ ପ୍ରଦାନ କରିଛନ୍ତି। ଅଦାଲତ ସ୍ୱଷ୍ଟ କରିଛନ୍ତି ଯେ 'ମାତାପିତା ଓ ବରିଷ୍ଠ ନାଗରିକଙ୍କ ଭରଣପୋଷଣ ଏବଂ କଲ୍ୟାଣ ଆଇନ, ୨୦୦୭'ର ଧାରା ୧୬ ଅନୁଯାୟୀ, କେବଳ ବରିଷ୍ଠ ନାଗରିକ ବା ମାତାପିତାଙ୍କୁ ହିଁ ଟ୍ରିବ୍ୟୁନାଲଙ୍କ ଆଦେଶ ବିରୋଧରେ ଅପିଲ୍ କରିବାର ଅଧିକାର ଅଛି। ସନ୍ତାନ କିମ୍ବା ଅନ୍ୟ ସମ୍ପର୍କୀୟମାନେ ଟ୍ରିବ୍ୟୁନାଲଙ୍କ ଆଦେଶ ବିରୋଧରେ ଅପିଲ୍ କରିପାରିବେ ନାହିଁ। ଏହି ମାମଲାରେ ପୁଅଙ୍କ ଦ୍ୱାରା ବାଲେଶ୍ୱର ଜିଲାପାଳଙ୍କ ନିକଟରେ ଦାଖଲ ହୋଇଥିବା ଅପିଲକୁ 'ଅଧିକାର ବର୍ହିଭୂତ' ବୋଲି ଅଦାଲତ ମନେ କରି ବାଲେଶ୍ୱର ଜିଲାପାଳଙ୍କ ୨୦୨୫ ନଭେମ୍ବର ୭ ଆଦେଶକୁ ରଦ୍ଦ କରିବା ସହ ଉପଜିଲାପାଳଙ୍କ ଦ୍ୱାରା ୨୦୨୪ ଫେବୃଆରୀ ୨୯ରେ ପ୍ରଦାନ କରାଯାଇଥିବା ମୂଳ ଆଦେଶକୁ ବଳବତ୍ତର ରଖିଛନ୍ତି।

ପାର୍ବତୀ ଦାସଙ୍କର ଦୁଇ ପୁଅ ରାଜେନ୍ଦ୍ର ଦାସ ଏବଂ ଜିତେନ୍ଦ୍ର ଦାସ। ଅଭିଯୋଗ ଅନୁଯାୟୀ, ଦୁଇ ପୁଅ ପୈତୃକ ସମ୍ପତ୍ତିକୁ ଭାଗ କରି ନେଇଥିଲେ ମଧ୍ୟ ମା'ଙ୍କୁ ରହିବା ପାଇଁ ଗୋଟିଏ ହେଲେ ରୁମ୍ ଦେଇ ନ ଥିଲେ କିମ୍ବା ତାଙ୍କର ଚିକିତ୍ସା ଓ ଖାଇବା ଖର୍ଚ୍ଚ ମଧ୍ୟ ବୁଝୁ ନ ଥିଲେ। ବୟସ୍କା ମା' ଜଣଙ୍କ ନିଜର ଗୁଜୁରାଣ ମେଣ୍ଟାଇବା ପାଇଁ ବାଲେଶ୍ୱର ଉପଜିଲାପାଳଙ୍କ ନିକଟରେ ଆବେଦନ କରିଥିଲେ। ଉପଜିଲାପାଳ ୨୦୨୪ ଫେବୃଆରୀ ୨୯ରେ ନିର୍ଦ୍ଦେଶ ଦେଇଥିଲେ ଯେ ବୟସ୍କା ମା'ଙ୍କୁ ଜଣେ ପୁଅ ତାଙ୍କ ନିଜ ପାଖରେ ରଖିବେ ଓ ଅନ୍ୟ ଜଣେ ପୁଅ ମା'ଙ୍କୁ ମାସିକ ୫,୦୦୦ ଟଙ୍କା ଭରଣପୋଷଣ ବାବଦକୁ ଦେବେ। ପୈତୃକ ଘରେ ମା'ଙ୍କ ରହିବାରେ କେହି ବାଧା ଦେଇପାରିବେ ନାହିଁ। ତେବେ ଉପଜିଲାପାଳଙ୍କ ଏହି ଆଦେଶ ବିରୋଧ କରି ବଡ଼ ପୁଅ ବାଲେଶ୍ୱର ଜିଲାପାଳଙ୍କ ପାଖରେ ଅପିଲ୍ କରିଥିଲେ। ଜିଲାପାଳ ଉପଜିଲାପାଳଙ୍କ ଆଦେଶକୁ ରଦ୍ଦ କରି ପୁନଃଶୁଣାଣି ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ଚ୍ୟାଲେଞ୍ଜ କରି ବୃଦ୍ଧା ମା' ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଅଦାଲତ କହିଛନ୍ତି ଯେ 'ମାତାପିତା ଓ ବରିଷ୍ଠ ନାଗରିକଙ୍କ ଭରଣପୋଷଣ ଏବଂ କଲ୍ୟାଣ ଆଇନ, ୨୦୦୭'ର ଧାରା ୧୬ ଅନୁଯାୟୀ, କେବଳ ବରିଷ୍ଠ ନାଗରିକ ବା ପିତାମାତାଙ୍କୁ ହିଁ ଟ୍ରିବ୍ୟୁନାଲଙ୍କ ଆଦେଶ ବିରୋଧରେ ଅପିଲ୍ କରିବାର ଅଧିକାର ଅଛି। ବରିଷ୍ଠ ନାଗରିକମାନଙ୍କୁ ସୁରକ୍ଷା ଓ ସମ୍ମାନର ସହ ବଞ୍ଚିବାକୁ ସୁଯୋଗ ଦେବା ଏହି ଆଇନର ମୁଖ୍ୟ ଉଦ୍ଦେଶ୍ୟ। ଏହି ପରିପ୍ରେକ୍ଷୀରେ ଜିଲାପାଳଙ୍କ ଆଦେଶ ରଦ୍ଦ କରିବା ସହ ଉପଜିଲାପାଳଙ୍କ ଦ୍ୱାରା ବୟସ୍କା ମା'ଙ୍କ ସପକ୍ଷରେ ଦିଆଯାଇଥିବା ମୂଳ ଆଦେଶକୁ ଅଦାଲତ କାଏମ ରଖିଛନ୍ତି।

# ଏମ୍‌ବିଏ ଛାତ୍ରୀଙ୍କ ଝୁଲନ୍ତା ଶବ ଉଦ୍ଧାର

ଭୁବନେଶ୍ୱର, (ସବ୍ୟୁ) : ଜଣେ ଏମ୍‌ବିଏ ଛାତ୍ରୀଙ୍କ ଝୁଲନ୍ତା ଶବ ଇନ୍‌ଫୋସିଟି ଥାନା ପୋଲିସ ଉଦ୍ଧାର କରି ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ମୃତ୍ୟୁର କାରଣ ସଠିକ୍ ଭାବେ ଜାଣିବା ପାଇଁ ପୋଲିସ ଅନୁସନ୍ଧାନ କରୁଛି ।

ମନୋଜ ମହାରଣାଙ୍କ ଝିଅ ମନୋଜିତା ପ୍ରିୟଦର୍ଶିନୀ । ସେ ଇନ୍‌ଫୋସିଟି ଥାନା ଅନ୍ତର୍ଗତ ଏକ ଘରୋଇ କଲେଜରେ ଏମ୍‌ବିଏର ଦ୍ୱିତୀୟ ବର୍ଷର ଛାତ୍ରୀ । ଘରକୁ ଫୋନ୍ ଯୋଗେ ସେ କହିଥିଲେ ଯେ, ମୋତେ ଏ କଲେଜ ଭଲ ଲାଗୁନାହିଁ । ମୁଁ ଏଠି ଆଉ ପଢିବି ନାହି କିମ୍ବା ହଷ୍ଟେଲରେ ରହିବି ନାହିଁ । ପରିବାର ଲୋକେ ଏହା ଶୁଣିବା ପରେ ଦୁଇବର୍ଷ ପଢିବା ପରେ ଏପରି କାହିଁକି କହୁଛୁ ବୋଲି ତାଙ୍କ ମା' ପଚାରିବାରୁ ସେ ଅଧିକ କିଛି କହିନଥିଲେ । ମା'ଙ୍କ କହିବା କଥା ବାପା କଲେଜ ପାଖକୁ ଗଲେ ସବୁକଥା କହିବୁ, ଏହା ପରେ ନିଷ୍ପତ୍ତି ହେବ ସେଠାରେ ପାଠ ପଢିବୁ କି ନାହିଁ । ଝିଅ ଏପରି କହୁଥିବା ତାଙ୍କ ବାପା ମନୋଜ ଗଣମାଧ୍ୟମକୁ କହିଛନ୍ତି ।

ବ୍ୟବଚ୍ଛେଦ ପରେ ଛାତ୍ରୀଙ୍କ ପରିବାର ଶବ ନେଇଥିଲେ ମଧ୍ୟ ଇନ୍‌ଫୋସିଟି ଥାନାରେ ଅଭିଯୋଗ କରିଛନ୍ତି । ତାଙ୍କର କେହି ଜଣେ ପୁରୁଷ ବନ୍ଧୁଙ୍କ ନାଁ ମଧ୍ୟ ଅଭିଯୋଗରେ ଦର୍ଶାଇଥିବା ମନୋଜଙ୍କ ବନ୍ଧୁ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ତାଙ୍କ କହିବା କଥା ଝିଅ ହଷ୍ଟେଲ ଭିତରେ ଫ୍ୟାନ୍‌ରେ ଝୁଲି ଆତ୍ମହତ୍ୟା କରିବା ପଛରେ କିଛି ରହସ୍ୟ ରହିଛି । ପୁରୁଷ ବନ୍ଧୁଙ୍କ କଥା ହେଉ କିମ୍ବା ଅନ୍ୟ କେଉଁକଥା ହେଉ । ଅଭିଯୋଗର ତଦନ୍ତ ପୋଲିସ ସଠିକ୍ ଭାବେ କଲେ ଛାତ୍ରୀ ମନୋଜିତାଙ୍କ ମୃତ୍ୟୁରହସ୍ୟ ସ୍ୱଷ୍ଟ ହେବ । ପୋଲିସ କହିବା କଥା ବ୍ୟବଚ୍ଛେଦ ରିପୋର୍ଟ ମିଳିଲେ ମୃତ୍ୟୁ କିପରି ହେଲା ଜଣାପଡିବ । ହେଲେ ତଦନ୍ତ ଆଗକୁ ବଢିଲେ ମୃତ୍ୟୁର କାରଣ ଜଣାପଡିବ ।

# ନାବାଳିକା ବଳାତ୍କାରୀକୁ ୨୦ବର୍ଷ ଜେଲ୍

ଭୁବନେଶ୍ୱର, (ସବ୍ୟୁ) : ୨୦୨୦ ମସିହା ଅଗଷ୍ଟ ମାସରେ ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ଘଟିଥିବା ଏକ ନାବାଳିକା ବଳାତ୍କାର ଘଟଣାର ବିଚାର କରି ଫାଷ୍ଟଟ୍ରାକ୍ ସ୍ପେଶାଲ କୋର୍ଟର ଆଡହକ ଆଡିସନାଲ ସେସନ୍ସ ଜଜ୍ ସରୋଜ କୁମାର ସାହୁ ଆସାମୀ ରାଜା ଓରଫ ଅଜୟ ବାରିକକୁ ୨୦ବର୍ଷ ସଶ୍ରମ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି ।

ଅଭିଯୋଗକାରିଣୀ ଅର୍ଚ୍ଚନା ନାୟକ, ସ୍ୱାମୀ ଏବଂ ଦୁଇ ନାବାଳିକା ଝିଅଙ୍କ ସହ ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ହଳଦୀପଡିଆ ବସ୍ତିରେ ଦୀର୍ଘଦିନ ହେବ ରହିଆସୁଥିଲେ । ଉଭୟ ସ୍ୱାମୀ-ସ୍ତ୍ରୀ ବାହାରେ କାମଧନ୍ଦା କରି ପରିବାର ପ୍ରତିପୋଷଣ କରିଥାନ୍ତି । ସବୁଦିନ ଭଳି ୨୦୨୦ ମସିହା ଅଗଷ୍ଟ ୧୪ ତାରିଖ ସକାଳେ ଉଭୟ ଦମ୍ପତି ଘରୁ କର୍ମକ୍ଷେତ୍ରକୁ ବାହାରି ଯାଇଥିଲେ । ଘରେ ୧୩ବର୍ଷୀୟା ନାବାଳିକା ପୀଡିତା ଏବଂ ସାନଝିଅ ଥିଲେ । ଘରେ କେହି ନଥିବାରୁ ସୁଯୋଗ ନେଇ ପାଖ ପଡୋଶୀ ରାଜା ଓରଫ ଅଜୟ ପରିଡା ତାଙ୍କ ଘରେ ପଶି ୧୩ବର୍ଷୀୟା ନାବାଳିକା ଝିଅକୁ ଜୋର୍‌ଜବରଦସ୍ତ ବଳାତ୍କାର କରିଥିଲା । ଘଟଣା ସମ୍ପର୍କରେ ବାହାରେ ପ୍ରକାଶ କଲେ ତାଙ୍କୁ ଏବଂ ତା'ପରିବାର ସଦସ୍ୟଙ୍କୁ ଜୀବନରୁ ମାରିଦେବ ବୋଲି ଧମକ ଦେଇ ସେଠାରୁ ଚାଲିଯାଇଥିଲା । ଘଟଣା ପରେ ନାବାଳିକା ପୀଡିତା ଜଣକ ଅତ୍ୟନ୍ତ ଭୟଭୀତ ହୋଇଯାଇଥିଲା ।

ମା' କାମରୁ ଫେରିବା ପରେ ଝିଅ ନିକଟରୁ ସମସ୍ତ କଥା ଜାଣିବା ପରେ ନ୍ୟାୟ ପାଇଁ ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ପୋଲିସ ରାଜା ଓରଫ ଅଜୟ ପରିଡାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା । ନିର୍ଦ୍ଧାରିତ ସମୟରେ ଚାର୍ଜସିଟ୍ କରାଯାଇଥିଲା ।

## ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

କଟକ , (ସବ୍ୟୁ):କଟକ ସଦର ବ୍ଲକ କାର୍ଯ୍ୟାଳୟଠାରେ ଆଜି ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ,ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଯୁଗ୍ମ ଜନ ଅଭିଯୋଗ ଶୁଣାଣିରେ ସମୁଦାୟ ୫୨ଟି ଅଭିଯୋଗ ହସ୍ତଗତ ହୋଇଥିଲା । ତନ୍ମଧ୍ୟରୁ ୫୧ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ଗୋଟିଏ ସାମୁହିକ ଅଭିଯୋଗ ରହିଥିଲା । ଅଭିଯୋଗ ଶୁଣାଣି ଶିବିରରେ ୧୫ଟି ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଥିଲା । ଏହି ଅଭିଯୋଗ ଶୁଣାଣି କାଳରେ ଆରକ୍ଷୀ ଅଧିକ୍ଷକ ବିନୀତ ଅଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ କମଲଜିତ୍ ଦାସ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ନାୟକଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

## ବିଦେଶୀ ଓ ମହୁଲି ମଦ ଜବତ, ୨ବେପାରୀ ଗିରଫ

ପାଣିକୋଇଲି ,(ସବ୍ୟୁ) : ପାଣିକୋଇଲି ଥାନା ପକ୍ଷରୁ ସନ୍ଧ୍ୟା ପାଟ୍ରୋଲିଂ ସମୟରେ ବିଦେଶୀ ମଦ ଜବତ କରାଯାଇଛି। ସନ୍ଧ୍ୟା ପାଟ୍ରୋଲିଂ ସମୟରେ ସଠିପୁର ନିକଟରେ ଜଣେ ବ୍ୟକ୍ତିଙ୍କ ଏକ ସ୍କୁଟିରେ( ଓଡି୩୪ଓ୍ୱାଇ ୩୩୭୩) ୨ଟି ପେଟିରେ ବିଦେଶୀ ମଦ ନେଇ ଯାଉଥିବା ବେଳେ ସନ୍ଦେହ ହେବାରୁ ତାକୁ ଯାଂଚ କରାଯାଇଥିଲା। ତା ନିକଟରୁ ୨ପେଟି ବିଦେଶୀ ମଦ ମ୍ୟାକଡଲ ନମ୍ବର ଓ୍ୱାନ ୪୨ ବୋତଲ (୧୮୦ଲେଖାଏ) ବିଦେଶ 1 ମଦ ୭.୫୬୦ ଲିଟର ଜବତ କରାଯାଇଥିଲା। ଏହି ଘଟଣାରେ ଏକ ମାମଲା ୧୦୪/୨୬ ରୁଜୁ କରାଯାଇ ପାଣିକୋଇଲି ଥାନା ଅନ୍ତର୍ଗତ ସଠିପୁର ଗ୍ରାମର ରବିନ୍ଦ୍ର ମହାନ୍ତି(୫୨)କୁ ଗିରଫ କରାଯାଇଛି। ଆଜି ତାକୁ ୫୨(ଏ) ଓଡିଶା ଏକ୍ସସାଇଜ ଆକଫରେ ଅଦାଲତ ଚାଲାଣ କରାଯାଇଛି।

# କେନ୍ଦ୍ରୀୟ ବିଦ୍ୟାଳୟ ଆଇଟିବିପିର ବାର୍ଷିକ ଉତ୍ସବ

ଖୋର୍ଦ୍ଧା, (ସବ୍ୟୁ): ଖୋର୍ଦ୍ଧା ତରତୁଆସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ ଆଇଟିବିପି ଖୋର୍ଦ୍ଧାର ପ୍ରଥମ ବାର୍ଷିକ ଉତ୍ସବ ଉଦୟ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବ ରେ ମୁଖ୍ୟ ଅତିଥି ରୂପେ କେ.ଭି.ଏସ୍ ଆଂଚଳିକ କାର୍ଯ୍ୟାଳୟ ଭୁବନେଶ୍ୱର ର ଅବସର ପ୍ରାପ୍ତ ଡେପୁଟି କମଶନର ଶିହରନ ବୋଷ, ସମ୍ମାନିତ ଅତିଥିରୂପେ ଏକଚାଳିଶି ବାଟାଲିୟନ କମାଣ୍ଡେଂଟ ତଥା ଭିଏମ୍‌ସି ର ଅଧ୍ୟକ୍ଷ ନରେନ୍ଦ୍ର ସିଂ, ସେକେଣ୍ଡ କମାଣ୍ଡଂଟ ଦିଗବିଜୟ ସିଂହ, କେଭି ଆଇ ଆଇ ଟି ର ଅଧ୍ୟକ୍ଷ ଚକ୍ରଧର ପୃଷ୍ଟି, କେ ଭି -୨ ର ପ୍ରଭାରୀ ଅଧ୍ୟକ୍ଷ ସୁଶାନ୍ତ ସେଠୀ ଏବଂ ପ୍ରଧାନ ଶିକ୍ଷକ ଗୌରହରି ନାୟକ ଓ ଭାଗିରଥି ପାଣ୍ଡେ, ଭିଏମ୍‌ସି ର ଅଭିଭାବକଙ୍କ ତରଫରୁ ଶରତ କୁମାର ରାଉତ, କଲ୍ୟାଣୀ ମୁଦୁଲି ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ରବୀନ୍ଦ୍ର କୁମାର ଝା ସ୍ୱାଗତ ଭାଷଣ ତଥା ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ । ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଷିତ ଓଡ଼ିଶୀ, ସମ୍ବଲପୁରୀ, ପାଇକ ଆଖଡ଼ା,ଭାରତର ବିବିଧତା ଉପରେ ସାଂସ୍କୃତିକ ନୃତ୍ୟ ଚିତାକର୍ଷକ ହୋଇଥିଲା। ରଚନାତ୍ମକ ଶିକ୍ଷଣ ପ୍ରତିଯୋଗିତା ରେ କୃତୀ ଛାତ୍ରଛାତ୍ରୀ ମାନଙ୍କୁ ପ୍ରମାଣପତ୍ର,ପୁରସ୍କାର ଟ୍ରଫି ତଥା ବିଦ୍ୟାଞ୍ଜଳି ପ୍ରକଳ୍ପ ରେ ସହଯୋଗ କରିଥିବା ଅଭିଭାବକ ମାନଙ୍କୁ ସ୍ମୃତି ଫଳକ ଉତରୀୟ ପ୍ରଦାନ କରାଯାଇ ସମ୍ମାନୀତ କରାଯାଇଥିଲା। ପିତା ମାତା ଙ୍କ ତରଫରୁ ବିଦ୍ୟାଳୟର ଅଧ୍ୟକ୍ଷ, ଶିକ୍ଷକ ଶିକ୍ଷୟିତ୍ରୀ ତଥା କର୍ମଚାରୀମାନଙ୍କୁ ଉତରୀୟ, ସ୍ମୃତି ଫଳକ ଦ୍ୱାରା ସମ୍ମାନୀତ କରାଯାଇଥିଲା। ମଂଚ ପରିଚାଳନା ରେ ଶିକ୍ଷୟିତ୍ରୀ ବର୍ଷାରଣି ସାହୁ, ପ୍ରଜ୍ଞା ଘୋଷ, ଶୁଭଲକ୍ଷ୍ମି ସେନାପତି, ଗୀତାଞ୍ଜଳି ସାହୁ, ଶିକ୍ଷକ ପ୍ରଜ୍ଞା ନାୟକ ସହଯୋଗ କରିଥିଲେ। ଶେଷରେ ଶିକ୍ଷକ ପରମେଶ୍ୱର ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।



## ଆମେ ଦୁଃଖିତ

'ସମୟ' ୩୦/୦୩/୨୦୨୬ ସଂସ୍କରଣର ପୃଷ୍ଠା-୩ରେ 'ବିଜୁଙ୍କ ପ୍ରତି ନିଶିକାନ୍ତ ଦୁବେଙ୍କ ମନ୍ତବ୍ୟ, ଷ୍ଟାଣ୍ଡିଂ କମିଟିରୁ ଇସ୍ତଫା ଦେଲେ ସସ୍ମିତ ପାତ୍ର' ଶୀର୍ଷକ ପ୍ରକାଶିତ ସମ୍ବାଦରେ ଭୁଲକ୍ରମେ ସସ୍ମିତ ପାତ୍ରଙ୍କ ଫଟୋ ସ୍ଥାନରେ ବିଜେପି ସାଂସଦ ସମ୍ବିତ ପାତ୍ରଙ୍କ ଫଟୋ ପ୍ରକାଶ ପାଇଛି। ଏଭଳି ଅନିଚ୍ଛାକୃତ ତ୍ରୁଟି ପାଇଁ ଆମେ ଦୁଃଖିତ।

ସଂପାଦକ

## ଜଳାତଙ୍କ ରୋଗମୁକ୍ତ ସହର ଗଠନ ପାଇଁ

# ବିଏମ୍‌ସି ପକ୍ଷରୁ ସାମୂହିକ ବୁଲା କୁକୁର ଟିକାକରଣ କାର୍ଯ୍ୟର ଶୁଭାରମ୍ଭ

ଭୁବନେଶ୍ୱର; (ସବ୍ୟୁ): ବିଏମ୍ ସିର ସ୍ୱଚ୍ଛ ସର୍ବେକ୍ଷଣରେ ଯୋଡିହେଲା ଆଉ ଏକ ଫର୍ଦ୍ଦ । ଭୁବନେଶ୍ୱର ହେବ ଜଳାତଙ୍କ ରୋଗ ମୁକ୍ତ ସହର । ଏହି ଉଦ୍ଦେଶ୍ୟରେ ସୋମବାର ଠାରୁ ସମଗ୍ର ବିଏମ୍ ସି ଅଞ୍ଚଳରେ ଆରମ୍ଭ ହୋଇଛି ସାମୂହିକ ବୁଲା କୁକୁର ଟିକାକରଣ କାର୍ଯ୍ୟକ୍ରମ । କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି ମେୟର ଶ୍ରୀମତୀ ସୁଲୋଚନା ଦାସ ଓ ବିଏମ୍ ସି କମିଶନର ଚଞ୍ଚଳ ରାଣା । ବିଏମ୍ ସି ମୁଖ୍ୟାଳୟଠାରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଡେପୁଟି ମେୟର ଶ୍ରୀମତୀ ମଂଜୁଲତା କହଁର, ପରିମଳ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାସୂପକାର, ଅତିରିକ୍ତ କମିଶନର ରତ୍ନାକର ସାହୁ, କୈଳାସ ଚନ୍ଦ୍ର ଦାସ, ଏବିସି ଡେପୁଟି କମିଶନର ଅଶୋକ କୁମାର ଦାସ, ଏହି କାର୍ଯ୍ୟକ୍ରମର ନୋଡାଲ ଅଫିସର ଡାକ୍ତର ପ୍ରଶାନ୍ତ କୁମାର ଶିକା, ବିଏମ୍ ସି ପ୍ରାଣୀ ଚିକିତ୍ସକ ଡାକ୍ତର ଦେବି ପ୍ରସାଦ କୁଣ୍ଡ, ଡାକ୍ତର ଦୀପକ ବିନ୍ଧାଣୀ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅଭିଯାନରେ ସାମିଲ ହୋଇଥିବା ଗାଡିଗୁଡିକୁ ପତାକା ଦେଖାଇ ମେୟର ଓ କମିଶନର ଶୁଭାରମ୍ଭ କରିଛନ୍ତି । ଏଥିପାଇଁ ମୋଟ ୧୫ଟି ଟିମ୍ ଗଠନ କରାଯାଇଛି । ଏହି ଟିମ୍ ଗୋଟିଏ ଗୋଟିଏ ୱାର୍ଡରେ ସଂପୂର୍ଣ୍ଣ ଭାବେ ଟିକାକରଣ କରିବା ପରେ ଅନ୍ୟ ୱାର୍ଡକୁ ଯିବେ ।

ଏହାର ପ୍ରମୁଖ ବୈଶିଷ୍ଟ୍ୟଗୁଡିକ ହେଉଛି ଯେ ଏହି ଜଳାତଙ୍କ ରୋଗ ମୁକ୍ତ ସହର ଗଠନ ତଥା ସାମୂହିକ ବୁଲା କୁକୁର ଟିକାକରଣ ପାଇଁ ସମସ୍ତ ସରକାରୀ ନୀତି, ବୈଜ୍ଞାନକ ପଦ୍ଧତି ଏବଂ ପଶୁ କଲ୍ୟାଣ ମାନଦଣ୍ଡକୁ ସୁରକ୍ଷିତ ରଖାଯାଉଛି ।

## ବାଣିଜ୍ୟିକ ଗ୍ୟାସ ସିଲିଣ୍ଡରର ସଙ୍କଟ

# ସିଏଓ ସଦସ୍ୟମାନେ ଆତଙ୍କିତ ନହେବାକୁ ମନ୍ତ୍ରୀଙ୍କ ଆଶ୍ୱାସନା

ଭୁବନେଶ୍ୱର, (ସବ୍ୟୁ): ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସୋମବାର ଦିନ ଓଡ଼ିଶା କ୍ୟାଟରିଂ ଆସୋସିଏସନ୍ (ସିଏଓ) ନେତାମାନଙ୍କୁ ଆଶ୍ୱାସନ ଦେଇ କହିଛନ୍ତି ଯେ, ଏହି ସଙ୍କଟ ସମୟରେ କେହି ମଧ୍ୟ ଆତଙ୍କିତ ହେବାକୁ ଆବଶ୍ୟକ ନାହିଁ। ସରକାର ଏହି ପରିସ୍ଥିତି ସମ୍ବନ୍ଧରେ ସଚେତନ ଓ ରାଜ୍ୟର ସମସ୍ତ ଶ୍ରେଣୀର ଲୋକଙ୍କ ଆବଶ୍ୟକତା ପୂରଣ ପାଇଁ କାମ କରୁଛି। ସିଇଓ ନେତାମାନଙ୍କର ଏକ ପ୍ରତିନିଧି ଦଳ ମନ୍ତ୍ରୀଙ୍କୁ ସାକ୍ଷାତ କରି ବର୍ତ୍ତମାନ ସ୍ଥିତି ସମ୍ପର୍କରେ ଅବଗତ କରାଇଥିଲେ।

ଏହି ଗୁରୁତ୍ୱପୂର୍ଣ୍ଣ ସମୟରେ ସିଏଓ ସଦସ୍ୟମାନେ ଦୈନନ୍ଦିନ କାର୍ଯ୍ୟଚାଳନା କରିବାରେ ଅସୁବିଧା ଭୋଗୁଛନ୍ତି। ବିଶେଷ କରି ବାଣିଜ୍ୟିକ ଗ୍ୟାସ ସିଲିଣ୍ଡରର ଅଭାବ ଏହାର ମୁଖ୍ୟ ସମସ୍ୟା ହୋଇଯାଇଛି। କ୍ୟାଟରିଂ ଆସୋସିଏସନ୍ ଓଡ଼ିଶା ରାଜ୍ୟରେ ନିରବ ଭାବରେ ୧ ଲକ୍ଷରୁ ଅଧିକ ପରିବାର (ସଫାଇ କର୍ମଚାରୀ, ଡ୍ରାଇଭର, ରାନ୍ଧୁଣି, ଅର୍ଦ୍ଧ-କୁଶଳ ଓ ପ୍ରଶିକ୍ଷିତ କର୍ମୀ)ଙ୍କୁ ଜୀବିକା ଯୋଗାଇ ଆସୁଛି। ଏହି ସମସ୍ତ ପରିବାର କ୍ୟାଟରିଂ ବ୍ୟବସାୟ ଉପରେ ନିର୍ଭର କରୁଛନ୍ତି ବୋଲି ସିଏଓ ଅଧ୍ୟକ୍ଷ ବିନୟ ଭୂଷଣ ପଟ୍ଟନାୟକ କହିଛନ୍ତି। ଯଦି ଏହି ପରିସ୍ଥିତି ଚାଲିଥାଏ, ତେବେ କ୍ୟାଟରିଂ ଶିଳ୍ପ ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇଯିବ ଓ ଏହା ସହିତ ସଂପୃକ୍ତ ଅନେକ ଲୋ କ ଚାକିରି ହାରାଇବେ। "ରାଜ୍ୟ ସରକାର ଶୀଘ୍ର ଗ୍ୟାସ ସିଲିଣ୍ଡର ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନେବେ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର ଆଶ୍ୱାସନା ଦେଇଛନ୍ତି।



## ବିଧାନସଭା ସମ୍ମୁଖରେ ମିଳିତ ବିରୋଧୀ ଦଳର ଗଣଧାରଣା

# ସ୍ୱାସ୍ଥ୍ୟସେବାରେ ବିଭ୍ରାଟର ପ୍ରତିବାଦ

ଭୁବନେଶ୍ୱର,(ସବ୍ୟୁ): କଟକ ଏସ୍.ସି.ବି. ମେଡିକାଲ କଲେଜ ଏବଂ ହସ୍ପିଟାଲର ଟ୍ରମା କେୟାର ଆଇସିୟୁରେ ଘଟିଥିବା ଭୟାବହ ଅଗ୍ନିକାଣ୍ଡରେ ୧୩ ଜଣ ନିରୀହ ରୋଗୀଙ୍କ ମୃତ୍ୟୁ ଘଟଣାକୁ ସଂସ୍ଥାଗତ/ ବ୍ୟବସ୍ଥାକୃତ ହତ୍ୟା ଭାବେ ଅଭିଯୋଗ କରି ସୋମବାର ରାଜ୍ୟ ବିଧାନସଭା ସମ୍ମୁଖରେ ମିଳିତ ବିରୋଧୀ ଦଳମାନଙ୍କ ପକ୍ଷରୁ ଏକ ବିଶାଳ ଗଣଧାରଣା ଆୟୋଜିତ ହୋଇଥିଲା । ଏହି ଧାରଣାରେ ବିଜେଡି, କଂଗ୍ରେସ, ସିପିଆଇ, ସିପିଆଇ(ଏମ୍), ସିପିଆଇ(ଏମ୍-ଏଲ୍) ଲିବେରେସନ, ଫରଓ୍ୱାର୍ଡ ବ୍ଲକ୍,ଏନସିପି, ଆରଜେଡି, ସମତା କ୍ରାନ୍ତି ଦଳ ଓ ସମାଜବାଦୀ ପାର୍ଟି ପ୍ରମୁଖ ୧୦ଟି ବିରୋଧୀ ଦଳ ଅଂଶ ଗ୍ରହଣ କରିଥିଲେ । ଏସ୍.ସି.ବି. ଅଗ୍ନିକାଣ୍ଡ ଘଟଣାରେ ସରକାରଙ୍କ ଅକ୍ଷମଣୀୟ ଅବହେଳା ଓ ବ୍ୟବସ୍ଥାପନା ବିଫଳତାକୁ ନିନ୍ଦା କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଦୃଢ଼ ଦାବି କରାଯାଇଥିଲା । ରାଜ୍ୟର ସମସ୍ତ ବର୍ଗର ଲୋକଙ୍କ ଅଭୂତପୂର୍ବ ସମର୍ଥନରେ ଧାରଣା ସଫଳ ହୋଇଥିଲା । ମିଳିତ ଧାରଣାର ସମସ୍ତ ଦାବି ଓ ମିଳିତ ଆନ୍ଦୋଳନକୁ ଶୁଭେଚ୍ଛା ଓ ସମର୍ଥନ ଜଣାଇ ଓଡ଼ିଶାର ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଲିଖିତ ବାର୍ତ୍ତା ପାଠ କରାଯାଇଥିଲା । ସେହିଭଳି ଧାରଣାର ସଫଳତା ଓ ଭବିଷ୍ୟତ ଆନ୍ଦୋଳନ ପାଇଁ ଚେତାବନୀ ସହ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସଙ୍କ ଅଡିଓ ବାର୍ତ୍ତା ମଧ୍ୟ ପାଠ କରାଯାଇଥିଲା । ଧାରଣା ର ଆରମ୍ଭ ରେ ୧୩ ଜଣ ମୃତକ ମାନଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରି ସମବେତ ଜନସାଧାରଣ ଦଣ୍ଡାୟମାନ ହୋଇ ୨ମିନିଟ ନୀରବତା ଅବଲମ୍ବନ କରିଥିଲେ । ମିଳିତ ବିରୋଧୀ ଦଳମାନଙ୍କ ତରଫରୁ ମୃତକ ପରିବାର ମାନଙ୍କ ପ୍ରତି ସମବେଦନା ଜ୍ଞାପନ କରାଯାଇଥିଲା ।



ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ତୁରନ୍ତ ଇସ୍ତଫା କିମ୍ବା ମନ୍ତ୍ରୀମଣ୍ଡଳରୁ ବହିଷ୍କାର,ପ୍ରତ୍ୟେକ ମୃତକ ପରିବାରକୁ ଅନ୍ୟୁନ ୧ କୋଟି ଟଙ୍କା କ୍ଷତିପୂରଣ ଓ ପରିବାରର ଜଣେ ସଦସ୍ୟଙ୍କୁ ସରକାରୀ ଚାକିରୀ, ଉଚ୍ଚ ନ୍ୟାୟାଳୟର ବିଚାରପତିଙ୍କ ଅଧ୍ୟକ୍ଷତାରେ ନ୍ୟାୟିକ ତଦନ୍ତ ଏବଂ ତୁରନ୍ତ ରିପୋର୍ଟ ପ୍ରକାଶ, ସମସ୍ତ ଆହତଙ୍କୁ ମାଗଣା ଉଚ୍ଚମାନର ଚିକିତ୍ସା ଓ ଅନ୍ୟୁନ ୫ ଲକ୍ଷ ଟଙ୍କା ସହାୟତା,ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟ ସହ ଏହି ଅପରାଧ ପାଇଁ ଦାୟୀ ଅଧିକାରୀ, କର୍ମଚାରୀ ଓ ବିଦ୍ୟୁତ ଠିକାଦାରଙ୍କୁ ତୁରନ୍ତ ଗିରଫ,ସମସ୍ତ ସରକାରୀ ଓ ବେସରକାରୀ ହସ୍ପିଟାଲର ଫାୟାର ସେଫଟି ଓ ସୁରକ୍ଷା ଅଡିଟ୍ ଇତ୍ୟାଦି ଦାବୀଗୁଡ଼ିକ ପୂରଣ ନହେଲେ ଆନ୍ଦୋଳନକୁ ରାଜ୍ୟବ୍ୟାପୀ ତୀବ୍ରତ୍ର କରାଯିବ ବୋଲି ସରକାରକୁ ଚେତାବନୀ ଦିଆଯାଇଥିଲା । ଦାବି ଉପରେ ୩୧ ମାର୍ଚ୍ଚ ରେ ରାଜ୍ୟପାଳଙ୍କୁ ସାକ୍ଷାତ କରି ସ୍ମାରକ ପତ୍ର ପ୍ରଦାନ କରାଯିବ ବୋଲି ଘୋଷଣା କରାଯାଇଥିଲା । ବିଜେଡିର ବରିଷ୍ଠ ରାଜ୍ୟ ଉପସଭାପତି ଦେବୀ ପ୍ରସାଦ ମିଶ୍ର, କଂଗ୍ରେସର ବରିଷ୍ଠ ନେତା ଦେବାଶିଷ ପଟ୍ଟନାୟକ, ସି ପି ଆଇ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଏନ୍. ନାରାୟଣ ରେଡ୍ଡୀ, ସି ପି ଆଇ (ଏମ୍) ରାଜ୍ୟ ସମ୍ପାଦକ ସୁରେଶ ପାଣିଗ୍ରାହୀ, ସି ପି ଆଇ (ଏମ୍ ଏଲ)- ଲିବେରେସନ ରାଜ୍ୟ ନେତା ମହେନ୍ଦ୍ର ପରିଡା, ଫରଓ୍ୱାର୍ଡ ବ୍ଲକ ରାଜ୍ୟ ସଭାପତି ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ସମତା କ୍ରାନ୍ତି ଦଳ ରାଜ୍ୟ ସାଧାରଣ ସମ୍ପାଦକ ପ୍ରଭାସ ସାମନ୍ତରା, ଏନ ସି ପି ରାଜ୍ୟ ସଭାପତି ବିକ୍ରମ ସ୍ୱାଇଁ, ଏସ ପି ରାଜ୍ୟ ନେତା ପ୍ରଦୀପ ମିଶ୍ର, ଆର୍ ଜେ ଡି ରାଜ୍ୟ ସାଧାରଣ ସମ୍ପାଦକ ହେମନ୍ତ କୁମାର ପ୍ରମୁଖ ୧୦ଟି ବିରୋଧୀ ଦଳର ବରିଷ୍ଠ ନେତୃବୃନ୍ଦଙ୍କୁ ନେଇ ଗଠିତ ସଭାପତି ମଣ୍ଡଳୀ ମିଳିତ ଧାରଣାକୁ ପରିଚାଳନା କରିଥିଲେ ।

ବିଜେଡି ତରଫରୁ ଅତନୁ ସବ୍ୟସାଚୀ ନାୟକ, ସଞ୍ଜୟ ଦାସବର୍ମା, ଡ଼ଃ ଅରୁଣ ସାହୁ, ଗଣେଶ୍ୱର ବେହେରା,ଗୌତମ ବୁଦ୍ଧ ଦାସ, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପ୍ରଣବ ପ୍ରକାଶ ଦାସ,ଲେଖାଶ୍ରୀ ସାମନ୍ତସିଂହାର, ପ୍ରୀତି ରଞ୍ଜନ ଘଡେଇ, ଚିନ୍ମୟ ସାହୁ, ଇପିସିତା ସାହୁ, ଧ୍ରୁବ ସାହୁ, ଭୃଗୁ ବକ୍ସିପାତ୍ର, ସୁଲୋଚନା ଦାସ, ସୁବାସ ସିଂହ, ରମେଶ ବେହେରା, ବିଜୟ ନାୟକ, କଂଗ୍ରେସ ତରଫରୁ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ, ନିରଞ୍ଜନ ପଟ୍ଟନାୟକ, ଶ୍ରୀକାନ୍ତ ଜେନା, ଜଗନ୍ନାଥ ପଟ୍ଟନାୟକ, ପଞ୍ଚାନନ କାନୁନଗୋ, ସୁରେଶ କୁମାର ରାଉତରାୟ, ପ୍ରସାଦ ହରିଚନ୍ଦନ, ମିନତୀ ବାହିନୀପତି, ତାରା ପ୍ରସାଦ ବାହିନୀପତି, ସନ୍ତୋଷ ସିଂ ସାଲୁଜା, ସି.ଏସ୍. ରାଜନ ଏକା, ଅଶୋକ ଦାସ, ଅରବିନ୍ଦ ଦାସ, ବିଧାୟକ ଲକ୍ଷ୍ମଣ ମୁଣ୍ଡା ପ୍ରମୁଖ ଅନେକ ବରିଷ୍ଠ ନେତୃବୃନ୍ଦ ଧାରଣାରେ ଉଦବୋଧନ ଦେଇ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ର କରିବା ପାଇଁ ଆହ୍ୱାନ ଦେଇଥିଲେ ।

# ମୟୂରଭଞ୍ଜ ସାହିତ୍ୟ ପରିଷଦର, ୪୧ତମ ବାର୍ଷିକ ଉତ୍ସବ




ବାରିପଦା, (ସବ୍ୟୁ) : ନବନିର୍ମିତ ନିଜସ୍ୱ ସଭାଗୃହରେ ସଦସ୍ୟ/ସଦସ୍ୟା ଓ କାର୍ଯ୍ୟକର୍ତ୍ତା ତଥା ଜିଲ୍ଲାର ବିଭିନ୍ନ ସ୍ଥାନରୁ ଆସି ଯୋଗ ଦେଇଥିବା ସାରସ୍ୱତ ଅନୁରାଗୀଙ୍କ ହର୍ଷ ଉଲ୍ଲାସ ମଧ୍ୟରେ ୨୯ ମାର୍ଚ୍ଚ ୨୦୨୬ ମୟୂରଭଞ୍ଜ ସାହିତ୍ୟ ପରିଷଦର ୪୧ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ଓଡିଆ ଭାଷା ଓ ଉତ୍କଳୀୟ ସଂସ୍କୃତିର ପ୍ରତୀକ ପରିଷଦର ପତାକା ଉତ୍ତୋଳନ ହେଲାପରେ ସମାରୋହର ଉଦଘାଟନୀ ମଞ୍ଚ ପ୍ରସ୍ତୁତ ହୋଇଥିଲା । କୋଷାଧ୍ୟକ୍ଷ ଅଧ୍ୟାପକ ସମରେନ୍ଦ୍ର କୁମାର ବଶାଙ୍କ ମଞ୍ଚ ଆମନ୍ତ୍ରଣ ଓ ଅତିଥି ପରିଚୟ ପ୍ରଦାନ କ୍ରମେ ଅନୁଷ୍ଠାନର ସଭାପତି ପଦ୍ମନାଭ ସାହୁ ଉତ୍ସବରେ ପୌରୋହିତ୍ୟ କରିଥିଲେ । ବନ୍ଦେ ଉତ୍କଳ ଜନନୀ ଓ ଜଗନ୍ନାଥ ଭଜନ ପରିବେଷଣ କରିଥିଲେ କ=ଶିଳ୍ପୀ ସୁଶ୍ରୀ ଭାରତୀ । ବେଦପାଠ କରିଥିଲେ ପଣ୍ଡିତ ଭାଗବତ ପ୍ରସାଦ ପଣ୍ଡା । ପରିଷଦର ବାର୍ଷିକ ବିବରଣୀ ଦେଇଥିଲେ ସମ୍ପାଦକ ଇଂ. ମନୋଜ ଦଳବେହେରା । ଉତ୍ସବରେ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର୍ ପ୍ରମୋଦ କୁମାର ଶତପଥୀ "ମୁଖ୍ୟ ଅତିଥି, ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, "ବିଶେଷ ସମ୍ମାନିତ ଅତିଥି ଏବଂ ବରିଷ୍ଠ ସାମ୍ବାଦିକ ଡଃ ବିଜୟ କୁମାର ଅଗ୍ରଓ୍ୱାଲ "ସମ୍ମାନିତ ଅତିଥି ଭାବେ ଯୋଗଦାନ ପୂର୍ବକ ଉଦବୋଧନ ଦେଇ ଓଡ଼ିଆ ଭାଷା ଓ ସାହିତ୍ୟ ତଥା ଉତ୍କଳୀୟ ଅସ୍ମିତା ଏବଂ ପରମ୍ପରାର ସୁରକ୍ଷା ଦିଗରେ ପରିଷଦର ସୁଦୀର୍ଘ ୪୧ବର୍ଷର ନିରନ୍ତର ପ୍ରୟାସକୁ ଭୂୟସୀ ପ୍ରଶଂସା କରିଥିଲେ । ଅତିଥିମାନଙ୍କ ଅମୃତ ହସ୍ତରେ ପରିଷଦର ବାର୍ଷିକ ପତ୍ର "ମୟୂରାକ୍ଷି ଉନ୍ମୋଚିତ ହୋଇଥିଲା । ଏହି ଅବସରରେ ବର୍ଷିୟାନ ସାହିତ୍ୟିକ ନରସିଂହ ବାରିକ, ବରିଷ୍ଠ କବୟତ୍ରୀ ହାରାମଣି ଦଳେଇ, ବିଶିଷ୍ଟ ଲେଖକ ରାମ ନାରାୟଣ ଗିରି, କବୟିତ୍ରୀ ରାଜଲକ୍ଷ୍ମୀ ଦାସ ଏବଂ ଯୁବ ଲେଖିକା ସୁଚରିତା ବେହେରାଙ୍କୁ ମାନପତ୍ର, ଶାଲ୍, ସ୍ମୃତିଫଳକ ଓ ପୁଷ୍ପଗୁଚ୍ଛ ଦେଇ ମୟୂରଭଞ୍ଜ ସାହିତ୍ୟ ସମ୍ମାନ', ସରୋଜିନୀ ପ୍ରଫୁଲ୍ଲ ଓତା ସ୍ମୃତି ସମ୍ମାନ', ସଲୀଳା ମହାନ୍ତି ସ୍ମୃତି ସମ୍ମାନ' ଓ 'ଲକ୍ଷ୍ମୀ କୁମାରୀ ଦାସ ଯୁବ ଲେଖକ ସମ୍ମାନ' ପ୍ରଦାନ କରାଯାଇଥିଲା । ସମ୍ବର୍ଦ୍ଧନା ପତ୍ର ପାଠ କରିଥିଲେ ଡଃ ସଞ୍ଜୀବ କୁମାର ପାଣିଗ୍ରାହୀ, ପାର୍ବତୀ ବାରିକ, ଗୋପାଳ ଚନ୍ଦ୍ର ସାଓ, ଶର୍ମିଷ୍ଠା ମହାନ୍ତି ଓ ସୁଶ୍ରୀ ଭାରତୀ ବେବର୍ତ୍ତା । ଏହାଛଡା ବିଗତ ଦିନମାନଙ୍କରେ ପରିଷଦର ବିଭିନ୍ନ ସାରସ୍ୱତ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ ଓ ସଭାଗୃହ ଉପଲବ୍ଧି କରାଇ ଓଡିଆ ସାହିତ୍ୟ ପ୍ରତି ଶ୍ରଦ୍ଧା ପ୍ରକଟ କରିଥିବା ସ୍ଥାନୀୟ ମହର୍ଷି ପବ୍ଲିକ ସ୍କୁଲ ଅଧ୍ୟକ୍ଷ ଅଶୋକ କୁମାର କରଙ୍କୁ ପୁଷ୍ପ ଉତ୍ତରୀୟ ଓ ସ୍ମୃତିଫଳକ ଦେଇ ଉତ୍ସବରେ ସମ୍ବର୍ଦ୍ଧନା ଦିଆ ଯାଇଥିଲା । ସ୍ଥାନୀୟ ପୌରୋପାଳିକା ଓ୍ୱାର୍ଡ୍ କାଉନସେଲର୍ ସୁକେଶିନୀ ସେଠୀଙ୍କୁ ମଧ ପର୍ବରେ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ମାନିତ କରାହୋଇଥିଲା । ଏତଦ୍ ବ୍ୟତୀତ ଭାଷା ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ସହରକୁ ଅଧିକ ଗତିଶୀଳ କରିବାରେ ସର୍ବଦା ଯନିବାନ ଥିବା ବାରିପଦା ପୌରପରିଷଦର ନଗରପାଳଶ୍ରୀ କୃଷ୍ଣାନନ୍ଦ ମହାନ୍ତିଙ୍କୁ, ଅନୁପସ୍ଥିତି ହେତୁ ପ୍ରଦାନ ହୋଇ ପାରିନଥିବାରୁ ମୟୂରଭଞ୍ଜ ପୁସ୍ତକ ମେଳା-୨୦୨୬' ସମ୍ମାନ ପ୍ରଦାନ କରାଯାଇଥିଲା । ଏତଦ୍ ବ୍ୟତୀତ ଏହି ଅବସରରେ କବି ନରସିଂହ ବାରିକଙ୍କ କବିତା ପୁସ୍ତକ "ମନ ନିର୍ଝରିଣୀ ଲୋକାର୍ପିତ ହୋଇଥିଲା । କାର୍ଯ୍ୟକ୍ରମ ପରିଚଳନାରେ ସାହିତ୍ୟ ପରିଷଦର ପୂର୍ବତନ ସଭାପତି ଅଜିତ କୁମାର କବାଟ, ସହ ସଂପାଦକ ଶିଉଲାଲ ମହାନ୍ତ, ସଦସ୍ୟ ସୁନୀଲ କୁମାର ଜେନା, ଶଙ୍କର ଜେନା, ଅଜୟ କୁମାର ପାଳ, କୁମାର ବାବୁଲି ଓ ସୁଶ୍ରୀ ଜ୍ୟୋସ୍ନା ରାଣୀ ପୁଦି ସହଯୋଗ କରିଥିଲେ । ଧନ୍ୟବାଦ ଦେଇଥିଲେ ଯୁଗ୍ମ ସମ୍ପାଦିକା ବାସନ୍ତୀ ଲତା ମହାପାତ୍ର । ପୁନଶ୍ଚ, ମଧ୍ୟାହ୍ନ ଭୋଜନ ଉପରାନ୍ତ ଦ୍ୱିତୀୟ ଅଧିବେଶନର ସାହିତ୍ୟ ସଭା ଓ କବିତା ପାଠ ଏବଂ ଉଦ୍‌ଯାପନୀ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ଉପସଭାପତି ଜୟନ୍ତ କୁମାର ଦ୍ୱାରୀଙ୍କ ପୌରୋହିତ୍ୟରେ । ମୁଖ୍ୟଅତିଥି ଓ ମୁଖ୍ୟବକ୍ତା ଭାବେ ଯଥାକ୍ରମେ ଡଃ ବୀଣାପାଣି ଦାଶ, ଅଧକ୍ଷା ସ୍ୱାମୀ ବିବେକାନନ୍ଦ ଶିକ୍ଷାଶ୍ରମ ଶୀରିଶବଣି ଓ ଅବସରପ୍ରାପ୍ତ ଲକ୍ଷ୍ମୀକାନ୍ତ ମହା ବିଦ୍ୟାଳୟ ଅଧକ୍ଷା ଡଃ ପୁଷ୍ପା ପାତ୍ର ଯୋଗଦେଇ ସଭାକୁ ସମ୍ବୋଧିତ କରିଥିଲେ । କବିତା ସଂଯୋଜନା କରିଥିଲେ କବି ଡଃ ଶଶିଧର ବିଶ୍ୱାଳ ଏବଂ ବରିଷ୍ଠ କବୟତ୍ରୀ ସୁଶ୍ରୀ ବୀଣାପାଣି ପଣ୍ଡା । କବିତା ଗୁଡ଼ିକ ସମୀକ୍ଷା କରିଥିଲେ ସାହିତ୍ୟ ପରିଷଦର ଅନ୍ୟତମ ଉପସଭାପତି ଓ ବିଶିଷ୍ଟ କବି ଓ ସାହିତ୍ୟିକା ସୁଶ୍ରୀ କାବେରୀ ମିଶ୍ର । କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ ବରିଷ୍ଠ କବୟିତ୍ରୀ ବିରଜା ଦେବୀ ଓ ରଶ୍ମିତା ପାତ୍ର । ପରିଶେଷରେ ଧନ୍ୟବାଦ ଦେଇଥିଲେ ପରିଷଦର ସମ୍ପାଦକ ଇଂ. ମନୋଜ ଦଳବେହେରା ।

## ଭଞ୍ଜନଗର କେଭି ପାଇଁ ୭ ପିଜିଟି ଶିକ୍ଷକ ଅନୁମୋଦନ

ଭଞ୍ଜନଗର, (ସବ୍ୟୁ): ଗଞ୍ଜାମ ଜିଲ୍ଲା ଭଞ୍ଜନଗର କେନ୍ଦ୍ରୀୟ ବିଦ୍ୟାଳୟ ଆଜକୁ ୧୬ ବର୍ଷ ହେବ ସ୍ଥାନୀୟ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟର ଅବ୍ୟବହୃତ ହଷ୍ଟେଲ କୋଠାରେ ଚାଲିଛି । ବିଦ୍ୟାଳୟ ଖୋଲିବାର ୧୬ ବର୍ଷ ବିତିଗଲାଣି କିନ୍ତୁ ସ୍ଥାୟୀ କୋଠା ହୋଇପାରୁନଥିଲା । ଯୁକ୍ତ ୨ ମଧ ଖୋଲି ପାରୁନଥିଲା । ଯାହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ କ୍ଷୋଭ ଭରି ରହିଥିଲା । ଗତବର୍ଷ ଅଧକ୍ଷ ଭାବେ ଯୋଗ ଦେଇଥିବା ପ୍ରଦୀପ କମାନୁଙ୍କ ପ୍ରଚେଷ୍ଟାରେ ବିଦ୍ୟାଳୟର ଅନେକ କିଛି ଉନ୍ନତି ଧିରେ ଧିରେ ହେଉଛି । ଅଧକ୍ଷ କମାନୁ ଙ୍କ ପ୍ରଚେଷ୍ଟା ଏବଂ ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ, ଭଞ୍ଜନଗର ଉପ ଜିଲ୍ଲାପାଳ ଉମା ଶଙ୍କର ବେହେରା, ଗଞ୍ଜାମ ଜିଲ୍ଲା ପ୍ରଶାସନ ଏବଂ କେଏସୟୁବି କଲେଜ ଅଧକ୍ଷଙ୍କ ସହଯୋଗରେ ୨୦୨୬-୨୭ ଶିକ୍ଷା ବର୍ଷରେ ଯୁକ୍ତ ୨ ବିଜ୍ଞାନ ଖୋଲିବାକୁ ଯାଉଛି । ଇତିମଧ୍ୟରେ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ଦିଲ୍ଲୀ ପକ୍ଷରୁ ଯୁକ୍ତ ୨ ଖୋଲିବା ପାଇଁ ୭ ଜଣ ପିଜିଟି ଶିକ୍ଷକ ପଦବୀକୁ ଅନୁମୋଦନ ଦେଇଛନ୍ତି । ଖୁବ୍‌ଶିଘ୍ର ଉକ୍ତ ନୂତନ ଶିକ୍ଷକ ମାନେ କାର୍ଯ୍ୟରେ ଯୋଗଦେବେ । ସେଗୁଡ଼ିକ ହେଲା (ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଗଣିତ, ଜୀବ ବିଜ୍ଞାନ, କମ୍ପ୍ୟୁଟର ସାଇନ୍ସ, ଇଂରାଜୀ ଓ ହିନ୍ଦୀ) । ବିଦ୍ୟାଳୟ ସ୍ଥାପିତ ହେବାର ୧୬ ବର୍ଷ ପରେ ଏଠାରେ ପ୍ରଥମ ଥର ପାଇଁ ଯୁକ୍ତ ୨ ରେ ନାମ ଲେଖା ହେବ । ଯାହାକୁ ନେଇ ଅଭିଭାବକ ଏବଂ ଅଞ୍ଚଳବାସୀ ଖୁସିବ୍ୟକ୍ତ କରିଛନ୍ତି ।

## ସ୍କୁଟି-ପଲସର ବାଇକ ମୁହାଁ ମୁହିଁ : ଜଣେ ମୃତ, ୪ ଗୁରୁତର

ଚିକିଟି, (ସବ୍ୟୁ): :ଗତକାଲି ଅପରାହ୍ନରେ ଧାନଘର ଫାଣ୍ଡି ଓଲପୁର ନିକଟରେ ସ୍କୁଟି -ବାଇକ ମୁହାଁ ମୁହିଁ ଧMI ହେବା ଫଳରେ ୪ ଜଣ ଗୁରୁତର ହୋଇଛନ୍ତି । ଗୁରୁତରଙ୍କ ମଧ୍ୟରେ ଜଣେ ୮ ବର୍ଷର ଶିଶୁ ରହିଥିବା ସୂଚନା ମିଳିଛି । ଗୁରୁତର ମାନେ ହେଲେ ଓଲପୁରର ପବିତ୍ର ବେହେରା, ତୁଳସୀ ବେହେରା ଏବଂ ଶିଶୁଶାଲ ବେହେରା, ସୁବର୍ଣ୍ଣପୁରର ପୂଜା ସାହୁ ଏବଂ ସସ୍ମିତା ସାହୁ । ସମସ୍ତ ଗୁରୁତର ଙ୍କୁ ଚିକିଟି ମେଡିକାଲରୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ଆମ୍ବୁଲାନ୍ସ ନଥିବାରୁ ୪୫ମିନିଟ ବିଳମ୍ବରେ ରୋଗୀ ସ୍ଥାନାନ୍ତର ହେବାକୁ ନେଇ ଚିକିଟି ମେଡିକାଲରେ ପ୍ରବଳ ଉତ୍ତେଜନା ଦେଖାଦେଇଥିଲା । ଚିକିଟି ତହସିଲଦାର ବିଶ୍ୱରଞ୍ଜନ କଂହର, ବିଡ଼ିଓ ବିବେକାନନ୍ଦ ମିଶ୍ର ଚିକିଟି ମେଡିକାଲରେ ପହଂଚି ବୁଝାସୁଝା କରିଥିଲେ । ମହାପ୍ରୟାଣ ଏବଂ ଜନନୀ ସୁରକ୍ଷା ଗାଡିରେ ଗୁରୁତରଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରିବା ବନ୍ଦୋବସ୍ତ କରିବା ପରେ ଉତ୍ତେଜନା ହ୍‌ରାସ ପାଇଥିଲା । ଘଟଣା ମୁତାବକ ଓଲପୁରର ପବିତ୍ର ବେହେରା, ବିଶାଲ ବେହେରା ଏବଂ ତୁଳସୀ ବେହେରା କୌଣସି କାମରେ ଚିକିଟି ଯାଇ ଓଲପୁର ଫେରୁଥିଲେ । ବିପରୀତ ଦିଗ ସୁବର୍ଣ୍ଣପୁରରୁ ଝିଅ ପୂଜା ସାହୁ ସ୍କୁଟିରେ ମା ସସ୍ମିତା ସାହୁଙ୍କୁ ବସାଇ ଚିକିଟି ଯିବା ବେଳେ ଓଲପୁର ନିକଟରେ ସ୍କୁଟି ଏବଂ ପଲସର ମୁହାଁ ମୁହିଁ ହୋଇ ଦୁର୍ଘଟଣା ଘଟିଥିଲା । ସମସ୍ତେ ଆହତ ହୋଇଥିଲେ । ସମସ୍ତ ଆହତଙ୍କୁ ଲୋକଙ୍କ ସହାୟତାରେ ଚିକିଟି ମେଡିକାଲକୁ ଚିକିତ୍ସା ପାଇଁ ଆଣିଥିଲେ । ୩ ଜଣଙ୍କ ଅବସ୍ଥା ସଂକଟପର୍ଣ୍ଣ ଅନ୍ୟମାନେ ଗୁରୁତର ଥିଲେ । ଗୁରୁତରଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର ହୋଇପାରିନଥିଲା । ମେଡିକାଲ ଅଧିକାରୀ ଡ଼ ମନୋଜ ପାଢ଼ୀ ଉପସ୍ଥିତ ନଥିବା ଏବଂ ଆମ୍ବୁଲାନ୍ସ ଅଭାବକୁ ନେଇ ପ୍ରବଳ ଉତ୍ତେଜନା ଦେଖାଦେଇଥିଲା । ଜରୁରୀ ଚିକିତ୍ସା କୁ ଆଖି ଆଗରେ ରଖି ଚିକିଟି ତହସିଲଦାର ଏବଂ ବିଡ଼ିଓ ଜିଲ୍ଲାପାଳ ଙ୍କ ଅନୁମତି ଆଣି ଶବ ବୁହା ମହାପ୍ରୟାଣ ଗାଡି ଏବଂ ଜନନୀ ସୁରକ୍ଷା ଗାଡ଼ିରେ ଗୁରୁତରଙ୍କୁ ବଡ଼ ମେଡିକାଲ ପଠା ଯାଇଥିଲା । ଚିକିତ୍ସାଧୀନ ଅବସ୍ଥାରେ ପୂଜା ସାହୁ(୧୮) ଙ୍କ ମୃତ୍ୟୁ ହୋଇଛି ।ଅନ୍ୟମାନେ ଗୁରୁତର ଅଛନ୍ତି । ଚିକିଟି ତହସିଲଦାର ବିଶ୍ୱରଂଜନ କଂହର ବ୍ରହ୍ମପୁର ବଡ଼ ମେଡିକାଲ ରେ ପହଂଚି ମୃତକଙ୍କ ସମ୍ପର୍କୀୟଙ୍କୁ ରେଡକ୍ରସ ପା=ିରୁ ୩୦ ହଜାର ପ୍ରଦାନ କରିଛନ୍ତି । ସେହିପରି ଗୁରୁତରଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ରେଡକ୍ରସ ପା=ିରୁ ପ୍ରଦାନ କରାଯାଇଛି ବୋଲି ତହସିଲଦାର ଶ୍ରୀ କଂହର କହିଛନ୍ତି । ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ସହଯୋଗ ଯୋଗୁଁ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ମୃତକ ପରିବାରକୁ ୪ ଲକ୍ଷ ପ୍ରଦାନ ନିମନ୍ତେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି ।

## ଶିମିଳିପାଳ ସୁରକ୍ଷା ପାଇଁ ହାତ ମିଳାଇଲେ ଗ୍ରାମ ଜଙ୍ଗଲ କମିଟି ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ




ବାରିପଦା, (ସବ୍ୟୁ) : ମାର୍ଚ୍ଚ ୨୯ତାରିଖ ଦିନ ଶ୍ୟାମାଖୁଣ୍ଟା ବ୍ଲକ ଅଧୀନ ରଙ୍ଗମାଟିଆ ସ୍ଥିତ ପଞ୍ଚାୟତ କଲ୍ୟାଣ ମଣ୍ଡପରେ ଶିମିଳିପାଳ ପାଦଦେଶରେ ଥିବା ୧୪ଟି ଗ୍ରାମର ୨୫୦ ର ଅଧିକ ଗ୍ରାମବାସୀ ଓ ଛାତ୍ରଛାତ୍ରୀ ଏକାଠି ହୋଇ ଶିମିଳିପାଳ ସୁରକ୍ଷାରେ ଗ୍ରାମବାସୀଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରାଯାଇଥିଲା । ପରିବେଶ ପ୍ରହରୀ, ସ୍ୱାଡା ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ ଦକ୍ଷିଣ ଆନୁକୁଲ୍ୟରେ ଅନୁଷ୍ଠିତ ଏହି କାର୍ଯକ୍ରମରେ ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ ଦକ୍ଷିଣ ବନଖଣ୍ଡର ଉପ-ନିର୍ଦ୍ଦେଶକ ଡାଃ ସମ୍ରାଟ ଗୌଡ଼ା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ପରିବେଶ ପ୍ରହରୀ, ସ୍ୱାଡା ସ୍ୱେଚ୍ଛାସେବୀ ଅନୁଷ୍ଠାନର ମୁଖ୍ୟ ତଥା ପରିବେଶବିତ ବିବେକାନନ୍ଦ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବାଲିଡିହା ସରପଞ୍ଚ ଶକୁନ୍ତଳା ବିଶ୍ୱାଳ, କଳାପଥରା ସରପଞ୍ଚ ଶ୍ୟାମ ଚରଣ ସିଂ, ଭାଲୁକି ସରପଞ୍ଚ ପଦ୍ମାବତୀ ହାଁସଦାଃ, ଆଇନଜୀବୀ ତଥା ସମାଜସେବୀ ପଦ୍ମଲୋଚନ ମହାନ୍ତ, ସମାଜସେବୀ ବିଲକାନ ପ୍ରଭୁଦୟାଲ ନାଗ, ପିଠାବଟା ରେଞ୍ଜ ଅଫିସର ଜିତେନ କୀସ୍କୁ, ସ୍ୱାଡା ସ୍ୱେଚ୍ଛାସେବୀ ଅନୁଷ୍ଠାନର ଚୈତନ ପ୍ରସାଦ ମହାନ୍ତ ପ୍ରମୁଖ ଯୋଗଦାନ କରିଥିଲେ । ଦକ୍ଷିଣ ବନଖଣ୍ଡର ଉପ-ନିର୍ଦ୍ଦେଶକ ଡାଃ ସମ୍ରାଟ ଗୌଡ଼ା ଶିମିଳିପାଳର ସୁରକ୍ଷା ପାଇଁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ । ଶିମିଳିପାଳରେ ବନାଗ୍ନି ମୁକ୍ତ କରିବା ଓ ଜୀବଜନ୍ତୁଙ୍କ ସୁରକ୍ଷା ପାଇଁ ନିକଟବର୍ତ୍ତୀ ଅନେକ ଗ୍ରାମର ଗ୍ରାମବାସୀ ମାନଙ୍କ ସହଯୋଗ ଉଲ୍ଲେଖନୀୟ ବୋଲି ମତାମତ ଦେଇଥିଲେ। ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ ପକ୍ଷରୁଙ୍କୁ ଗ୍ରାମବାସୀ ମାନଙ୍କୁ ସମସ୍ତ ପ୍ରକାର ସହଯୋଗର ପ୍ରତିଶୃତି ଦେଇଥିଲେ । ଶିମିଳିପାଳ ନିକଟରେ ଥିବା ଗ୍ରାମବାସୀ ଓ ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ ମଧ୍ୟରେ ଉପଯୁକ୍ତ ସମନ୍ୱୟ ଗଠନ କରିବା ପାଇଁ ଏକ ଖସଡା ପ୍ରସ୍ତୁତ କରିବାକୁ ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ସଂରକ୍ଷକ ବିବେକାନନ୍ଦ ପଟ୍ଟନାୟକଙ୍କୁ ଅନୁରୋଧ କରିଥିଲେ । ଉପସ୍ଥିତ ସମସ୍ତ ସରପଞ୍ଚ ନିଜ ଅଞ୍ଚଳର ଜଙ୍ଗଲ ସହିତ ଶିମିଳିପାଳ ଜଙ୍ଗଲର ସୁରକ୍ଷା ପାଇଁ ସହଯୋଗ କରିବାକୁ ପ୍ରତିଶୃତି ଦେଇଥିଲେ । ସ୍କୁଲ ପିଲାମାନେ ଶିମିଳିପାଳ ପାଇଁ ତାଙ୍କର ବକ୍ତବ୍ୟ ରଖିଥିଲେ । ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ ପକ୍ଷରୁ ଶିମିଳିପାଳ ସମ୍ବନ୍ଧୀୟ ଅନେକ ଛୋଟ ଛୋଟ ପ୍ରାମାଣିକ ଭିଡିଓ ପ୍ରଦର୍ଶନ କରାଯାଇଥିଲା । ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ ଦକ୍ଷିଣ ବନଖଣ୍ଡର ସୁମନ୍ତ ଚଉଧୁରୀ ଧନ୍ୟବାଦ ପ୍ରସ୍ତାବ ଆଗତ କରିଥିଲେ । ସ୍ୱାଡା ସ୍ୱେଚ୍ଛାସେବୀ ଅନୁଷ୍ଠାନର ବୈଦ୍ୟନାଥ ମାରାଣ୍ଡି ଓ କଳେବର ସିଂ କାର୍ଯକ୍ରମକୁ ପରିଚାଳନା କରିଥିଲେ ।

## ୩ ଜଣିଆ ଲୁଟେରା ଗ୍ୟାଙ୍ଗ ଗିରଫ ୭ ସୁନାଚେନ୍, ମୋବାଇଲ, ବାଇକ୍ ଜବତ

ବ୍ରହ୍ମପୁର, (ସବ୍ୟୁ): ଗତ ୨ ବର୍ଷ ହେବ ବ୍ରହ୍ମପୁରରେ ଲୁଟତରାଜ କରିବା ସହ ଜଣେ ମହିଳାଙ୍କୁ ଗୁଳିମାଡ କରି ସୁନା ଚେନ ଲୁଟ କରିଥିବା ତିନି ଜଣିଆ ଗ୍ୟାଙ୍ଗକୁ ନିମଖଣ୍ଡି ପୋଲିସ ବାନ୍ଧିଛି । ସେମାନେ ହେଲେ ଖୋଡାସିଂ



କଳିଙ୍ଗନଗରରେ ରହୁଥିବା କୋଦଳାର ପ୍ରଭାକର ମୁଦୁଲି(୫୦), ଖଲ୍ଲିକୋଟ ଗୁଡୁରୁପଲ୍ଲୀର ମଧୁସୂଦନ ବେହେରା(୪୯) ଏବଂ ଲୁଟ ସୁନାଚେନ କ୍ରୟ କରିଥିବା ବଡବଜାର ଥାନା ଅନ୍ତର୍ଗତ ହାଉସିଂବୋର୍ଡ ବିମଳା ନଗରର ବିଶ୍ୱନାଥ ନାୟକ(୩୬) । ବାଲୁଗାଁ ସାମନ୍ତରାପୁର ଗ୍ରାମର ବାବୁ ମାଝୀ(୩୭) । ଏହି ଗ୍ୟାଙ୍ଗର ମୁଖ୍ୟ ବୋଲି ପୋଲିସ ଗିରଫ ଅଭିଯୁକ୍ତଙ୍କୁ ଜେରା ବେଳେ ଜାଣିବାକୁ ପାଇଛି । ଏକ ମାମଲାରେ ବାବୁ ମାଝୀ ବାଲୁଗାଁ କୋର୍ଟରେ ଆତ୍ମସମର୍ପଣ କରି ଜେଲରେ ରହିଥିବା ସୂଚନା ମିଳିବା ପରେ ୨ ଦିନ ତଳେ ନିମଖଣ୍ଡି ପୋଲିସ ତାଙ୍କୁ ରିମାଣ୍ଡରେ ଆଣି ପଚରାଉଚରା କରିଥିଲା । ସେହିପରି ଏହି ଚେନ ଲୁଟେରା ଗ୍ୟାଙ୍ଗର ଅନ୍ୟତମ ସଦସ୍ୟ କବିସୂର୍ଯ୍ୟନଗରର ସୁନୀଲ ନାହାକ ଓରଫ ମଲା(୨୫) କିଛି ମାସ ତଳେ ଗୋଳନ୍ଥରା ପୋଲିସ ଦ୍ୱାରା ଏନକାଉଣ୍ଟରର ଶିକାର ହୋଇ ଜେଲ ଯାଇଥିଲା । ସେହି ସମୟରେ ଏହି ଚେନ ଲୁଟେରା ଗ୍ୟାଙ୍ଗର ସୁରାକ ମିଳିଥିଲା ବୋଲି ପୋଲିସ ପକ୍ଷରୁ କୁହାଯାଇଛି । ଗିରଫ ଅଭିଯୁକ୍ତଙ୍କ ନିକଟରୁ ପୁଲିସ ୮୦ ଗ୍ରାମ ଓଜନର ୭ଟି ସୁନା ଚେନ୍, ୨ଟି ବାଇକ, ତିନୋଟି ମୋବାଇଲ୍ ଓ ଦୁଇଟି ହେଲମେଟ୍ ଜବତ କରିଛି । ଗିରଫ ପରେ ପ୍ରଭାକର, ମଧୁସୁଦନ ଓ ବିଶ୍ୱନାଥଙ୍କୁ ମାମଲା ନଂ ୨୧୮/୨୫ ରେ କୋର୍ଟ ଚାଲାଣ କରାଯାଇଥିଲା । ସେହିପରି ବାବୁ ମାଝୀଙ୍କ ରିମାଣ୍ଡ ଅବଧି ସରିବାକୁ ପୁଣିଥରେ ଜେଲ ହାଜତକୁ ପଠାଇ ଦିଆଯାଇଛି । ଏହି ଗ୍ୟାଙ୍ଗର ସଦସ୍ୟମାନେ ୨୦୨୪ ରୁ ୨୦୨୬ ମଧ୍ୟରେ ବ୍ରହ୍ମପୁର ସହରର ନିମଖଣ୍ଡି ଓ ଗୋପାଳପୁର ଥାନା ଅଞ୍ଚଳର ବ୍ରଜନଗର, ଶକ୍ତିନଗର, ଗୋବିନ୍ଦ ବିହାର, ବାସୁଦେବ ନଗର ଓ ଅମ୍ବାପୁଆ ଅଞ୍ଚଳରେ ୭ ଜଣ ମହିଳାଙ୍କ ବେକରୁ ସୁନା ଚେନ ଲୁଟ କରିଥିଲେ ବୋଲି ତଦନ୍ତରୁ ଜଣାପଡିଛି । ଘଟଣାରୁ ପ୍ରକାଶ ଯେ, ୨୦୨୫ ଜୁଲାଇ ୨୨ ତାରିଖ ସନ୍ଧ୍ୟାରେ ଗୋବିନ୍ଦ ବିହାର ୮ମ ଲେନର ମହିଳା ଶୁଭଶ୍ରୀ ଜେନା ନିଜ ପିଲାଙ୍କୁ ଟ୍ୟୁସନରୁ ନେଇ ଘରକୁ ଫେରୁଥିବା ବେଳେ ଅଭିଯୁକ୍ତ ସୁନୀଲ ନାହାକ ଓ ବାବୁ ମାଝୀ ଏକ ବାଇକରେ ତାଙ୍କ ନିକଟକୁ ଆସି ବେକରୁ ସୁନା ଚେନ୍ ଝାମ୍ପିବାକୁ ଚେଷ୍ଟା କରିଥିଲେ ।




# ଜଳୁଛି କେଞ୍ଜୁଆନାଳୀ ଜଙ୍ଗଲ, ଶୋଇଛି ବନ ବିଭାଗ



ଠାକୁରଗଡ, (ସବ୍ୟୁ): ଅନୁଗୋଳ ଜିଲ୍ଲା ଠାକୁରଗଡ ଥାନା ଧଣ୍ଡାତୋପା ରେଞ୍ଜ ଅଧୀନରେ ଥିବା କେଞ୍ଜୁଆ ନାଳୀ ଜଙ୍ଗଲ କିଛି ଦିନ ହେବ ଜଳିବାରେ ଲାଗିଛି । ନିଆଁକୁ ଆୟତ୍ତ କରିବାରେ ବନ ବିଭାଗ ସଂପୂର୍ଣ୍ଣ ବିଫଳ ହୋଇଛି । ଯାହା ଫଳରେ ଜଙ୍ଗଲ ସଂପୂର୍ଣ୍ଣ ଧ୍ୱଂସ ହୋଇଯିବା ଆଶଙ୍କା କରାଯାଇଛି । ଏ ପରିକି ଜଙ୍ଗଲ ଘୁ ଘୁ ହୋଇ ଜଳୁଥିବା ବେଳେ ବନ୍ୟ ଜନ୍ତୁ ମାନେ ଗାଁ ମୁହାଁ ହୋଇ ପଡୁଛନ୍ତି । ଯାହା ଫଳରେ ଶିକାରୀ ମଧ ସକ୍ରିୟ ହୋଇ ପଡିଛନ୍ତି । କେଞ୍ଜୁଆ ନାଳୀ ଜଙ୍ଗଲ ଏବେ ଘଞ୍ଚ ଜଙ୍ଗଲ ହୋଇ ରହିଛି । ବିଶେଷ କରି ଏହି ଜଙ୍ଗଲ ରେ ଏବେ ବହୁ ମୂଲ୍ୟବାନ ଗଛ ଥିବା ବେଳେ ଏନେକ କାଠ ଚୋର ଙ୍କର ନଜର ପଡିଛି । ଅନ୍ୟ ପଟରେ ମହୁଲ ଗଛ ଥିବା ଯୋଗୁଁ ବର୍ତ୍ତମାନ ମହୁଲ ଫୁଲ ସଂଗ୍ରହ କରିବା ପାଇଁ ଜଙ୍ଗଲରେ ମହିଳା , ପୁରୁଷଙ୍କୁ ଦେଖିବାକୁ ମିଳୁଛି । ପତ୍ରଝଡା ଋତୁ ହୋଇଥିବା ବେଳେ ଅନେକ ଗଛର ପତ୍ର ଝଡି ତଳେ ପଡିରହିଛି । ଯାହାକି ମହୁଲ ଫୁଲ ସଂଗ୍ରହ କରିବାରେ ବିଫଳ ହେବାକୁ ପଡିଛି । ଫଳରେ ମହୁଲ ଫୁଲ ସଂଗ୍ରହ କରିବା ପାଇଁ ଯାଉଥିବା କିଛି ବ୍ୟକ୍ତି ଜଙ୍ଗଲରେ ନିଆଁ ଲଗାଇ ଦେଉଥିବା ସନ୍ଦେହ କରାଯାଉଛି । କିଛି ଦିନ ହେବ ପ୍ରବଳ ଖରା ହେଉଥିବା ବେଳେ ନିଆଁ ଏତେ ଜୋରରେ ଜଳୁଛି ଯେ ଆକାଶ ଧୂଆଁ ମୟ ହେଇଯାଉଛି । ଯାହା କି ବାୟୁମଣ୍ଡଳ ଦୂଷିତ ହେଇଯାଉଛି । ଏହି ନିଆଁରେ ଜଙ୍ଗଲରେ ଥିବା ଅନେକ ମୂଲ୍ୟବାନ ଔଷଧୀୟ ଗଛ ଶହ ବହୁ କୀଟ ପତଙ୍ଗ ଜଳିଯାଉଛି । ନିଆଁ ଯୋଗୁଁ ନିକଟରେ ଥିବା ଗ୍ରାମବାସୀ ମାନେ ଭୟଭୀତ ହୋଇ ପଡିଛନ୍ତି । ଜଙ୍ଗଲ ଜଳୁଥିବା ସମ୍ପର୍କରେ ଅଞ୍ଚଳବାସୀ ବହୁବାର ଧଣ୍ଡାତୋପା ବନ ବିଭାଗକୁ ସୂଚନା ଦେଇଥିଲେ ମଧ ନିଆଁ ଲିଭାଇବାରେ ବାନ ବିଭାଗ ସଂପୂର୍ଣ୍ଣ ବିଫଳ ହୋଇଛି । ବନ ବିଭାଗ ପକ୍ଷରୁ ଜଙ୍ଗଲକୁ ସଠିକ ଭାବରେ ପେଟ୍ରୋଲିଂ କରାଯାଉନଥିବା କେଞ୍ଜୁଆନାଳୀ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ଯଦି ଏହି ନିଆଁକୁ ଆୟତ କରାନଯାଏ ତେବେ ଏହି ଜଙ୍ଗଲ ଧ୍ୱଂସ ହୋଇଯିବ ବୋଲି ଗ୍ରାମବାସୀ କହିଛନ୍ତି । ଏନେଇ ଧଣ୍ଡାତୋପା ରେଞ୍ଜର ବବ୍ରୁବାହାନ ସାହୁଙ୍କୁ ପଚାରିବାରୁ ନିଆ ଲିଭା ପାଇଁ ପଦକ୍ଷେପ ନିଆଯାଉଛି କହି ପ୍ରସଙ୍ଗକୁ ଏଡାଇ ଦେଇଥିଲେ ।

## କେନ୍ଦ୍ରମନ୍ତ୍ରୀଙ୍କ ଆଠମଲ୍ଲିକ ଗସ୍ତ ନେଇ ସମୀକ୍ଷା କଲେ ଜିଲ୍ଲାପାଳ

ଆଠମଲ୍ଲିକ, (ସବ୍ୟୁ): ସମ୍ବଲପୁର ସାଂସଦ ତଥା କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ୩୧ ତାରିଖରେ ଆଠମଲ୍ଲିକ ଗସ୍ତ ରେ ଆସି ବିଭିନ୍ନ ସରକାରୀ କାର୍ଯ୍ୟକ୍ରମରେ ଯୋଗ ଦେବାର ସ୍ଥିର ହୋଇଛି । ତାଙ୍କ ର ଗସ୍ତ କୁ ଶୃଙ୍ଖଳିତ କରିବା ପାଇଁ ଅନୁଗୁଳ ଜିଲ୍ଲା ପାଳ ଅବଦଲ ଏମ ଅକତର ଆଠମଲ୍ଲିକ ଗସ୍ତରେ ଆସି ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରି ମନ୍ତ୍ରୀଙ୍କ କାର୍ଯ୍ୟକ୍ରମକୁ ନେଇ ସମୀକ୍ଷା କରିଥିବା ଜଣା ପଡିଛି । ସହର ସ୍ଥିତ ମିନି ଷ୍ଟାଡିଅମ ଖେଳ ପଡ଼ିଆରେ ମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ହେଉଥିବା ସ୍ଥାନକୁ ପରିଦର୍ଶନରେ ଆସିଥିଲେ । ଏହି ଗସ୍ତ ସମୟରେ ଉପଜିଲ୍ଲାପାଳ ଉପେନ୍ଦ୍ର କୁମାର ଲୁହା, ବିଡ଼ିଓ ଟିଟସ ମହାନନ୍ଦିଆ, ପୂର୍ତ୍ତ ବିଭାଗ ଅନୁଗୁଳ ଅଧିକ୍ଷଣ ଯନ୍ତ୍ରୀ ପ୍ରତାପ ହରିପାଲ, ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ସହରାଇ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ ଦିଲ୍ଲୀପ କୁମାର ସେଠୀ, ତହସିଲଦାର ପ୍ରସନ୍ନ ଟେଟେ, ଏସଡ଼ିପିଓ ସୁଶାନ୍ତ ତାଉଡ଼ିଆ, ଆଇଆଇସି ସନ୍ତୋଷ କୁମାର ସେଠୀ, ନିର୍ବାହୀ ଅଧିକାରୀ ଚନ୍ଦ୍ରକାନ୍ତ ବେହେରା , କେନ୍ଦ୍ରମନ୍ତ୍ରୀଙ୍କ ଜିଲ୍ଲା ପ୍ରତିନିଧି ସୁଦିପ ଗଡ଼ନାୟକ, ଆଠମଲ୍ଲିକ ଏନ ଏ ସି ପ୍ରତିନିଧି ସନ୍ତୋଷ କୁମାର ହୋତା, ବ୍ଲକ ପ୍ରତିନିଧି ପ୍ରକାଶ ସାହୁ, ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ସାଏ ପ୍ରମୁଖ ଉପସ୍ଥିତ ଥିଲେ ।

## ନବକିଶୋରପୁର ଗ୍ରାମରେ ଶ୍ରୀରାମ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ

ରାସୋଳ, (ସବ୍ୟୁ): ହିନ୍ଦୋଳ ଉପଖଣ୍ଡ ନବକିଶୋର ପୁର ଗ୍ରାମରେ ପବିତ୍ର ଶ୍ରୀରାମ ନବମୀ ଦିନ ମର୍ଯ୍ୟଦା ପୁରୁଷୋତ୍ତମ ଭଗବାନ ଶ୍ରୀ ରାମ ଚନ୍ଦ୍ରଙ୍କ ଏକ ଭବ୍ୟ ମନ୍ଦିର ଓ ଶ୍ରୀ ବିଗ୍ରହ ପ୍ରତିଷ୍ଠା ହୋଇ ଯାଇଛି।୨୪ ତାରିଖ ଦିନ ମଣ୍ଡଳଧିବାସ ଓ ଅଙ୍କୁରା ରୋପଣ ହୋଇଥିଲା ବେଳେ ୨୫ ତାରିଖରେ ଗ୍ରାମର ଶତାଧିକ ଶ୍ରଦ୍ଧାଳୁ ସ୍ଥାନୀୟ ସଂଖେଇ ନଦୀରୁ ୧୦୮ ପୂର୍ଣ୍ଣ କୁମ୍ଭ ଜଳ ସଂଗ୍ରହ କରି ଏକ ବିରାଟ ଶୋଭାଯାତ୍ରା ରେ ଗ୍ରାମ ପରିକ୍ରମା କରି ଯଜ୍ଞ ମଣ୍ଡପରେ ପହଞ୍ଚି ଥିଲେ। ପରେ କଳସାଧିବାସ, ସର୍ବ ଦେବା ଦେବୀ ଆବାହନ ପୂଜନ, ବୈଷ୍ଣବାଗ୍ନି ସ୍ଥାପନ, ମନ୍ଦିର ରତ୍ନମୁଦ ସହିତ ଶ୍ରୀ ବିଗ୍ରହଙ୍କ ଧାନ୍ୟାଧିବାସ ହୋଇଥିଲା।। ୨୬ ତାରିଖରେ ସୂର୍ଯ୍ୟପୂଜା, ଗୋ ପୂଜା, ମଣ୍ଡପ ଦେବତା ପୂଜନ, ଶ୍ରୀ ବିଗ୍ରହ ଓ ପ୍ରାସାଦ ମହାସ୍ନାନ ଓ ଶ୍ରୀ ବିଗ୍ରହଙ୍କ ଶୟନ କରାଯାଇଥିଲା । ୨୭ ତାରିଖ ଦିନ ସୂର୍ଯ୍ୟ ପୂଜା, ଗୋ ପୂଜା, ମଣ୍ଡପ ଦେବତା ପୂଜନ, ହୋମ, ଶ୍ରୀ ବିଗ୍ରହ ଙ୍କ ପ୍ରାଣ ପ୍ରତିଷ୍ଠା,ନ୍ୟାସ ଆଦି ଶାସ୍ତ୍ରୀୟ କର୍ମ ପରେ ପ୍ରତିଷ୍ଠା କର୍ମର ପୂର୍ଣ୍ଣାହୂତି ହୋଇଥିଲା।। ପରେ ଏକ ସୁସଜ୍ଜିତ ବିମାନରେ ଚଳନ୍ତି ପ୍ରତିମାକୁ ଘଣ୍ଟ, ଘଣ୍ଟା,ଢୋଲ ଓ ଲଉଡ଼ି ଖେଳ ମାଧ୍ୟମରେ ନଗର ପରିକ୍ରମା କରିଥିଲେ। ପଣ୍ଡିତ ପ୍ରଭାତ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ପ୍ରତିଷ୍ଠା ଉତ୍ସବରେ ମୁଖ୍ୟ ଆଚାର୍ଯ୍ୟ ଭାବେ ଓଡିଶା ବୈଦିକ ବ୍ରାହ୍ମଣ ପରିଷଦର ସମ୍ପାଦକ ପଣ୍ଡିତ ସତ୍ୟ ନାରାୟଣ ତ୍ରିପାଠୀ ଯୋଗ ଦେଇଥିବା ବେଳେ ସହଯୋଗୀ ଆଚାର୍ଯ୍ୟ ଭାବେ ସୁଧାଂଶୁ ଶେଖର ମହାପାତ୍ର, ଚିତ୍ତରଞ୍ଜନ ମିଶ୍ର, ଅଶୋକ ମିଶ୍ର ଓ ନାରାୟଣ କର ପ୍ରମୁଖ ଯୋଗ ଦେଇଥିଲେଛ କର୍ତ୍ତା ଭାବେ ସପତ୍ନିକ ରସାନନ୍ଦ ବେହେରା, ପତ୍ନୀ କୁମୁଦିନୀ ବେହେରା, ପୁରୁଷୋତ୍ତମ ବଳ ପତ୍ନୀ ସୁକାନ୍ତି ବଳ ପ୍ରମୁଖ ଯୋଗ ଦେଇଥିଲେ।

## ଢେଙ୍କାନାଳ ଓକିଲ ସଙ୍ଘ ଶପଥ ଗ୍ରହଣ ଉତ୍ସବ

ଢେଙ୍କାନାଳ, (ସବ୍ୟୁ): ଢେଙ୍କାନାଳ ଜିଲ୍ଲା ଓକିଲ ସଙ୍ଘର ନିର୍ବାଚନ ଫଳାଫଳ ଗତ ଶନିବାର ଦିନ ପ୍ରକାଶିତ ହେବା ପରେ ନବନିର୍ବାଚିତ କର୍ମକର୍ତ୍ତାଙ୍କର ଆଜି ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ନିର୍ବାଚନରେ ଆଇନଜିବୀ ଗୋପାଳ ଚନ୍ଦ୍ର ପାତ୍ର ସଭାପତି ଭାବରେ ନିର୍ବାଚିତ ହୋଇଥିବା ବେଳେ ଉପସଭାପତି ଭାବରେ ଆଇନଜିବୀ ଦ୍ୱିତୀଚନ୍ଦ୍ର ବରାଳ, ସମ୍ପାଦକ ଭାବରେ ଆଇନଜିବୀ ଟଙ୍କଧର ବେହେରା,ଯୁଗ୍ମ ସମ୍ପାଦକ ଭାବରେ ଆଇନଜିବୀ ତ୍ରିଲୋଚନ ସାହୁ ନିର୍ବାଚିତ ହୋଇଛନ୍ତି। ସେହିପରି କାର୍ଯ୍ୟନିର୍ବାହୀ କମିଟିର ସଦସ୍ୟ ଭାବରେ ଆଇନଜିବୀ ମଳୟପାଣିଗ୍ରାହୀ ,ଆଇନଜିବୀ ସାଇକମଳି ପୃଷ୍ଟି ଓ ଆଇନଜିବୀ ପ୍ରେମାନନ୍ଦ ବିହାରୀ ଭୋଟ ପାଇ ନିର୍ବାଚିତହୋଇଥିଲେ। ଆଜି ସମସ୍ତ ନବନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।ଆଇନଜିବୀ ଭାବଗ୍ରାହୀ ପଣ୍ଡା ନବନିର୍ବାଚିତ କର୍ମକର୍ତ୍ତାଙ୍କୁ ଶପଥ ପାଠ କରାଇଥିଲେ।

## ଡ଼ିଏଭି ପବ୍ଲିକ ସ୍କୁଲ ଜଗନ୍ନାଥକ୍ଷେତ୍ରର ବାର୍ଷିକ ଉତ୍ସବ

ତାଳଚେର, (ସବ୍ୟୁ): ଡ଼ିଏଭି ପବ୍ଲିକ ସ୍କୁଲର ଦୁଇଦିନ ଧରି ଏହାର ବାର୍ଷିକ ଉତ୍ସବ ଅମେୟ ୩-୦ ହର୍ଷ ଉଲ୍ଲାସର ସହ ପାଳନ କରିଛି। ଉକ୍ତ କାର୍ଯ୍ୟକ୍ରମରେ ଏମସିଏଲ ସିଏମଡ଼ି ଉଦୟଅନନ୍ତ କାଓଲେ, କେଶବ ରାଓ (ମାନବଦମ୍ଳ), ପିକେ ପଟେଲ ଆଇଆରଏସଏସ ମୁଖ୍ୟ ସତର୍କତା ଅଧିକାରୀ, ଅଜିତ ବେହୁରା ନିର୍ଦ୍ଦେଶକ (ଅର୍ଥ) ସଞ୍ଜୟ ଝା ନିର୍ଦ୍ଦେଶକ(ଟିଓଟି/ପିଆଣ୍ଡପି) ଏମସିଏଲ ଅନ୍ୟାନ୍ୟ କର୍ମକର୍ତାଙ୍କ ପ୍ରେରଣାରେ ଉତ୍ସବ ପାଳିତ ହୋଇଥିଲା। ଓଡ଼ିଶା ଡ଼ିଏଭି ବିଦ୍ୟାଳୟର ଆଂଚଳିକ ନିର୍ଦ୍ଦେଶକ ଡ଼ଃ କେଶବ ଶତପଥୀ ସୁଭାଷିଶ ସହ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଏମସିଏଲ ଜଗନ୍ନାଥର ମହାପ୍ରବନ୍ଧକ ଅଶୋକ ଧଳ ଏବଂ ସୁସ୍ମିତା ଧଳ ସଭାପତି ଅନନ୍ୟା ମହିଳାମଣ୍ଡଳ ସଦୟ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସାଫଲ୍ୟ କରିଥିଲେ। ଉତ୍ସବର ପ୍ରାରମ୍ଭରେ କଳାପ୍ରଦର୍ଶନୀ, ଚିତ୍ରଉତ୍ସବର ଉଦଘାଟନୀ ସହ ବିଦ୍ୟାଳୟ ନୂତନ ପ୍ରସ୍ତର ୨୦ଟି ଶ୍ରେଣୀଗୃହ ଉଦଗାଟନ ଓ ୩୦ଟି ଶ୍ରେଣୀଗୃହ ଭିତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଏହାପରେ କୃତୀଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟ ମୁଖ୍ୟପତ୍ର ଦିଭିସ୍ ଉନ୍ମୋଚିତ ହୋଇଥିଲା। ଓଡ଼ିଶା ସିଭିଲ ସର୍ଭିସ୍ ୨୦୨୧ ବ୍ୟାଚରେ ୫୦ତମ ସ୍ଥାନ ଅଧିକାର କରିଥିବା ସ୍କୁଲ ପୂର୍ବତନ ଛାତ୍ରୀ ସୁଶ୍ରୀ ସ୍ୱାତୀ ଯାଦବକୁ ସମ୍ମାନୀତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅଧକ୍ଷା ଶୁକ୍ଳାଚକ୍ରବର୍ତ୍ତି ବିବରଣୀପାଠ କରିବା ସହ ଅଧ୍ୟାପକ ଡ଼ଃ ଚିତରଞ୍ଜନ ଚକ୍ର କାର୍ଯ୍ୟକ୍ରମ ସମାପ୍ତି ଘୋଷଣା କରିଥିଲେ।

## ଡୁମୁସିଙ୍ଗା ଓ ପରଜଙ୍ଗ ଧାନମଣ୍ଡିରେ ଅବ୍ୟବସ୍ଥା ଧାନ ବସ୍ତାରଖି ଆନ୍ଦୋଳନ



ଢେଙ୍କାନାଳ, (ସବ୍ୟୁ): ଢେଙ୍କାନାଳ ଜିଲ୍ଲାକାମାକ୍ଷାନଗର ବ୍ଲକ ଡୁମୁସିଙ୍ଗା ସମବାୟ ଓ ପରଜଙ୍ଗ ବ୍ଲକ ସାନ୍ଧା ସମବାୟ ସମିତିରେ ମଣ୍ଡିରେ ଧାନ ନ ଉଠିବା ପ୍ରତିବାଦ କରି ଚାଷୀ ଡୁମୁସିଙ୍ଗା ସମବାୟ ସମିତିରେ ସହ ସହ ଧାନ ବସ୍ତା ରଖି ରାସ୍ତା ଅବରୋଧ କରିଥିଲେ। ପରେ ଜିଲ୍ଲାପାଳଙ୍କ କାଯ୍ୟାଳୟକୁ ଆସି ଆନ୍ଦୋଳନ କରିଥିଲେ. ଜିଲ୍ଲାପାଳ ଦେଇଥିବା ପ୍ରତିଶୃତିରେ ଚାଷୀ ହତାଶ ହୋଇଥିଲେ।ଆସନ୍ତା ୨୪ ଘଣ୍ଟରେ ଧାନ ନ ଉଠିଲେ ପୁଣି ଆନ୍ଦୋଳନ ତୀବ୍ର ହେବ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି।ସୂଚନା ଯେ, ସାନ୍ଧା ସମବାୟରେ ମଣ୍ଡି ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିବା ଦେଖିବାକୁ ମିଳିଛି। ଚାଷୀଟିଏ ନିଜର କଷ୍ଟ ଉପାର୍ଜିତ ଧାନ ଏବେ ବିକ୍ରି କରିନପାରି ଧାନକୁ ଖୋଲା ଆକାଶରେ ରଖିଛି ଏ ସମ୍ପର୍କରେ ସାଆନ୍ଧା ଅଞ୍ଚଳର ଚାଷୀ ମାନଙ୍କ ଦ୍ୱାରା ପ୍ରଶାସନକୁ ବାରମ୍ବାର ଅଭିଯୋଗ ହୋଇଆସୁଥିଲେ ମଧ ଏହାର କୌଣସି ସୁଫଳ ମିଳିପାରୁନାହିଁ। ଚାଷୀ ଆଜି ଉତ୍ୟକ୍ତ ହୋଇ ସାଆନ୍ଧା ଛକରେ ଡୁମୁସିଙ୍ଗା ସମବାୟ ସମିତିରେ ସହ ସହ ଧାନ ବସ୍ତା ରଖି ରାସ୍ତା ଅବରୋଧ କରିଥିବା ବେଳେ ଆଜି ସକାଳୁ ରାସ୍ତା ରୋକ ହୋଇ ସହ ସହ ଗାଡି ରାସ୍ତାର ଉଭୟ ପାଶର୍ବରେ ଅଟକି ଥିଲା। ପରେ ଉତ୍ୟକ୍ତ ଚାଷୀ ଟାଣ ଖରାକୁ ଖାତିର ନକରି ଢେଙ୍କାନାଳ ଆସି ଜିଲ୍ଲାପାଳଙ୍କ ପାଖକୁ ଆସିଥିଲେ। ହେଲେ ଜିଲ୍ଲାପାଳ ଦେଇଥିବା ପ୍ରତିଶୃତିରେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

## ଡ଼ିଏଭି ପବ୍ଲିକ ସ୍କୁଲ କଳିଙ୍ଗ କ୍ଷେତ୍ରର ବାର୍ଷିକ ଉତ୍ସବ



ତାଳଚେର, (ସବ୍ୟୁ) ଡ଼ିଏଭି ସ୍କୁଲ ଏମସିଏଲ କଳିଙ୍ଗକ୍ଷେତ୍ରରେ ବିପୁଳ ଉତ୍ସାହ ଓ ଉଦ୍ଦିପନାର ବାର୍ଷିକ କ୍ରୁଡ଼ାନ୍ ପାଳିତ ହୋଇଯାଇଛି। ମୁଖ୍ୟଅତିଥିଭାବେ ହିଙ୍ଗୁଳା କ୍ଷେତ୍ରର ମହାପ୍ରବନ୍ଧକ ତଥା ବିଦ୍ୟାଳୟର ଏଲଏନସି ସଭାପତି ସୁନିଲବସନ୍ତ ରାଓ ଯୋଶୀ ଦୀପ୍ରପଜ୍ଜଳନ କରି ଉଦଘାଟନ କରିଥିଲେ। ଛାତ୍ରଛାତ୍ରୀମାନେ ଦେଶର ଭବିଷ୍ୟତ ସେମାନଙ୍କର ଉନ୍ନତି ନିମନ୍ତେ ଶିକ୍ଷକ, ଶିକ୍ଷୟତ୍ରୀଙ୍କ ଉଦ୍ୟମ ପ୍ରସଂଶନୀୟ ବୋଲି କହିଥିଲେ। ସେ ତାଙ୍କ ବକ୍ତବ୍ୟରେ ପୂର୍ବ ଅପେକ୍ଷା ବର୍ତମାନ ଶିକ୍ଷାକ୍ଷେତ୍ରରେ ପରିବର୍ତନ ହେଉଛି ବର୍ତମାନ ଛାତ୍ରଛାତ୍ରୀଙ୍କ ଉତମ ଚରିତ୍ର ଗଠନ ହେବା ଉପରେ ଗୁରୁତ୍ୱାରୋପ କରିଥିଲେ। ବିଶିଷ୍ଟ ଅତିଥିରୂପେ ପ୍ରତିଭା ମହିଳାମଣ୍ଡଳ ସଭାପତି ଅସ୍ମିତା ଯୋଶୀ ଯୋଗଦାନ କରି ଉତ୍ସବକୁ ସାଫଲ୍ୟ କରିଥିଲେ। ବିଦ୍ୟାଳୟର ଅଧକ୍ଷ ତାଥା ସହାୟକ ଆଂଚଳିକ ଅଧିକାରୀ ପ୍ରଶାନ୍ତ ପଣ୍ଡା ବିବରଣୀ ପାଠ କରିବାପରେ ଛାତ୍ରଛାତ୍ରୀଙ୍କ ସଫଳତା ଉପରେ ଅବଗତ କରାଇବା ସହ ଶିକ୍ଷକ, ଶିକ୍ଷୟତ୍ରୀ ଏବଂ ଅଭିଭାବକଙ୍କ ଉଦ୍ୟମ ଉଚ୍ଚକୋଟୀର ପ୍ରସଂଶା କରଥିଲେ। ଏହି ଉତ୍ସବରେ ବିଦ୍ୟାଳୟ ପରିସରରେ ବାଲବାଟୀକା ୧୦।ରୁ ଏକାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ଦ୍ୱାରା ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା ଓ କୃତୀଛାତ୍ରଛାତ୍ରୀଙ୍କୁ ପୁରୁସ୍କାର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟ ଅଧକ୍ଷ, ଅଧକ୍ଷା ଓ ବରିଷ୍ଠ ଅଧିକାରୀଗଣ ଏହି କାର୍ଯ୍ୟକମରେ ଯୋଗଦେଇଥିଲେ। ଏହି ଅବସରରେ କ୍ଷଦ ହରାଇଜନ୍ ପତ୍ରିକାର ଉନ୍ମୋଚନ କରାଯାଇଥିଲା। ଶେଷରେ ବିଦ୍ୟାଳୟ ଶିକ୍ଷକ ପ୍ରଭାରୀ ଇତିଶ୍ରୀ ସାମଲଙ୍କ ଦ୍ୱାରା ଧନ୍ୟାବଦ୍ ଅର୍ପଣ କରାଯାଇଥିଲା।

## କଂସରା ଉପ୍ରା ବିଦ୍ୟାଳୟରେ ଶିଶୁ ସେବିକା ନିଯୁକ୍ତିରେ ଅନୀୟମିତତା




ହିନ୍ଦୋଳ, (ସବ୍ୟୁ): ରାଜ୍ୟ ସରକାରଙ୍କ ଓ ସେ ପା ପକ୍ଷରୁ ବିଗତ ବର୍ଷ ତା-୨୨-୮-୨୦୨୫ ରିଖରେ ବୃତ୍ତାନ୍ତ ନିଷ୍ପତ୍ତି ଅନୁଯାୟୀ ରାଜ୍ୟର ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମାନଙ୍କରେ ଶିଶୁ ବାଟିକା, ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀରେ ୩୦ ଓ ୩୦ ରୁ ଉର୍ଦ୍ଧ ଛାତ୍ର ଛାତ୍ରୀ ପାଠ ପଢୁ ଥିଲେ ଶିଶୁ ସେବିକା ନିଯୁକ୍ତି ପାଇଁ ନିର୍ଦ୍ଦେଶ ନାମା ଜାରି କରାଯାଇଥିଲା। ତଦନୁଯାୟୀ ହିନ୍ଦୋଳ ବିଇଓଙ୍କ କାର୍ଯ୍ୟାଳୟ ପକ୍ଷରୁ ପତ୍ର ସଂଖ୍ୟା ୬୪, ତା -୯-୧-୨୦୨୬ ରୀଖରେ ଏହି ସମ୍ପର୍କିତ ଚିଠି ବ୍ଲକ ଅନ୍ତର୍ଗତ ସମସ୍ତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଶିକ୍ଷୟତ୍ରୀ ମାନଙ୍କୁ ପ୍ରେରଣ କରାଯାଇ ତା -୨୭-୦୧-୨୦୨୬ ରିଖ ସୁଦ୍ଧା ଏ ସମ୍ପର୍କିତ ସମସ୍ତ ନିଯୁକ୍ତି ପ୍ରକ୍ରିୟା ଚୂଡ଼ାନ୍ତ କରି ତା - ୩୧-୦୧-୨୦୨୬ ରିଖ ସୁଦ୍ଧା ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଜଣାଇବାକୁ ନିର୍ଦ୍ଦେଶ ନାମା ଜାରି ହୋଇଥିଲା। ଏଥି ନିମନ୍ତେ ସମସ୍ତ ପ୍ରମାଣପତ୍ର ସହିତ ବୟସ ୧୮ ରୁ ୪୫ ବର୍ଷ ଉଲ୍ଲେଖ ରହିଥିବା ବେଳେ ଶିକ୍ଷାଗତ ଯୋଗ୍ୟତାରେ କୌଣସି ପ୍ରତିବନ୍ଧକ ଲାଗି ରଖି ନଥିଲା। ପ୍ରାର୍ଥିନୀ ମାନେ ୧୪-୧-୨୦୨୬ ରିଖ ଠାରୁ ୨୦ -୦୧-୨୦୨୬ ରିଖ ମଧ୍ୟରେ ଏଥିପାଇଁ ଆବେଦନ କରି ପାରିବେ ବୋଲି ବିଜ୍ଞାପନରେ ସ୍ପଷ୍ଟ ଉଲ୍ଲେଖ ରହି ଥିଲା। ତେବେ ଏହି ବ୍ଲକର କଂସରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏଥିରେ ଘୋର ଅନିୟମିତତା ହୋଇଥିବା ନେଇ ଅନ୍ୟତମ ଆବେଦନକାରିଣୀ ରୁଜିତା ଭୋଇ ଆଜି ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଲିଖିତ ଭାବେ ଫେରାଦ ହୋଇଛନ୍ତି। ଏଥିରେ ଗୁରୁତ୍ତର ବିଭ୍ରାଟ ହୋଇ ଥିବା ନେଇ ସେ ପୂର୍ବରୁ ବି ଇ ଓ, ପ୍ରଧାନ ଶିକ୍ଷୟିତ୍ରୀ, ସିଆର୍‌ସିସି, ବି ଆର୍‌ସି, କମିଟି ଚେୟାରମ୍ୟାନ ଏପରିକି ଉପ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିବା ସହ ଏନେଇ ଆରଟି ଆଇରେ ଆବେଦନ କରିଥିଲେ। ଆର୍‌ଟିଆଇ ତଥ୍ୟରେ ଅଭିଯୋକାରିଣୀ ନିଯୁକ୍ତି ପାଇଥିବା ବିଧବା ମହିଳା ଜୟନ୍ତୀ ରାଉତଙ୍କ ଜାତିଗତ ପ୍ରମାଣ ପତ୍ର ଓ ଶିକ୍ଷାଗତ ଯୋଗ୍ୟତା ସମ୍ପର୍କିତ ତଥ୍ୟ ମାଗିଥିଲେ। ତେବେ ବହୁ ବିଳମ୍ବରେ ଆଜି ତାଙ୍କୁ ହସ୍ତଗତ ହୋଇ ଥିବା ତଥ୍ୟରେ ଜୟନ୍ତୀ ରାଉତ ଏନେଇ ଗତ ୨୬-୦୧-୨୦୨୬ ରିଖରେ ଜାତି ଗତ ପ୍ରମାଣପତ୍ର ପାଇଁ ଅନ ଲାଇନ ଆବେଦନ କରିଥିବାର ସ୍ପଷ୍ଟ ହୋଇଥିଲା। ଏଥି ସହିତ ପଞ୍ଚାୟତ ସରପଞ୍ଚ ତାଙ୍କୁ ନିସହାୟା ଗରିବ ବିଧବା ମହିଳା ବୋଲି ନିଜ ପ୍ୟାଡରେ ସିଲେକ୍ସନ କମିଟିକୁ ସୁପାରିସ କରି ଥିବାର ପ୍ରମାଣ ମିଳିଛି। ଶିକ୍ଷାଗତ ଯୋଗ୍ୟତା ସମ୍ପର୍କିତ ତଥ୍ୟରୁ ଜନ୍ମ ତାରିଖରେ ଫରକ ସହିତ ସେହି ବିଦ୍ୟାଳୟରୁ ପାସ୍ କରିଥିବା ମସିହାର ତାରତମ୍ୟ ବାରୀ ହୋଇ ପଡୁଛି। ଏଥିରୁ ଜୟନ୍ତି ରାଉତଙ୍କ ନିଯୁକ୍ତି ପ୍ରକ୍ରିୟା କେଉଁ କେଉଁ ଆଧାରରେ ଓ କେତେ ନିର୍ମଳ ଭାବେ ସମ୍ପନ୍ନ କରାଯାଇଛି ସ୍ପଷ୍ଟ ଜଣା ପଡୁଛି। ଉଲ୍ଲେଖଯୋଗ୍ୟ ଯେ କଂସରା ସରକାରୀ ଉପ୍ରା ବିଦ୍ୟାଳୟରେ ୨୦୨୫-୨୦୨୬ ଶିକ୍ଷା ବର୍ଷ ପାଇଁ ଶିଶୁ ସେବିକା ନିଯୁକ୍ତି ନିମନ୍ତେ ସମୁଦାୟ ୧୨ ଜଣ ପାର୍ଥିନି ଆବେଦନ କରିଥିଲେ। ନିୟମ ମୁତାବକ ପ୍ରମାଣ ପତ୍ର ଗୁଡ଼ିକ ଯାଞ୍ଚ କରିବା ଧାର୍ଯ୍ୟ ତାରିଖ କିମ୍ବା ତା ପୂର୍ବରୁ ସମସ୍ତ ତଥ୍ୟ ( ପ୍ରମାଣ ପତ୍ର) ଗୁଡ଼ିକ ବିଜ୍ଞାପନ ନିର୍ଦ୍ଦେଶ ମୁତାବକ ଦାଖଲ କରିବା ଆବଶ୍ୟକ। ତେବେ ଏସ ଏମ୍ ସି କମିଟିର ସହମତିରେ ଗତ ତା -୬-୨-୨୦୨୬ ରିଖ ଅଧିବେଶନରେ ସର୍ବ ସମ୍ମତି କ୍ରମେ ହାତୁରା ସିଆର୍‌ସିସି ଜୟନ୍ତୀ ରାଉତଙ୍କୁ ତା -୭-୨-୨୦୨୬ ରିଖ ଠାରୁ କାର୍ଯ୍ୟରେ ଯୋଗ ଦେବା ନିମନ୍ତେ ଦେଇଥିବା ନିର୍ଦ୍ଦେଶ କେତେ ସମୀଚୀନ ବୁଝା ପଡୁଛି। ଏପଟେ ଅଭିଯୋଗ କାରିଣୀ ରୋଜିତା ଭୋଇଙ୍କୁ ଏହି ପଦ ନିମନ୍ତେ ସିଲେକ୍ସନ ପାଇଁ ପୂର୍ବରୁ ପ୍ରଧାନ ଶିକ୍ଷୟିତ୍ରୀ କୁଆଡେ ୨୦ ହଜାର ଟଙ୍କା ମାଗିଥିବା ସେ ଆଜି ଗଣମାଧମ ଆଗରେ ପ୍ରକାଶ କରିଛନ୍ତି। ଏହି ଭଳିଆ ଅନୀୟ ମିତତା ସମ୍ପର୍କରେ ହିନ୍ଦୋଳ ବିଇଓଙ୍କୁ ପଚାରିବାରେ ସେ ନିଜେ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନେବେ ବୋଲି ପ୍ରକାଶ କରିଛନ୍ତି ।

## ବଜ୍ରକୋଟ ନିଳକଣ୍ଠେଶ୍ୱର ମନ୍ଦିର ପ୍ରତିଷ୍ଠା ପାଇଁ ବୈଠକ

କଣିହାଁ, (ସବ୍ୟୁ): କଣିହାଁ ବ୍ଲକ ଅନ୍ତର୍ଗତ ବଜ୍ରକୋଟ ଗ୍ରାମ ରିଗୁଡି ପାହାଡ ଉପରେ ବାବା ନିଳକଣ୍ଠେଶ୍ୱର ମହାଦେବ ମନ୍ଦିର ପ୍ରାଣ ପ୍ରତିଷ୍ଠା ନିମିତ୍ତ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଆସନ୍ତା ମେ ମାସ ୩, ୪ ଓ ୫ ତାରିଖ ପ୍ରତିଷ୍ଠା କାର୍ଯ୍ୟ କରିବା ପାଇଁ ନିଷ୍ପତ୍ତି ହୋଇଛି । ଏଥିରେ କଳସ ଯାତ୍ରା ଠାରୁ ଆରମ୍ଭ କରି ମନ୍ଦିର ପ୍ରତିଷ୍ଠା ଓ ପୂର୍ଣ୍ଣାହୁତି ସମାପନ ପର୍ଯ୍ୟନ୍ତ କିଭଳି ଶାନ୍ତିଶୃଙ୍ଖଳା ଭାବେ କାର୍ଯ୍ୟ ସମାପନ ହେଇପାରିବ ସେ ବିଷୟରେ ଆଲୋଚନା କରାଯାଇଥିଲା। ମନ୍ଦିର ପ୍ରତିଷ୍ଠା ସମୟରେ ଅଧିକ ଜନସମାଗମ ହେବାର ସମ୍ଭାବନା ଥିବାରୁ ଏହାକୁ ସୁଚାରୁ ରୂପେ ସଂପାଦନ କରିବା ପାଇଁ ନିମନ୍ତ୍ରଣ କମିଟି, କଳସ ଯାତ୍ରା କମିଟି, ପୂଜା କମିଟି, ପ୍ରସାଦ ସେବନ କମିଟି, ସାଂସ୍କୃତିକ କାର୍ଯ୍ୟକ୍ରମ କମିଟି, ପ୍ରଚାର ପ୍ରସାର ଓ ଲୋକ ସଂପର୍କ କମିଟି, ସମ୍ମାନୀତ କମିଟି ଓ ଅର୍ଥ ସଂଗ୍ରହ ଇତ୍ୟାଦି ବିଭିନ୍ନ କମିଟି ଗଠନ କରାଯାଇଛି । ବଜ୍ରକୋଟ ଗ୍ରାମପଞ୍ଚାୟତରେ ମଇମାସ ୧ ରୁ ୬ ତାରିଖ ପର୍ଯ୍ୟନ୍ତ ମଦ, ଆମିଷ ବିକ୍ରି ଏବଂ ଭୋଜନ ପାଇଁ ସଂପୂର୍ଣ୍ଣ ବାରଣ କରାଯାଇଛି । ବଜ୍ରକୋଟ ଗ୍ରାମ କମିଟି ମୁଖ୍ୟ ଅକ୍ଷୟ କୁମାର ବିଶିଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ଫକୀର ମୋହନ ସାମଲ, ନୃସିଂହ ବରାଳ, ସମିତି ସଭ୍ୟ ସୀମାଞ୍ଚଳ ପଣ୍ଡା, ମଣ୍ଡଳ ଆର୍ଯ୍ୟ ସମାଜର ଅଧକ୍ଷ ଓମ୍ ପ୍ରକାଶ ନନ୍ଦ ପ୍ରମୁଖ ଅଞ୍ଚଳର ଭଦ୍ର ବ୍ୟକ୍ତି ଓ ମାନ୍ୟଗଣ ବ୍ୟକ୍ତି ଉପସ୍ଥିତ ଥିଲେ । ସୁଚନାଯୋଗ୍ୟଯେ, ବଜ୍ରକୋଟ ଗ୍ରାମରେ ପ୍ରାୟ ୧୩୦୦ ବର୍ଷ ପୂର୍ବେ ୭୦୦ ଶତାବ୍ଦୀରେ ଭୂମକୁଟ ରାଜବଂଶ ରାଜୁତି ସମୟରେ ୪ଟି ଶିବ ମନ୍ଦିର ନିର୍ମାଣ ହୋଇଥିଲା। କାଳକ୍ରମେ ସେଥି ମଧ୍ୟରୁ ଗୋଟିଏ ମାତ୍ର ବାବା ଭିଙ୍ଗେଶ୍ୱର ଶିବ ମନ୍ଦିର ଦଣ୍ଡାୟମାନ ଅଛି । ସେହି ମନ୍ଦିର ବର୍ତ୍ତମାନ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ପକ୍ଷରୁ ପରିଚାଳିତ । ଅନ୍ୟ ତିନୋଟି ମନ୍ଦିର ରକ୍ଷଣାବେକ୍ଷଣ ଅଭାବରୁ ମାଟିରେ ମିଶି ଯାଇଥିବାବେଳେ ଗ୍ରାମର କିଛି ବ୍ୟକ୍ତି ୧୯୭୧ ମସିହାରୁ ସେହି ଲିଙ୍ଗକୁ ଏକ ଭଙ୍ଗା କୁଡିଆରେ ରଖି ପୂଜାର୍ଚ୍ଚନା କରି ଆସୁଥିଲେ । ଗତ ୨୨ ଜାନୁୟାରୀ ୨୦୨୪ ରିଖ ଅଯୋଧାରେ ପରମ ପୁରୁଷ ଶ୍ରୀରାମଚନ୍ଦ୍ରଙ୍କର ପ୍ରାଣ ପ୍ରତିଷ୍ଠା ସମାରୋହ ଦିବସରେ ବଜ୍ରକୋଟ ଗ୍ରାମର କିଛି ଯୁବଗୋଷ୍ଠୀଙ୍କ ସହଯୋଗରେ ସେହିମନ୍ଦିରର ଭୂମି ପୂଜନ କାର୍ଯ୍ୟ ସମାପନ ହୋଇଥିଲା । ଗ୍ରାମବାସୀ ଘରଘର ବୁଲି ଦାନ ଭିକ୍ଷା କରି ୧୫ ଲକ୍ଷରୁ ଅଧିକ ଟଙ୍କା ଏକତ୍ରିତ କରି ମନ୍ଦିର ନିର୍ମାଣ କାର୍ଯ୍ୟ ଚାଲୁ ରଖିଛନ୍ତି ।

## ପାଲଲହଡାରେ ଦ୍ୱିତୀୟ ତଥା ଶେଷ ପର୍ଯ୍ୟାୟ ଜନଗଣନା ପ୍ରଶିକ୍ଷଣ

ପାଲଲହଡା, (ସବ୍ୟୁ): ଆଜିଠାରୁ ତିନିଦିନ ବ୍ୟାପି ଦ୍ୱିତୀୟ ଏବଂ ଶେଷ ପର୍ଯ୍ୟାୟ ଜନଗଣନା ପ୍ରଶିକ୍ଷଣ ଶିବିର ସ୍ଥାନୀୟ ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆରମ୍ଭ ହୋଇଛି । ଏଥିରେ ୧୫୦ଜଣ ଅଂଶଗ୍ରହଣକରିଛନ୍ତି । ଯେଉଁଥିରେ ଉଭୟ ଗଣନକାରୀ ଓ ପର୍ଯ୍ୟବେକ୍ଷକମାନେ ପ୍ରଶିକ୍ଷଣ ନେଉଛନ୍ତି । ମୁଖ୍ୟ ପ୍ରଶିକ୍ଷକ ଭାବେ ସହକାରୀ ଜିଲ୍ଲାପାଳ ମନୋରଞ୍ଜନ ଜେନା, ମାଲ୍ୟଗିରି ମହାବିଦ୍ୟାଳୟର ଅଧାପକ ବଳଭଦ୍ର ପ୍ରଧାନ , ସିଆରସିସି ଚିନ୍ମୟ ବେହେରା ଓ କିଶୋର କୁମାର ନାୟକ ଏବଂ ଗ୍ରାମପଞ୍ଚାୟତ ବିକାଶ ଅଧିକାରୀ ବିକ୍ରମ ସାହୁ ପ୍ରଶିକ୍ଷଣ ଦେଉଛନ୍ତି । ଏହା ଦେଶ ପାଇଁ ପ୍ରଥମ ଥର ପାଇଁ ଡିଜିଟାଲ୍ ଜନଗଣନା କରାଯାଉଛି । ପ୍ରଥମ ପର୍ଯ୍ୟାୟରେ ଆସନ୍ତା ଏପ୍ରିଲ ମାସ ୧ ତାରିଖ ଠାରୁ ଏପ୍ରିଲ ୧୫ ପର୍ଯ୍ୟନ୍ତ ସ୍ୱ-ଗଣନା ହେବ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ଏପ୍ରିଲ ୧୬ ତାରିଖରୁ ଆସନ୍ତା ମେ ମାସ ୧୫ ପର୍ଯ୍ୟନ୍ତ ପ୍ରଶିକ୍ଷିତ ଗଣନକାରୀମାନେ ଘର-ଘର ବୁଲି ତଥ୍ୟ ସଂଗ୍ରହ (ଘର ଗଣନା) କରିବେ । ତହସିଲଦାର ତଥା ଭାରପ୍ରାପ୍ତ ଅଧିକାରୀ ଭାବେ ସୁଶ୍ରୀ ଅକାଂକ୍ଷା ମହାପାତ୍ର ପ୍ରଶିକ୍ଷଣର ପ୍ରତ୍ୟକ୍ଷ ତତ୍ତ୍ୱାବଧାନ କରୁଥିବାବେଳେ ଅତିରିକ୍ତ ତହସିଲଦାର ମଦନ ମୋହନ ଜେନା ସହଯୋଗ କରୁଛନ୍ତି । ସହାୟତା ପାଇଁ ବରିଷ୍ଠ ରାଜସ୍ୱ ସହାୟକ ଭାବେ ବାବୁଲା ବେହେରା, ବୈଷୟିକ ସହାୟକ ଭାବେ ବାଦଲ ଦେହୁରୀ ଓ ବରିଷ୍ଠ ରାଜସ୍ୱ ସହାୟକ ଶୁଭକାନ୍ତ ପ୍ରଧାନ ଏବଂ ଖାଦ୍ୟ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ପାଇଁ କନିଷ୍ଠ ରାଜସ୍ୱ ସହାୟକ ସୁଗ୍ରୀବ ମହାପାତ୍ର ନିୟୋଜିତ ହୋଇଛନ୍ତି। ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପଟେଲଙ୍କ ମାର୍ଗଦର୍ଶନରେ ପ୍ରଶିକ୍ଷଣ ସଫଳତାର ସହ ଚାଲିଥିବାର ଦେଖା ଯାଉଛି ।

## ଜିଲ୍ଲା ସ୍ତରୀୟ ମିଳିତ ଜନ ଶୁଣାଣି କାର୍ଯ୍ୟକ୍ରମ

ବଁଅରପାଳ, (ସବ୍ୟୁ): ଅନୁଗୋଳ ଜିଲ୍ଲାପାଳ ଅବଦାଲ୍ ମୁହମ୍ମଦ ଅଖତରଙ୍କ ଅଧକ୍ଷତାରେ ବଁଅରପାଳ ପଞ୍ଚାୟତ ସମିତି କାର୍ଯ୍ୟାଳୟ ଠାରେ ଜିଲ୍ଲା ସ୍ତରୀୟ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଆରକ୍ଷୀ ଅଧିକ୍ଷକ ରାହୁଲ ଜୈନ ଯୋଗ ଦେଇଥିଲେ । ଜନଶୁଣାଣି ଶିବିରରେ ସମୁଦାୟ ୩୦ଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ସେଥି ମଧ୍ୟରୁ ୨୫ଟି ବ୍ୟକ୍ତିଗତ ଓ ୫ଟି ଗ୍ରାମ୍ୟଭିତ୍ତିକ ଅଭିଯୋଗର ଶୁଣାଣି ହୋଇଥିବାବେଳେ ୩ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା । ୧ ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ଚିକିତ୍ସା ସହାୟତା ରାଶି ପ୍ରଦାନ କରାଯାଇଥିଲା ।

## ଆଦର୍ଶ ଇଣ୍ଟନ୍ୟାସନାଲ୍ ସ୍କୁଲ୍, ଅନୁଗୁଳର ବାର୍ଷିକ ଉତ୍ସବ



ଅନୁଗୋଳ, (ସବ୍ୟୁ): ଆଦର୍ଶ ଇଣ୍ଟରନ୍ୟାସନାଲ୍ ସ୍କୁଲ୍, ଅନୁଗୁଳର ବାର୍ଷିକ ଉତ୍ସବ ଆଦର୍ଶ କାର୍ନିଭାଲ୍ ୨୦୨୬ ଆୟୋଜନ କରିଥିଲା। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥିଭାବେ ରାହୁଲ ଜୈନ୍, ଆଇପିଏସ୍ ଯୋଗ ଦେଇଥିଲେ। ଡକ୍ଟର ଶାନ୍ତନୁ କୁମାର ସର ସମ୍ମାନିତ ଅତିଥି, ଡକ୍ଟର ଧରଣୀଧର ନାଥ ମୁଖ୍ୟବକ୍ତା ଭାବରେ ଉପସ୍ଥିତ ଥିଲେ। ସ୍ଥାନୀୟ ବିଭିନ୍ନ ସ୍କୁଲ୍‌ର ପ୍ରିନ୍ସିପାଲ୍ ଏଂ ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କ ଉପସ୍ଥିତି ଉତ୍ସାହପ୍ରଦ ଥିଲା।। ସମଗ୍ର କାର୍ଯ୍ୟକ୍ରମଟି ପ୍ରିନ୍ସିପାଲ୍ ସୁରେନ୍ଦ୍ର କୁମାର ଭୋଇଙ୍କ ନେତୃତ୍ୱରେ ଅତ୍ୟନ୍ତ ଯତ୍ନର ସହିତ ପରିକଳ୍ପିତ ଏବଂ କାର୍ଯ୍ୟକାରୀ ହୋଇଥିଲା।। ଚେୟାରମ୍ୟାନ୍ ଡକ୍ଟର ମହେଶ ଚନ୍ଦ୍ର ଧଳ ଏବଂ ଭାଇସ୍ ଚେୟାରମ୍ୟାନ୍ ଆର୍ଯ୍ୟସୁତା ଧଳଙ୍କ ମାର୍ଗଦର୍ଶନରେ ସଫଳ ହୋଇଥିଲା । ନୃତ୍ୟ ଶିକ୍ଷୟିତ୍ରୀ ମିସ୍ ଅନିତା ରାଜଗୁରୁଙ୍କ ଅକ୍ଲାନ୍ତ ପ୍ରଶିକ୍ଷଣ ଫଳରେ ଛାତ୍ରଛାତ୍ରୀମାନେ ଉଚ୍ଚକୋଟୀର ପ୍ରଦର୍ଶନ କରିଥିଲେ। ନୃତ୍ୟ ସହିତ ସୁମଧୁର ସଙ୍ଗୀତ ଏବଂ ଆକର୍ଷଣୀୟ ଅଭିନୟ ସନ୍ଧ୍ୟାକୁ ସରସ ସୁନ୍ଦର କରିଥିଲା।। କାର୍ଯ୍ୟକ୍ରମର ସଂଯୋଜନା ଶୁଶ୍ରୀ ସଙ୍ଗୀତା ସ୍ୱାଇଁ ଏବଂ ଶର୍ମିଷ୍ଠା ଦାସ ଅତ୍ୟନ୍ତ ଆକର୍ଷଣୀୟ ଭାବରେ କରିଥିଲେ। ପୁରସ୍କାର ବିତରଣ ସମାରୋହରେ ମୁଖ୍ୟଅତିଥି ଶ୍ରୀ ରାହୁଲ ଜୈନ୍‌ଙ୍କୁ ବେଷ୍ଟ ଷ୍ଟୁଡେଣ୍ଟ ଅଫ ଦି ଇୟରରେ ପୁରସ୍କୃତ କରିବା ସହିତ ଏକ ପ୍ରେରଣାଦାୟକ ବକ୍ତବ୍ୟ ଦେଇଥିଲେ। ସତ୍ୟ ସୁନ୍ଦର ପଟ୍ଟନାୟକ ଧନ୍ୟବାଦ ଜ୍ଞାପନ କରିଥିଲେ।

## ଟିପୋ ଗ୍ରାମରେ ଶ୍ରୀରାମ ନବମୀ ଉତ୍ସବ

ଗୋଡ଼ିବନ୍ଧ, (ସବ୍ୟୁ): ଅନୁଗୁଳ ଜିଲ୍ଲାର ସମଲ ଥାନା ଅନ୍ତର୍ଗତ ଟିପୋ-ସମଲ ଗ୍ରାମରେ ଶ୍ରୀରାମ ନବମୀ ଉତ୍ସବ ପାଳିତ ହେଇଯାଇଛି । ଜୟ ହନୁମାନ ଯୁବକ ସଂଘର ସଭାପତି ଅଶୋକ କୁମାର ପ୍ରଧାନ, ସମ୍ପାଦକ ବିଷ୍ଣୁ ଚରଣ ସାହୁ, କୋଷାଧକ୍ଷ ରଞ୍ଜନ କୁମାର ସାହୁ(ବାପି) ଓ ବରିଷ୍ଠ ସଦସ୍ୟ ଦୀପ୍ତି ରଞ୍ଜନ ସାହୁଙ୍କ ସହଯୋଗରେ କାର୍ଯ୍ୟକ୍ରମ ସମ୍ପନ୍ନ ହେଇଥିଲା। ଦୁଇଦିନ ଧରି ଅନୁଷ୍ଠିତ ଏହି ଭବ୍ୟ ଉତ୍ସବରେ ୨୭ ତାରିଖ ଶୁକ୍ରବାର ଦିନ ପ୍ରାତଃ ୭ଟା ବେଳେ କଳସ ଶୋଭାଯାତ୍ରା ଆରମ୍ଭ ହୋଇ ପୂର୍ବାହ୍ନ ୯ଟା ବେଳେ ଯଜ୍ଞାରମ୍ଭ ହେଇଥିଲା । ମଧ୍ୟାହ୍ନ ୧୨ଟା ବେଳେ ପୂର୍ଣ୍ଣ ଆହୁତି ପରେ ଶହଶହ ପୁରୁଷ ଓ ମହିଳା ରାମଭକ୍ତଙ୍କୁ ନିଶୁଳ୍କ ଅନ୍ନ ପ୍ରସାଦ ବ୍ୟଞ୍ଜନ କରାଯାଇଥିଲା । ୨ୟ ଦିବସରେ ଘଣ୍ଟ ମାଦଳ, ହରିବୋଲ ହୁଳହୁଳି, ନାଦିଆଁ କୀର୍ତ୍ତନ, ବାଣ ରୋଷଣିର ଏକ ବିରାଟ ଶୋଭାଯାତ୍ରା ଦ୍ୱାରା ଗ୍ରାମ୍ୟ ପରିକ୍ରମଣ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଦୁଇଦିନ ଧରି ଉଚ୍ଚ କୋଟିରର ଅପେରା ପ୍ରଦର୍ଶନ ସମସ୍ତ ଶ୍ରଦ୍ଧାଳୁଙ୍କୁ ବିମୋହିତ କରିଥିଲା। ଏ ଅବସରରେ ଭାଜପାର ପ୍ରାକ୍ତନ ଜିଲ୍ଲା ପରିଷଦ ସଦସ୍ୟା ବସନ୍ତ ମଞ୍ଜରୀ ପ୍ରଧାନ, ବିଧାୟକଙ୍କ ପ୍ରତିନିଧି ପ୍ରହଲ୍ଲାଦ ସାମଲ, ସୁନିଲ କୁମାର ମହାନ୍ତି, ସାମ୍ବାଦିକ ହିମାଂଶୁ ଗଡ଼ନାୟକ, ଗୋଷ୍ଠୀ ଅଧକ୍ଷ ରାମକୃଷ୍ଣ ପ୍ରଧାନ, ସମଲ ଗ୍ରାମ ପଞ୍ଚୟତ ସରପଞ୍ଚ ଜିତେନ୍ଦ୍ର ବେହେରା ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦାନ କରିଥିଲେ।

# ଆଞ୍ଚଳିକ କୃଷକ ମଞ୍ଚ ପକ୍ଷରୁ ରାସ୍ତାରୋକ



ନୀଳଗିରି, (ସବ୍ୟୁ) : ଆଞ୍ଚଳିକ କୃଷକ ମଞ୍ଚ ତରଫରୁ ରାସ୍ତାରୋକ କରାଯାଇଥିଲା। ଆସନ୍ତା ଏପ୍ରିଲ ୧୫ ତାରିଖ ମଧ୍ୟରେ ରାସ୍ତା କାମ ଆରମ୍ଭ ର ପ୍ରତିଶ୍ରୁତି ପାଇ ରାସ୍ତାରୋକ ପ୍ରତ୍ୟାହାର ହୋଇଛି। ଉପଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ସୁଚନାଯୋଗ୍ୟ ନୀଳଗିରି ଉପଖଣ୍ଡ ଔପଦା ବ୍ଲକ ଅଧୀନ ବାଉଁଶବଣିଆ ଛକ ରେ ଆଞ୍ଚଳିକ କୃଷକ ମଞ୍ଚ ତରଫରୁ ସକାଳ ୯ ଘଟିକା ଠାରୁ ବିଭିନ୍ନ ଦାବି ନେଇ ରାସ୍ତାରୋକ ବିକ୍ଷୋଭ ଆୟୋଜିତ ହୋଇଥିବା ବେଳେ ମଞ୍ଚ ର ସଭାପତି ରାମଚନ୍ଦ୍ର ବେହେରା, ଉପ ସଭାପତି ଉମାକାନ୍ତ ମଲିକ, ବର୍ଷିଆନ ନେତା କୈଳାଶ ଚନ୍ଦ୍ର ପଣ୍ଡା, ବରିଷ୍ଠ ସଦସ୍ୟ ନିରଞ୍ଜନ ବାରିକ, ସମ୍ପାଦକ ନିହାର ରଞ୍ଜନ ଜେନା, ବିଜୟ କୁମାର ସ, ଅବସର ପ୍ରାପ୍ତ ଶିକ୍ଷକ ରବିନାରାୟଣ ଜେନା, ହରେକୃଷ୍ଣ ପଣ୍ଡିତ, ଅନିରୁଦ୍ଧ ବେହେରା, ପ୍ରଭାକର ମହାପାତ୍ର, ଗାୟତ୍ରୀ ପଣ୍ଡା, ବାସନ୍ତୀ ନାୟକ, ଗଙ୍ଗାଧର ସାମଲ ପ୍ରମୁଖ ଉପସ୍ଥିତ ରହି ରାସ୍ତାରୋକ ଜାରି ରଖିଥିବା ବେଳେ ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ ବିକ୍ଷୋଭ ସ୍ଥଳ ରେ ପହଁଞ୍ଚି ଉଦବୋଧନ ଦେବା ସହିତ ଏ ଭଳି ନ୍ୟାର୍ଯ୍ୟ ଦାବି ପାଇଁ ତାଙ୍କର ପୂର୍ଣ୍ଣ ସମର୍ଥନ ରହିଛି ବୋଲି ମତ ପ୍ରକାଶ କରିଥିଲେ। ଉପଜିଲ୍ଲାପାଳ ୧୧. ୩୦ ମିନିଟ ସମୟରେ ରାସ୍ତାରୋକ ସ୍ଥଳ ରେ ପହଞ୍ଚି ମଞ୍ଚ ର ନେତୃତ୍ୱ ଙ୍କ ଠାରୁ ଦାବିପତ୍ର ଗ୍ରହଣ କରିବା ସହିତ ଆସନ୍ତା ଏପ୍ରିଲ ମାସ ୧୫ ତାରିଖ ମଧ୍ୟରେ ରାସ୍ତା ର ପୁନଃ ଉଦ୍ଧାର କାର୍ଯ୍ୟ ଆରମ୍ଭ ହେବାର ନିର୍ଭରଯୋଗ୍ୟ ଦୃଢ଼ ପ୍ରତିଶ୍ରୁତି ଦେବା ସହିତ ଅନ୍ୟ ଦାବି ଗୁଡିକ ସମ୍ପର୍କରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ହେବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ଧାରଣା ପ୍ରତ୍ୟାହାର ହୋଇଥିଲା। ଉପଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ଙ୍କୁ ଦାବିପତ୍ର ହୋଇଥିବା ମଞ୍ଚ ନେତୃତ୍ୱଙ୍କ ଠାରୁ ସୂଚନା ମିଳିଥିବା ବେଳେ ମୁଖ୍ୟ ୩ ଦାବି ଗୁଡିକ ଯଥାକ୍ରମେ ନୀଳଗିରି ବଉଳଗଡିଆ ରାସ୍ତାକୁ ଯୁଦ୍ଧ କାଳୀନ ଭିତ୍ତିରେ ପୁନଃ ନିର୍ମାଣ, ଜନ ବସତିରୁ ଇକୋ ସେନସିଟିଭ ଜୋନ ପ୍ରତ୍ୟାହାର, କୁଳଡିହା ଅଭୟାରଣ୍ୟ ତଥା ପାହାଡ଼ର ପାଦ ଦେଶ ରେ ତୁରନ୍ତ ସୋଲାର ଫିକ୍ସିଙ୍ଗ କରି ବନ୍ୟଜନ୍ତୁ କବଳରୁ ଧନ ଜୀବନକୁ ରକ୍ଷା ଦେବା ସହିତ ହାତୀ କବଳରୁ ଲୋକଙ୍କ ଚାଷ ବାସର ସୁରକ୍ଷା ପ୍ରଦାନ କରାଯାଉ ବୋଲି ଦାବି ହୋଇଛି । ଆସନ୍ତା ୧୫ ଦିନ ମଧ୍ୟରେ ରାସ୍ତା ର ପୁନଃ ଉଦ୍ଧାର କାର୍ଯ୍ୟ ଆରମ୍ଭ ନ ହେଲେ ଆସନ୍ତା ମେ ମାସ ପ୍ରଥମ ସପ୍ତାହ ରେ ପୁଣି ଅନିର୍ଦ୍ଧିଷ୍ଟ କାଳ ନୀଳଗିରି ବଉଳ ଗଡିଆ ରାସ୍ତା ର ଉଭୟ ପାର୍ଶ୍ୱ ରେ ରାସ୍ତା ରୋକ କରିବାର ଚେତାବନୀ ପ୍ରଶାସନ କୁ ଦେଇ ରାସ୍ତାରୋକ ପ୍ରତ୍ୟାହାର କରିଥିଲେ।

## ଗ୍ୟାସ ସିଲିଣ୍ଡର ପାଇବାକୁ ପୁଣି ରାସ୍ତାରୋକ

# ଯୁଦ୍ଧକାଳୀନ ଭିତ୍ତିରେ ସିଲିଣ୍ଡର ଯୋଗାଣ ଲାଗି ନାଗରିକ ମଞ୍ଚର ଦାବି



କେନ୍ଦୁଝର, (ସବ୍ୟୁ) : ଘରୋଇ ଗ୍ୟାସ ସିଲିଣ୍ଡର ପାଇବା ପାଇଁ ପୁଣି ରାସ୍ତାକୁ ଓହ୍ଲାଇଲେ ଉପଭୋକ୍ତା, କଳାବଜାର ଆଶଙ୍କା କରିକେନ୍ଦୁଝର, ରୋଷେଇ ଗ୍ୟାସ ବିତରଣ ସମସ୍ୟା ପ୍ରତିବାଦରେ ସୋମବାର ଗ୍ୟାସ ଆଣିବାକୁ ଯାଇଥିବା ଉପଭୋକ୍ତା ସିଲିଣ୍ଡର ଧରି ପ୍ରତିବାଦ କରିବା ସହ କେନ୍ଦୁଝର-ଶଙ୍କରପୁର-ବେଲଦା ରାସ୍ତା ଅବରୋଧ କରିଛନ୍ତି। ଫଳରେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଛି। ଗ୍ୟାସ ଗୋଦାମରେ ତାଲା ପଡ଼ିଥିବା ବେଳେ କର୍ମଚାରୀ ଆସିବାରେ ବିଳମ୍ବ, ଦୀର୍ଘ ବହୁ ସମୟ ଧରି ଅପେକ୍ଷା କରିବା ସହ ଦୀର୍ଘ ଦିନ ଧରି ଗ୍ୟାସ ମିଳୁ ନ ଥିବାରୁ କଳାବଜାର ହେଉଥିବା ଆଶଙ୍କା କରି ପ୍ରତିବାଦ କରିଛନ୍ତି। ଘରକୁ ଗ୍ୟାସ ଯୋଗାଣ କରାଯାଉ ନ ଥିବାରୁ ବହୁ ବରିଷ୍ଠ ନାଗରିକ, ମହିଳାମାନେ ଦୀର୍ଘ ୮ କିମି ଯାଇ ଆଣିବାକୁ ପଡୁଥିବାରୁ ଅକଥନୀୟ ଦୁର୍ଦ୍ଦଶା ଭୋଗୁଛନ୍ତିସରକାର ଗ୍ୟାସ ଅଭାବ ନ ଥିବା କହୁଥିବା ବେଳେ କେନ୍ଦୁଝରରେ ଦୀର୍ଘ ମାସ ହେଲା ଉପଭୋକ୍ତା ଅସନ୍ତୋଷ ଲାଗି ରହିଥିବା ବେଳେ ପୁଞ୍ଜିଭୂତ ଅସନ୍ତୋଷ ଅନେକ ସମୟରେ ଉଗ୍ରରୂପ ଧାରଣ କରି ରାସ୍ତା ଅବରୋଧ କରିବାକୁ ବାଧ ହେଉଛନ୍ତି। ଏହାର ସମାଧାନ ନ ହେଲେ ଗ୍ୟାସ ଧରି ଜିଲାପାଳଙ୍କ ଅଫିସ ଆଗରେ ପ୍ରଦର୍ଶନ କରିବେ ବୋଲି ଅନେକ ମତବ୍ୟକ୍ତ କରୁଛନ୍ତି।ସୂଚନାଯୋଗ୍ୟ, ଗ୍ୟାସ ବିତରଣରେ ଅନିୟମିତତା ପାଇଁ ଓ ଏହାକୁ ନେଇ ରାସ୍ତା ଅବରୋଧ କରି ପ୍ରତିବାଦ ଜଣାଇବା ପରେ ତୈଳ ବିତରଣ କମ୍ପାନୀ ଯୋଗାଣ କରି ଆସୁଥିବା ବ୍ରହ୍ମେଶ୍ୱର ଗ୍ୟାସ ଏଜେନ୍ସିକୁ ବନ୍ଦ କରି ଅନ୍ୟ ଏକ ସଂସ୍ଥାକୁ ଦେଇଛନ୍ତି। ଏପରିକି ବିତରଣ କମ୍ପାନୀର ଅଧିକାରୀ ଏହାର ତଦାରଖ କରୁଛନ୍ତି। ଏହା ସତ୍ତ୍ୱେ ଘରକୁ ଗ୍ୟାସ ପହଞ୍ଚାଇବା କମ୍ପାନୀର ନିୟମ ଥିଲେ ଦିଆଯାଉନାହିଁ। ଫଳରେ ଲୋକଙ୍କୁ ଗ୍ୟାସ ଧରି ଦୀର୍ଘ ବହୁ ବାଟ ଅସୁରକ୍ଷିତ ଅବସ୍ଥାରେ ସିଲିଣ୍ଡର ବୋହି ଯିବାକୁ ପଡୁଛି। ଅନେକ ସମୟରେ ଗ୍ୟାସ ମିଳୁ ନ ଥିବାରୁ ନିରାଶ ହୋଇ ଫେରିବାକୁ ବି ପଡୁଛି। ଫଳରେ ପୁଞ୍ଜିଭୂତ ଅସନ୍ତୋଷ ଅନେକ ସମୟରେ ଉଗ୍ର ରୂପ ନେଇଛି। କେନ୍ଦୁଝର ମାଗରିକ ମଞ୍ଚ ତରଫରୁ ଏହି ଦୁର୍ନୀତିର ପରଦାଫାଶ ପରେ ଜରୁରୀ ବୈଠକ ବସି ଏସବୁ ବାବଦରେ ଆଲୋଚନା ହୋଇଥିଲା ତେବେ ଆଜି ସୋମବାର ଥିବାରୁ କାଲି ଜିଲ୍ଲାପାଳଙ୍କୁ ଭେଟି ସମସ୍ୟା ସମାଧାନ କରିବାକୁ କହିବେ ବୋଲି ନିଷ୍ପତ୍ତି ହୋଇଛି। ନାଗରିକ ମଞ୍ଚ ପକ୍ଷରୁ ହିମାଂଶୁ କୁଅଁର, ସତ୍ୟ ନାରାୟଣ ସାମଲ, ଭକ୍ତବତ୍ସଳ ମହାନ୍ତି, ଦିଲୀପ ସାହୁ ଓ ପ୍ରଫୁଲ୍ଲ ସାହୁ ଏହି ବୈଠକରେ ଉପସ୍ଥିତ ଥିଲେ।

## ଗାଧୋଉଥିବା ବେଳେ ବାପା ଆଗରେ ଚାଲିଗଲା ପୁଅର ଜୀବନ

ନୀଳଗିରି, (ସବ୍ୟୁ) : ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ଧୋବଶିଳା ପଞ୍ଚାୟତ ଅଧୀନ ଧୋବଶିଳା ଗ୍ରାମର ଗାଧୋଉଥିବା ବେଳେ ବାପା ଆଗରେ ଚାଲିଗଲା ପୁଅର ଜୀବନ। ସୋମବାର ଦିନ ୩ ଘଟିକା ସମୟରେ ୩ ବର୍ଷର ପୁଅକୁ ଧରି ବାପା ପୋଖରୀ ରେ ଗାଧୋଉଥିବା ବେଳେ ଅସାବଧାନତା ଯୋଗୁଁ ପୁଅଟି ବୁଡି ଯାଇଥିଲା। ପରେ ମୃତ ଅବସ୍ଥାରେ ପୁଅକୁ ଉଦ୍ଧାର କରିଥିଲା ବାପା। ଏପରି ଏକ ଦୁଃଖଦ ଘଟଣା ନିଳଗିରି ଥାନା ଅନ୍ତର୍ଗତ ଧୋବଶିଳା ଗ୍ରାମର ଜଡ଼ା ସିଂ ଙ୍କ, ତିନି ବର୍ଷର ପୁଅ ମୁନା ପୋଖରୀରେ ଗାଧୋଉଥିବା ବେଳେ ଏପରି ଅଘଟଣା ଘଟିଛି। ସଙ୍ଗେ ସଙ୍ଗେ ପିଲାକୁ ନୀଳଗିରି ମେଡିକାଲକୁ ଆଣିଥିବା ବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ ଅଞ୍ଚଳରେ ଏକ ପ୍ରକାର ଶୋକ ର ଛାୟା ଖେଳିଯାଇଛି।

# କାଞ୍ଚିପାଣି ଘାଟିରେ ତଦନ୍ତ କଲା ବନ ବିଭାଗ

କେନ୍ଦୁଝର,(ଜିପ୍ର) : କେନ୍ଦୁଝର ବନଖଣ୍ଡ ଭୁୟାଁକୁଆଂଗ ପୀଢ ରେଞ୍ଜ ଅନ୍ତର୍ଗତ କାଞ୍ଚିପାଣି ସେକ୍ସନର କାଞ୍ଚିପାଣି-ତେଲକୋଇ ରାଜପଥକୁ ବେଧଡ଼କ ଗଛକଟା ଚାଲିଛି। ଫଳରେ ଜଙ୍ଗଲପଦା ହେବାକୁ ବସିଥିବା ନେଇ ଧରିତ୍ରୀରେ 'ଶ୍ରୀହୀନ ହେଉଛି କାଞ୍ଚିପାଣି ଘାଟି' ଶୀର୍ଷକ ଖବର ଗତ ସୋମବାର ପ୍ରକାଶ ପାଇଥିଲା। ପରେ ବନ ବିଭାଗ ପକ୍ଷରୁ ବୁଧବାର ତଦନ୍ତ କରାଯାଇଛି। ମାତ୍ର ଉକ୍ତ ସ୍ଥାନ ଅଣଜଙ୍ଗଲ ଜମି କ୍ଷତିପୂରଣ ଯୋଗ୍ୟ ବୋଲି କେନ୍ଦୁଝର ବନଖଣ୍ଡ ପକ୍ଷରୁ ସାମାଜିକ ଗଣମାଧ୍ୟମରେ ସୂଚନା ଦିଆଯାଇଛି। ବନ ବିଭାଗ ପକ୍ଷରୁ ଠିକ ଭାବେ ତଦନ୍ତ ନ କରାଯାଇ ଘଟଣାକୁ ଚାପିଦେବାକୁ ଉଦ୍ୟମ କରାଯାଉଥିବା ପରିବେଶବିତ୍ ଅଭିଯୋଗ କରିଛନ୍ତି।ପ୍ରକାଶ ଥାଉ କି, ପ୍ରାକୃତିକ ଜଙ୍ଗଲ ପରିବେଷ୍ଟିତ ଏହି ଘାଟି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଥିବାରୁ ଏହାକୁ ପର୍ଯ୍ୟଟନ କେନ୍ଦ୍ରର ମାନ୍ୟତା ମିଳିଛି। ପରିବେଶକୁ ଦେଖିବା ପାଇଁ ଏବଂ ପର୍ଯ୍ୟଟକ ରହଣି ପାଇଁ ବନ ବିଭାଗ ଏଠାରେ ଏକ ପ୍ରକୃତି ନିବାସ ନିର୍ମାଣ କରୁଛି। ଏଭଳି ପରିସ୍ଥିତିରେ ବ୍ୟାପକ ଜଙ୍ଗଲ କଟା ପରିବେଶବିତ୍ଙ୍କୁ ବ୍ୟଥିତ କରିବା ସହ ଜଙ୍ଗଲ ଶ୍ରୀହୀନ ହେବାକୁ ବସିଛି। ଏ ନେଇ ଖବର ପ୍ରକାଶ ପରେ କେନ୍ଦୁଝର ବନଖଣ୍ଡ ଅଧିକାରୀଙ୍କ ଆଦେଶକ୍ରମେ କେନ୍ଦୁଝର ଖଣିଆଞ୍ଚଳରେ ତଦନ୍ତ କରିଛି। ଅଞ୍ଚଳରେ ୧ ଏକର ପରିମିତ ବୃକ୍ଷ ଯୋଗ୍ୟ ଅଣ ଜଙ୍ଗଲ ଜମି ସଫା କରାଯାଇଥିବା ଘଟଣାରେ ଜଣାପଡ଼ିଥିବା ରିପୋର୍ଟ ଏପରି ଧରଣର ସୂଚନା ଦେଇଛନ୍ତି। ଚାଷ ପାଇଁ କୌଣସି ଗଛ କଟାଯାଇ ନାହିଁ, କେବଳ ଜାଳେଣି ପାଇଁ ବୁଦା ଓ ଅନ୍ୟାନ୍ୟ କିସମର ଜଙ୍ଗଲ ସଫେଇ ହୋଇଥିବା କୁହାଯାଇଛି। ଏହି ଅଞ୍ଚଳ ଚିହ୍ନିତ ଜଙ୍ଗଲ ଜମି ବାହାରେ ଅର୍ଥାତ୍ ଅଣଜଙ୍ଗଲ ବୃଦ୍ଧି ଯୋଗ୍ୟ ଜମି ବୋଲି ବନ ବିଭାଗ ସୂଚନା ଦେଉଛନ୍ତି। ପାରମ୍ପରିକ ପୋଡୁଚାଷ ପାଇଁ ବହୁ ପୁରାତନ ଜନଜାତିମାନେ ଏଭଳି କାର୍ଯ୍ୟ କରୁଥିବା ସାଧବେଳେ ଜଣାପଡ଼ିଛି। ଏହାର ପରିସୀମାକୁ ଜଙ୍ଗଲାଞ୍ଚଳ ପର୍ଯ୍ୟନ୍ତ ରୋକିବା ପାଇଁ ଏବଂ ବନବାସୀଙ୍କ ଜୀବନଜୀବିକାର ସୁରକ୍ଷା ସହ ଜଙ୍ଗଲର ସୁରକ୍ଷା ନିମନ୍ତେ ସଚେତନ କରାଯିବ। ସେହିପରି ଆଖପାଖ ଜଙ୍ଗଲାଞ୍ଚଳରେ ଜବରଦଖଲ ଓ ବେଆଇନ କାର୍ଯ୍ୟକୁ ରୋକିବା ପାଇଁ ନଜର ରଖାଯାଇଥିବା ବନ ବିଭାଗ ପକ୍ଷରୁ ଦର୍ଶାଯାଇଛି। ତେବେ ବନ ବିଭାଗର ଏଭଳି ସୂଚନାର ସତ୍ୟତା ଯାଞ୍ଚ ବେଳେ ଗୁରୁବାର ଦେଖିବାକୁ ମିଳିଥିଲା, ବିଭିନ୍ନ ସ୍ଥାନରେ ଏଭଳି ଜଙ୍ଗଲ ପଦା କରାଯାଇଛି। ବିସ୍ତୃତ ଅଞ୍ଚଳରେ ଗଛ କଟାଯାଇ ପୋଡ଼ି ଦିଆଯାଇଛି।

## ଦୁଇ ବ୍ରାଉନସୁଗାର ବେପାରୀ ଗିରଫ

ନୀଳଗିରି, (ସବ୍ୟୁ) : ନିଳଗିରି ପୋଲିସ ଦୁଇ ବ୍ରାଉନ ସୁଗାର୍ ବେପାରୀଙ୍କୁ ଗିରଫ କରିଥିବା ବେଳେ ସେମାନଙ୍କ ଠାରୁ ୦.୨୪୬ଗ୍ରାମ ବ୍ରାଉନ ଶୁଗାର ଜବତ କରାଯାଇଛି। ବିଶେଷ ସୂତ୍ରରୁ ଖବର ପାଇ ନିଳଗିରି ନିଳଗିରି ଆଇ ଆଇ ସି ଗୋବର୍ଦ୍ଧନ ନାୟକ ସଦଳବଳେ ରାହୁଲ ଖୁଣ୍ଟା ଛକରେ ସନ୍ତରାଗ ଡିଆ ଗ୍ରାମରେ ଜଗଦୀଶ ପାଣିଗ୍ରାହୀ (୩୦) ଓ କନ୍ତିଆ ଟିକର ଗ୍ରାମର ବଳରାମ ମହାକୁଡ଼ (୨୧) ମିଶି ବିକ୍ରି କରୁଥିବା ବେଳେ ପୋଲିସ ମାଡ଼ି ବସିଥିଲା। ଏନେଇ ନିଳଗିରି ଥାନାରେ କେଶ ନମ୍ବର ୧୬୨/୨୬ରେ ମାମଲା ରୁଜୁ ହୋଇଥିବା ବେଳେ ତଦନ୍ତକାରୀ ଅଫିସର ରଂଜିତ ବେହେରା ଜବତ ବ୍ରାଉନ ସୁଗାର କୁ ଅତିରିକ୍ତ ତହସିଲଦାର ଶୁଭଶ୍ରୀ ଜେନା ଙ୍କ ଉପସ୍ଥିତିରେ ଓଜନ କରା ଯାଇଛି ବୋଲି ପ୍ରକାଶ କରିଛନ୍ତି।

## କୀର୍ତ୍ତନିଆ ମତ୍ସ୍ୟ ଅବତରଣ କେନ୍ଦ୍ର ନିକଟରେ ଦୁର୍ଘଟଣା ଜଣେ ମୃତ, ଜଣେ ଗୁରୁତର

ବାଲେଶ୍ୱର, (ସବ୍ୟୁ) : ଭୋଗରାଇ ବ୍ଲକ୍ କୀର୍ତ୍ତନିଆ ମତ୍ସ୍ୟ ଅବତରଣକେନ୍ଦ୍ର ସନ୍ନିକଟ ମୁଖ୍ୟରାସ୍ତାରେ ରବିବାର ମଧ୍ୟାହ୍ନରେ ଦୁର୍ଘଟଣାରେ ଜଣକର ମୃତ୍ୟୁ ହୋଇଥିବାବେଳେ ଅନ୍ୟଜଣେ ଗୁରୁତର ହୋଇ ବାଲେଶ୍ୱରରେ ଚିକିତ୍ସିତ ହେଉଛନ୍ତି। ସୂଚନା ଅନୁସାରେ, କୀର୍ତ୍ତନିଆ ମତ୍ସ୍ୟ ଅବତରଣକେନ୍ଦ୍ର ସନ୍ନିକଟ ରାସ୍ତାରେ ବାଇକ୍ ଓ ଇଭି ସ୍କୁଟି ପରସ୍ପର ଧକାରେ କାଛିଭଉଁରୀ ପଞ୍ଚାୟତ ବଡ଼ପାହି ଗ୍ରାମର ଭଗୀରଥ ଦଉ(୩୪)ଙ୍କ ମୃତ୍ୟୁ ହୋଇଥିବାବେଳେ ନାରାୟଣମହାନ୍ତିପଡ଼ିଆ ପଞ୍ଚାୟତ ମାଟିକେଞ୍ଚା ଗ୍ରାମର ଦିବାକର ବାଣୁଆଙ୍କର ପୁଅ ସଞ୍ଜୟ ବାଣୁଆ(୩୫) ଗୁରୁତର ହେବାରୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ମୃତ ଭଗୀରଥ ଜଣେ ଟ୍ରାକ୍ଟର ଚାଳକ। ତାଙ୍କ ରୋଜଗାର ଉପରେ ପରିବାର ନିର୍ଭର କରେ। ତାଙ୍କର ୫ବର୍ଷର ଏକମାତ୍ର ଝିଅ, ସ୍ତ୍ରୀ ଓ ରୋଗଣାବାପା ରାମଚନ୍ଦ୍ର ଦଉ(୬୨) ଅଛନ୍ତି। ସ୍ଥାନୀୟ ଅଧିବାସୀମାନେ ସରକାରୀ ସହାୟତା ପାଇଁ ଦାବି ରଖିଛନ୍ତି। ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି।

## ଅବସରପ୍ରାପ୍ତ ଶିକ୍ଷକଙ୍କୁ ମରଣାନ୍ତକ ଆକ୍ରମଣ

ଠାକୁରମୁଣ୍ଡା, (ସବ୍ୟୁ) : ଠାକୁରମୁଣ୍ଡାରୁ ୨ କିମି ଦୂର ହାଣ୍ଡିଫୁଟା ଗ୍ରାମର ଯୋଡାମ୍ବ ସାହିରେ ୩୦ ତାରିଖ ସନ୍ଧ୍ୟା ୭ ଟାରେ ଜନୈକ ଦୁର୍ବୃତ୍ତଙ୍କ ଛୁରା ମାଡ଼ରେ ଭକ୍ତ ଚରଣ ମହାନ୍ତ ଗୁରୁତର ହୋଇଛନ୍ତି। ଭକ୍ତ ଚରଣ ମହାନ୍ତ ଶିକ୍ଷକତା କରି ୫ ବର୍ଷ ପୂର୍ବରୁ ଡକେଇପାଳ ପ୍ରାଥମିକ ବିଦ୍ୟାଳୟରୁ ଅବସର ଗ୍ରହଣ କରିଥିଲେ । ସେ ଅତ୍ୟନ୍ତ ନମ୍ର ଓ ଭଦ୍ର ବ୍ୟକ୍ତି ଭାବରେ ଜଣାଶୁଣା । ଜମି ଜମା ସଂକ୍ରାନ୍ତୀୟ ବିବାଦକୁ ନେଇ ସୋମବାର ସନ୍ଧ୍ୟା ୭ ଟା ସମୟରେ ଜନୈକ ଯୁବକ ତାଙ୍କୁ ଛୁରା ମାଡ଼ କରିଥିବା ଜଣାପଡିଛି । ବେକ ବହୁ ପରିମାଣରେ କଟି ଯାଇଥିବାରୁ ବଞ୍ଚିବା ଆଶା କ୍ଷୀଣ ରହିଛି ବୋଲି ଡାକ୍ତର କହିଛନ୍ତି । ତେବେ ତୁରନ୍ତ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ଖବର ପାଇ ଠାକୁରମୁଣ୍ଡା ଥାନା ପୋଲିସ ତଦନ୍ତ ପାଇଁ ଗାଁରେ ପହଞ୍ଚିଛନ୍ତି।

## ବାଲି ବୋଝେଇ ଡମ୍ଫର ଜବତ, ଦୁଇ ଗିରଫ

ବାଲେଶ୍ୱର, (ସବ୍ୟୁ) : ବାଲେଶ୍ୱର ଜିଲ୍ଲା ସୀମାନ୍ତ ଭୋଗରାଇ ୫୭ ନମ୍ବର ଜଳେଶ୍ୱର-ଚନ୍ଦନେଶ୍ୱର ରାଜ୍ୟ ରାଜପଥ ବାଲି ଚୋରା ଚାଲାଣକାରୀଙ୍କ ପାଇଁ ସାହାଣମେଳା ପାଲଟିଛି। ଉଦୟପୁର ନାଁରେ ଶତାଧିକ ଡମ୍ଫରରେ ପ୍ରତିଦିନ ପଶ୍ଚିମବଙ୍ଗକୁବାଲି ଚାଲାଣ ହେଉଛି। ସାଧାରଣ ଲୋକେ ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀ ଗୃହନିର୍ମାଣ ପାଇଁ ବାଲି ପାଉନଥିବାବେଳେ ଉଦୟପୁରରେ କୌଣସି ପ୍ରକଳ୍ପ ଓ ଉନ୍ନୟନମୂଳକ କାର୍ଯ୍ୟ ନଥାଇ କେଉଁସ୍ୱାର୍ଥରେ ଉଦୟପୁରକୁ ବାଲି ପରିବହନ ଅନୁମତି ଦିଆଯାଇଛି ବୋଲି ପ୍ରଶ୍ନବାଚୀ ସୃଷ୍ଟିହୋଇଛି। ସରକାର ଓ ପ୍ରଶାସନର ବିନା ଅନୁମତିରେ ଓଡ଼ିଶାର ବାଲି କିପରି ପଡ଼ୋଶୀ ପଶ୍ଚିମବଙ୍ଗକୁ ଚାଲାଣ ହେଉଛି ବୋଲି ପ୍ରଶ୍ନ ଉଠୁଛି। ବାଲିମାଫିଆ ଓ ଖଣି ବିଭାଗର ମଧୁଚନ୍ଦ୍ରିକାରେ ପ୍ରତିଦିନ ପଶ୍ଚିମବଙ୍ଗର ଦୀଘା, ଅଳଙ୍କାରପୁର, ରାମନଗର ଆଦି ଅଞ୍ଚଳକୁ ବେଆଇନ ବାଲି ଚାଲାଣ ହେଉଛି।ତାଳସାରି ସାମୁଦ୍ରିକ ଥାନାଧିକାରୀ ଶ୍ରବଣ କୁମାର ମହାରଣା କିଛି ବାଲିବୋଝେଇ ହାଇୱାକୁ ଜବତକରି ଥାନାରେ ଅଟକରଖି ଖଣିବିଭାଗ ଅଧିକାରୀଙ୍କୁ ଖବର ଦେଇଥିଲେ। ମାତ୍ର ଖଣି ବିଭାଗର କୌଣସି ଅଧିକାରୀ ଥାନାକୁ ନଆସିବା ଫଳରେ ଥାନାଧିକାରୀ ଶ୍ରୀ ମହାରଣା ଗାଡ଼ିର କାଗଜପତ୍ର ଜବତକରି ପରିବହନ ଅନୁମତି କାଗଜକୁ ମଧ ଖଣିବିଭାଗ ଅଧିକାରୀଙ୍କ ନିକଟକୁ ଯାଞ୍ଚ ପାଇଁ ପଠାଇଥିଲେ । ଜିଲ୍ଲା ଖଣି ବିଭାଗ ଅଧିକାରୀ କାଗଜପତ୍ର ଯାଞ୍ଚକରି ୨ଟି ଗାଡ଼ିର କାଗଜପତ୍ର ଜାଲଥିବା ଦର୍ଶାଇବା ପରେ ପୁଲିସ ପୃଥକ୍ ପୃଥକ୍ ମାମଲା ରୁଜୁକରି ଦୁଇ ଗାଡ଼ିର ଚାଳକ ଜମାଲ ଅଲ୍ଲୀ ଖାନ ଓ ଏସ୍କେ ମୁନସେରୁଦିନଙ୍କୁ ଗିରଫକରି କୋର୍ଟଚାଲାଣ କରିଛି।

## ଭାଷା ବିକାଶରେ ନିବାରଣ ଜେନାଙ୍କ ଉପନ୍ୟାସ ଉନ୍ମୋଚନ

ବାଲେଶ୍ୱର, (ସବ୍ୟୁ) :ଅଙ୍ଗେ ନିଭାଇବା କଥା ଓ ଦେଖିଲା ଚାହିଁଲା କଥା ଭାବରେ ନିଜ ଗପ ଓ ଉପନ୍ୟାସକୁ ଦୁଇ ଭାଗରେ ବିଭକ୍ତ କରି ଓଡ଼ିଆ ସାହିତ୍ୟକୁ କଥା ରଚନାରେ ଋଦ୍ଧିମନ୍ତ କରିଥିବା ନିବାରଣ ଜେନା ନିରବଚ୍ଛିନ୍ନ ଭାବରେ କଥା ସାହିତ୍ୟ ରଚନା କରି ତାଙ୍କର ଲେଖନୀକୁ ଉଜ୍ଜୀବିତ କରିଆସିଛନ୍ତି ବୋଲି ତାଙ୍କ ରଚିତ ଉତ୍ତରାଧିକାରୀ ଶୀର୍ଷକ ଉପନ୍ୟାସ ଉନ୍ମୋଚନକରି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ପକ୍ଷରୁ ରବିବାର ସନ୍ଧ୍ୟାରେ ସ୍ରଷ୍ଟା ନାଟ୍ୟାଳୟ ପରିସରରେ ଏକ ଉନ୍ମୋଚନ ଆସର ସଭାପତି ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟବକ୍ତା ଭାବରେ ଡ. ଶିରୀଶ ଚନ୍ଦ୍ର ଜେନା ପୁସ୍ତକ ସମ୍ପର୍କରେ ଗବେଷଣାତ୍ମକ ବକ୍ତବ୍ୟ ରଖି ରମାନାଥ ନାମକ ଜଣେ ନିଃସଙ୍ଗ ମଣିଷ ତାର ଜୀବନକାଳକୁ କିପରି ବିତାଇଥିଲା ଓ ଆଜିର ମଣିଷକୁ ନିଃସଙ୍ଗତା କିପରି ବ୍ୟତିବ୍ୟସ୍ତ କରୁଛି ତାହା ପ୍ରକାଶ କରିଥିଲେ। ଦେବକାନ୍ତ ଗଂଗାବାରଣଦାସ ନାମରେ ବାଲେଶ୍ୱରର ପଞ୍ଚସଖା ଯଥାକ୍ରମେ ଶ୍ରୀଦେବ, ଲକ୍ଷ୍ମୀକାନ୍ତ ତ୍ରିପାଠୀ, ଗଂଗାଧର ବିଶ୍ୱାଳ, ନିବାରଣ ଜେନା ଓ ପ୍ରଶାନ୍ତ ଦାସ ଅତିଥି ଭାବରେ ଯୋଗଦେଇ ଦୀର୍ଘ ୪୦ ବର୍ଷରୁ ଉର୍ଦ୍ଧ୍ୱ କାଳ ଧରି ବୋହି ଆସୁଥିବା ସମ୍ପର୍କର ଗୁରୁତ୍ୱ ବୁଝାଇ ଦେଇ ପାରସ୍ପରିକ ସହଯୋଗରେ ସେମାନେ ସାହିତ୍ୟର ସେବା କରିଆସୁଛନ୍ତି ବୋଲି ପ୍ରକାଶ କରିଥିଲେ। ନିବାରଣ ଜେନାଙ୍କର ଉପନ୍ୟାସର କଳା ଓ କୌଶଳ ଆଦର୍ଶ ସ୍ଥାନୀୟ ଓ ଉତ୍ତରପିଢ଼ୀଙ୍କୁ ନୂତନ ପଥ ଦେଖାଇବାର କ୍ଷମତା ରଖେ ବୋଲି ସେମାନେ ମତ ଦେଇଥିଲେ । ଲେଖକୀୟ ବକ୍ତବ୍ୟରେ ନିବାରଣ ଜେନା ସେ କାହିଁକି କଥା ରଚନାରେ ହାତ ଦିଅନ୍ତି ବୋଲି ଉତ୍ତର ପ୍ରଦାନ କରିଥିଲେ। ଜ୍ଞମରନାଥ ପାତ୍ର ଅତିଥିମାନଙ୍କୁ ମଞ୍ଚଆବାହନ କରିଥିବାବେଳେ ଶାନ୍ତିଲତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉନ୍ମୋଚନ ଉତ୍ସବରେ ଡ.ସୁବାସଚନ୍ଦ୍ର ପାତ୍ର,ଡ. ରମାକାନ୍ତ ନାୟକ, ଅରୁଣା ରାୟ, ଡ. ଭାଗବତ ପ୍ରସାଦ ଦାସ, ନାଟ୍ୟକାର ହେମେନ୍ଦ୍ର ମହାପାତ୍ର, ନାଟ୍ୟକାର ପ୍ରଦୀପ ମିଶ୍ର, ଡ. ସାରଙ୍ଗଧର ତ୍ରିପାଠୀ, ତପନ ରାୟ, ଡ. କ୍ଷିତୀଶ୍ୱର ଦାସ, କଲ୍ୟାଣୀ ନନ୍ଦ, ଅର୍ଚ୍ଚନା ନନ୍ଦୀ, ଡ. ଲକ୍ଷ୍ମଣ ଚରଣ ବିଶ୍ୱାଳ, ଗଗନ ଦଳେଇ, ତପନ କୁମାର ପଣ୍ଡା, ପଣ୍ଡିତ ସଂଜୟ କୁମାର ପଣ୍ଡା, କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କୃତ କବି ସଂଜୟ ପଣ୍ଡା, ଫକୀରମୋହନ ମହାବିଦ୍ୟାଳୟର ଅନେକ ଛାତ୍ରଛାତ୍ରୀ ତଥା ବାଲେଶ୍ୱରର ବହୁ ବୁଦ୍ଧିଜୀବୀ ଯୋଗଦେଇ ନିବାରଣଙ୍କ ସାହିତ୍ୟର କ୍ରମୋନ୍ନତି କାମନା କରିଥିଲେ।

## ଧଳା ଜହର କବ୍‌ଜାରେ ଯୁବ ପିଢ଼ି

ଆଗରପଡ଼ା, (ସବ୍ୟୁ) : କ୍ରମଶଃ ବଢ଼ିବାରେ ଲାଗିଛି ଧଳା ଜହର ବିକ୍ରୀ,ଏହାକୁ ସେବନ କରି ଯୁବକମାନେ ହେଉଛନ୍ତି ପଥଭ୍ରଷ୍ଟ ଘଟାଉଛନ୍ତି ଅସାମାଜିକ କାର୍ଯ୍ୟ। ଆଗରପଡ଼ା ଅଂଚଳର କେନାଲ ହୁଡ଼ା,ନଦୀ ପଠା,ଏମିତିକି ବିଭିନ୍ନ ଶିକ୍ଷାନୁଷ୍ଠାନ ନିକଟରେ ଥିବା ଅବ୍ୟବହୃତ ଘର ମଧ୍ୟରେ ଧଳା ଜହର ନିୟମିତ ବିକ୍ରୀ ହେବାରେ ଲାଗିଛି। ଗଂଜେଇ ଭର୍ତ୍ତି ସିଗାରେଟ,ଚୋରା ଦେଶୀ,ବିଦେଶୀ ମଦ ମଧ ଖୋଲମଖୋଲା ବିଭିନ୍ନ ଦୋକାନ ମାନଙ୍କରେ ବିକ୍ରୀ ହେଉଥିବାର ଅଭିଯୋଗମାନ ହେଉଛି। ଯଦ୍ଵାରା ନିଶା ସେବନକାରୀମାନେ ନିଶାଗ୍ରସ୍ତ ହୋଇ ବିଭିନ ପ୍ରକାରର ଆସାମାଜିକ କାର୍ଯ୍ୟମାନ ଘଟାଉଛନ୍ତି। ଯାହାର ଅନେକ ନଜୀର ରହିଛି। ଏଥିରେ ପ୍ରଶାସନ ପକ୍ଷରୁ କୌଣସି ଧରପଗଡ଼ ହେଉ ନଥିବାରୁ ଏହାର ବିକ୍ରୀ ଅବାଧରେ ଚାଲିଛି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବୀ ହେଉଛି।

## ବେଳାଭୂମିରେ ବୋଟିଂ ବନ୍ଦ

ବାଲେଶ୍ୱର, (ସବ୍ୟୁ) : ରାଜ୍ୟର ଅନ୍ୟତମ ପ୍ରମୁଖ ମନୋରମ ବେଳାଭୂମି ହେଉଛି ଭୋଗରାଇ ବ୍ଲକର ଉଦୟପୁର। ତେବେ ଏଠାରେ ବେଆଇନ ବୋଟିଂ ଓ ପର୍ଯ୍ୟଟକଙ୍କୁ ବୋଟ୍ କର୍ମଚାରୀଙ୍କ ଆକ୍ରମଣ ଘଟଣା ପରେ କାର୍ଯ୍ୟାନୁଷ୍ଠାନ ନେଇଛି ପ୍ରଶାସନ। ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଉଦୟପୁର ବେଳାଭୂମି ପରିଦର୍ଶନ କରିବା ସହିତ ପ୍ରଶାସନର ବିନା ଅନୁମତିରେ ଉଦୟପୁର ବେଳାଭୂମିରେ ବୋଟିଂ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଫଳରେ ବେଳାଭୂମିରେ ବୋଟ୍ ଚାଳନା ବନ୍ଦ ହୋଇଯାଇଛି ।

## ବିନ୍ଦୁଏ ବ୍ୟତିକ୍ରମ ଗଳ୍ପ ପୁସ୍ତକ ଉନ୍ମୋଚିତ

ଭଦ୍ରକ, (ସବ୍ୟୁ) : ଆଜି ଅପରାହ୍ନରେ ସମ୍ଭାବନା ସାହିତ୍ୟ ସଂସଦ ଆନୁକୁଲ୍ୟରେ ୟୁବିଆଇ ର ଅବସରପ୍ରାପ୍ତ ଏ.ଜି.ଏମ୍ ମଦନ ମୋହନ ମହାକୁଡଙ୍କର ବିନ୍ଦୁଏ ବ୍ୟତିକ୍ରମ ଗଳ୍ପ ପୁସ୍ତକ ମୁଖ୍ୟ ଅତିଥି ପ୍ର. ଡ. ବ୍ରଜମୋହନ ମିଶ୍ରଙ୍କ ଦ୍ୱାରା ଜିଲ୍ଲା ସଂସ୍କୃତି ଭବନ ଠାରେ ଲୋକାର୍ପିତ ହୋଇଯାଇଛି। ଏହି ଲୋକାର୍ପଣ ଉତ୍ସବରେ ପୁସ୍ତକର ସମୀକ୍ଷା କରିଥିଲେ ଦାମୋଦର ସଂସ୍କୃତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ପ୍ରମୋଦ କୁମାର ନାୟକ, ବି.ଏନ.ଏମ୍ ପାଳିଆ ମହାବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟର ମୁଖ୍ୟ ଅଧ୍ୟାପକ ଡ. ବିଶ୍ୱ ରଞ୍ଜନ ଦାସ, ଭଦ୍ରକ ମହିଳା ମହାବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟର ମୁଖ୍ୟ ଅଧ୍ୟାପକ ଡ. ଅଭୟ ଦାସ । ସଭାରେ ଅଧ୍ୟକ୍ଷତା କରିଥିଲେ ସମ୍ଭାବନା ସାହିତ୍ୟ ସଂସଦର ସଭାପତି ପ୍ର. ଡ. ଅଟଳ ବିହାରୀ ନାୟକ, ମଂଚ ପରିଚାଳନା କରିଥିଲେ ସମ୍ପାଦକ ରତ୍ନରାଜ ଅକ୍ଷୟ। ମଂଚ ଆହ୍ୱାନ କରିଥିଲେ କବୟିତ୍ରୀ ସଂଯୁକ୍ତା ବଳ ନାୟକ। ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ତିହିଡି ମହାବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟର ପ୍ରାଧାପିକା ଉଷାରାଣୀ ଜେନା। ପୁସ୍ତକ ସମ୍ବନ୍ଧୀୟ ଲେଖକୀୟ ମନ୍ତବ୍ୟ ରଖିଥିଲେ । କଥାକାର ମଦନ ମୋହନ ମହାକୁଡ। ଇତ୍ୟବସରରେ ସମ୍ଭାବନା ସାହିତ୍ୟ ସଂସଦର ଦୁଇ ନୂତନ ସଦସ୍ୟ କବୟିତ୍ରୀ ସାବିତ୍ରୀ ସେଠୀ ଓ ଆଡଭୋକେଟ୍ କୃତିଦୀପା କରଙ୍କୁ ମୁଖ୍ୟ ଅତିଥି ପ୍ର. ଡ. ବ୍ରଜମୋହନ ମିଶ୍ର ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ମୁଖ୍ୟଅତିଥି ପ୍ର. ଡ. ବ୍ରଜମୋହନ ମିଶ୍ର ନିଜର ଛାତ୍ର ଶ୍ରଦ୍ଧେୟ ମଦନ ମୋହନ ମହାକୁଡଙ୍କର ପୁସ୍ତକ ସମ୍ବନ୍ଧୀୟ ବିଭିନ୍ନ ଉଦାହରଣ ମାଧ୍ୟମରେ ନିଜସ୍ୱ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାରମ୍ଭିକ ସଙ୍ଗୀତ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ ଅଧାପିକା ଦେବସ୍ମିତା ମିଶ୍ର ପାଣିଗ୍ରାହୀ। ଧନ୍ୟବାଦ ଅର୍ପଣ କରିଥିଲେ ଅନୁଷ୍ଠାନର ସହଯୋଗୀ ସମ୍ପାଦକ ଯୁବ ଗୀତିକାର ଅରୁପାନନ୍ଦ ନାୟକ ।

## ୮୧ବର୍ଷରେ ସିମୁଳିଆରେ ଲକ୍ଷ୍ମୀ ନାରାୟଣ ପୂଜା

ନୀଳଗିରି, (ସବ୍ୟୁ) : ନିଳଗିରି ଏନ୍ ଏ ସି ର ୯ନମ୍ବର ୱାର୍ଡର ସିମୁଳିଆ ଗ୍ରାମରେ ୮୧ବର୍ଷରେ ଲକ୍ଷ୍ମୀ ନାରାୟଣ ପୂଜା ଚଳିତ ବର୍ଷ ମହା ଆଡ଼ମ୍ବରରେ ପାଳିତ ହୋଇଅଛି। ୭ ଦିନ ଧରି ଯଜ୍ଞ ପାଠ କରାଯାଇଥିବା ବେଳେ ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଅଛି। ଏହି ୭ ଦିନ ଧରି ଗ୍ରାମରେ ଆମିଷ ନିଷେଧ କରାଯାଇଥାଏ। ଆଖ ପାଖ ଅଞ୍ଚଳରୁ ଶହ ଶହ ଭକ୍ତ ଠାକୁରଙ୍କ ଦର୍ଶନ ପାଇଁ ଭିଡ଼ ଲାଗିଥାଏ। ନିଳଗିରି ବିଧାୟକ ସନ୍ତୋଷ ଖଟୁଆ, ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ ପ୍ରମୁଖ ପହଞ୍ଚି ଠାକୁରଙ୍କ ଦର୍ଶନ କରି ଆଶିଷ ଭିକ୍ଷା କରିଛନ୍ତି। ଗ୍ରାମର ରବିନ୍ଦ୍ର ମହଲ, ରାମଚନ୍ଦ୍ର ମହଲ, ଗୌରହରି ମହଲ, ପ୍ରଫୁଲ୍ଲ ଦଳାଇ, ହେମନ୍ତ ବେହେରା, ସତ୍ୟନାରାୟଣ ମହଲ, ବ୍ରହ୍ମାନନ୍ଦ ମହଲ, ଦୀପକ ଗୋଚ୍ଛାୟତ, ଆଲୋକ ବେହେରା, କମଳାକାନ୍ତ ବେହେରା, ଶିବ ନାରାୟଣ ଷଡଙ୍ଗୀ ପ୍ରମୁଖ ସାତ ଦିନ ଧରି ପୂଜାକୁ ପରିଚାଳନା କରିଥିଲେ।

## ସ୍ଲରି ପାଇପଲାଇନ କମ୍ପାନୀକୁ ଅନୁକମ୍ପା

କେନ୍ଦୁଝର. (ଜିପ୍ର) : କେନ୍ଦୁଝର ଜିଲ୍ଲା ଯୋଡ଼ା ପୌରପାଳିକାରେ ବସବାସ କରୁଥିବା କିଛି ଆଦିବାସୀ ଲୋକଙ୍କ ପଟ୍ଟାଭୁକ୍ତ ଜମିରେ ସ୍ଲରି ପାଇପଲାଇନ ଖୋଳାଯାଉଛି। ଏ ନେଇ ଅଭିଯୋଗ ପରେ ବି କମ୍ପାନୀକୁ ଅନୁକମ୍ପା ପ୍ରଦାନ କରାଯାଉଥିବା କାଉନସିଲ ଅଭିଯୋଗ କରିଛନ୍ତି। ଏ ନେଇ ଉତ୍କ୍ଷିପ୍ତ ହୋଇ ପୌର ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ କାଚରେ ଭଙ୍ଗାରୁଜା କରିଥିବା ଜଣାପଡ଼ିଛି।ପ୍ରକାଶ ଥାଉ କି, ୱାର୍ଡ ନଂ. ୧୭ କାଉନସିଲର ସୌଦାମିନୀ ନାୟକ ପଟ୍ଟାଭୁକ୍ତ ଜମିରେ ସ୍ଲରି ପାଇପଲାଇନକୁ ନେଇ ବିରୋଧ କରି ଆସୁଥିଲେ। ଏ ନେଇ କେନ୍ଦୁଝର ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ମଧ ଜଣାଇଛନ୍ତି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ପୌରପାଳିକା ନୋ ଅବଜେକ୍ସନ ସାର୍ଟିଫିକେଟ ସମ୍ପୃକ୍ତ ସ୍ଲରି କମ୍ପାନୀକୁ ଦେଇଥିବାରୁ ସେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏ ନେଇ ସେ ଗୁରୁବାର ସନ୍ଧ୍ୟା ୫ଟା ୩୦ରେ ପୌରପାଳିକା କାର୍ଯ୍ୟାଳୟରେ ପୌର ଅଧ୍ୟକ୍ଷଙ୍କୁ ଭେଟିବା ପାଇଁ ଆସିଥିଲେ। ଅଧ୍ୟକ୍ଷ ଅନୁପସ୍ଥିତ ଥିବା ବେଳେ ସେ ଉତ୍ତେଜିତ ହୋଇ ଅଧ୍ୟକ୍ଷଙ୍କ କୋଠରୀ ସମ୍ମୁଖ କାଚ, ଟେବୁଲ, ଓ ଫୁଲ କୁଣ୍ଡ ଭଙ୍ଗାରୁଜା କରିଥିଲେ। ଏ ନେଇ ସେ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଭେଟି ଆଲୋଚନା କରିଥିଲେ। ଅଧିକାରୀ ଶ୍ୱେତପଦ୍ମା ଧଳ କହିଛନ୍ତି, ଆଲୋଚନା ମାଧ୍ୟମରେ ଏହାର ସମାଧାନ କରାଯିବ। ସ୍ଲରି ପାଇପଲାଇନକୁ ପଟ୍ଟା ଭୁକ୍ତ ଜମିରେ ଯିବା ପାଇଁ କିପରି ଦିଆଗଲା। ଏହାର ତଦନ୍ତ ହେବା ଉଚିତ ବୋଲି ଅନ୍ୟ କେତେଜଣ କାଉନସିଲର ମତ ରଖୁଛନ୍ତି।

## ୧୫ବର୍ଷର ନାବାଳିକା ୭ମାସର ଗର୍ଭବତୀ, ବୃଦ୍ଧ ଗିରଫ

ଭଦ୍ରକ, (ସବ୍ୟୁ) : ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ଅନ୍ତର୍ଗତ ତେନ୍ତୁଳିଡିହ ପଂଚାୟତ ଠୁକୁରା ଗ୍ରାମରେ ପୁଣି ଲଜ୍ଜା। ଜଣେ ୫୮ବର୍ଷୀୟ ବୃଦ୍ଧ ସେହି ଗ୍ରାମରେ ଜୈନିକ ୧୫ବର୍ଷର ନାବାଳିକାକୁ ବିଭିନ୍ନ ସମୟରେ ପ୍ରଲୋଭିତ କରି ସାତ ମାସର ଗର୍ଭବତୀ କରିଥିବା ସାମ୍ନାକୁ ଆସିଛି। ନାବାଳିକା ଜଣକ ପେଟ ଯନ୍ତ୍ରଣା ହେବାରୁ ଡାକ୍ତରଖାନା ଯାଇଥିଲେ, ସେଠାରେ ପରିକ୍ଷା ପରେ, ନାବାଳିକା ଜଣକ ସାତ ମାସର ଗର୍ଭବତୀ ଥିବା ଜଣାପଡିଥିଲା। ସବୁ ଘଟଣା ନାବାଳିକା ଜଣକ ପରିବାର ପାଖରେ କହିଥିଲେ । ଥାନାରେ ଲିଖିତ ଅଭିଯୋଗ ପରେ ଚାନ୍ଦବାଲି ପୋଲିସ ୧୨୨/୨୬ମୂଳେ ମାମଲା ରୁଜୁ କରି ୫୮ବର୍ଷୀୟ ଦେବେନ୍ଦ୍ର ନାୟକଙ୍କୁ ଚାନ୍ଦବାଲି ପୋଲିସ ଗିରଫ କରିଛି।

## ପୋଇପାଣି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ




ଢେଙ୍କିକୋଟ, (ସବ୍ୟୁ) : ଘଟଗାଁ ବ୍ଲକ ତୋରାଣିପୋଖରୀ ପଞ୍ଚାୟତ ଅନ୍ତର୍ଗତ ପୋଇପାଣି ଠାରେ ଥିବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ରେ ନିମନ୍ତ୍ରିତ ହୋଇ ମୁଖ୍ୟଅତିଥି ଭାବେ ଜିଲା ସାଂସଦ ଅନନ୍ତ ନାୟକଙ୍କ ଘଟଗାଁ ବ୍ଲକ ପ୍ରତିନିଧି ଅଖିଳ କୁମାର ପାତ୍ର ଯୋଗ ଦେଇଥିଲେ । ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ସଞ୍ଜୟ କୁମାର ସାହୁ ଯୋଗ ଦେଇଥିଲେ । ସମ୍ମାନିତ ଅତିଥିଭାବେ ଘଟଗାଁ ବ୍ଲକ ଏଲିମେଣ୍ଟାରି ଶିକ୍ଷକ ସଂଘ ସଭାପତି ରମେଶ ମହାନ୍ତ, ସମାଜସେବୀ ଧନୁର୍ଜୟ ମହାନ୍ତ, ଅବସରପ୍ରାପ୍ତ ପୋଲିସ କର୍ମଚାରୀ ଗୌତମ ଚରଣ ନାୟକ, ସ୍କୁଲ ପରିଚାଳନା କମିଟି ସଭାପତି ଦିନେଶ ନାୟକ ଓ ଉମାକାନ୍ତ ନାୟକ ମଞ୍ଚାସୀନ ହୋଇଥିଲେ । କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ ପ୍ରଧାନଶିକ୍ଷକ ଭିମସେନ ଦାସ । ମଞ୍ଚ ପରିଚାଳନା କରିଥିଲେ ବରିଷ୍ଠ ଶିକ୍ଷକ ଲୋକନାଥ ମହାନ୍ତ । ଅତିଥିମାନେ ବିଦ୍ୟାଳୟର ଉତ୍ତୋରତର ଉନ୍ନତି କାମନା କରିବା ସହିତ ପିଲାମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଉପଦେଶ ଦେଇଥିଲେ । ଅତିଥିମାନଙ୍କୁ ମଞ୍ଚରେ ସମ୍ବର୍ଦ୍ଧିତ କରାଯାଇଥିଲା । ପରେ ପରେ କୃତି ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ବିଭିନ୍ନ ପାରଦର୍ଶିତା ପାଇଁ ପୁରସ୍କୃତ କରିଥିଲେ । ଶେଷରେ ଛାତ୍ରଛାତ୍ରୀ ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ବିଦ୍ୟାଳୟ ର ଅନନ୍ୟା ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ମଧ୍ୟରେ ପୁଷ୍ପାଞ୍ଜଳି ବେହେରା, ସରିତା ମହାନ୍ତ,ବାମା ଚରଣ ମୁଣ୍ଡା ସହଯୋଗ କରିଥିଲେ ।

## ଗର୍ଭବତୀ ଓ ପ୍ରସୂତି ମା'ମାନଙ୍କୁ ସ୍ୱାସ୍ଥ୍ୟ ଓ ହାଇଜିନ କିଟ୍ ବିତରଣ

ଠାକୁରମୁଣ୍ଡା, (ସବ୍ୟୁ) : ସ୍ୱେଚ୍ଛାସେବୀ ସଂଗଠନ ଅନେଓ୍ୱଷଣ 'ନୁଦଡିହା ଦ୍ୱାରା ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ଜରକ, ଚମ୍ପୁର, ତରାମରା ପଂଚାୟତର ଗର୍ଭବତୀ ଓ ପ୍ରସୂତି ମା ମାନଙ୍କୁ ସ୍ୱାସ୍ଥ୍ୟ ଓ ହାଇଜିନ କିଟ ବଣ୍ଟନ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଗ୍ରାମୀଣ ତଥା ବଣପାହାଡ଼ ଘେରା ଗାଁ ଗୁଡିକରେ ବସବାସ କରୁଥିବା 'ମା' ମାନଙ୍କର ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି କରି ସଂକ୍ରାମକ ରୋଗ ଯଥା ଡ଼ାଇରିଆ,ଯକ୍ଷ୍ମା, ସର୍ଦ୍ଦି,କାଶ, ମ୍ୟାଲେରିଆ,କାଛୁ, କୁଣ୍ଡିଆ ଆଦି ରୋଗରୁ ରକ୍ଷା କରିବା ଝ ଏହି କ୍ରମରେ ୩୦ ତାରିଖ ତରାମରା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ହାଣ୍ଡିଫୁଟା, ଡକେଇପାଳ ଓ ତରାମରା ଅଙ୍ଗନବାଡି କେନ୍ଦ୍ରରେ ୮୦ ରୁ ଉର୍ଦ୍ଧ ଗର୍ଭବତୀ ଓ ପ୍ରସୂତି ମା ମାନଙ୍କୁ ଏହି କିଟ ବିତରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ



ଅଙ୍ଗନୱାଡି ସୁପରଭାଇଜର ପଙ୍କଜିନୀ ବାରିକ, ଅନେଓ୍ୱଷଣ କୋଷାଧ୍ୟକ୍ଷ ଗଜେନ୍ଦ୍ର ନାଥ ବେହେରା, ସଂଯୋଜକ ବଂଶୀଧର ବେହେରା ଓ ଗୀତାଞ୍ଜଳି ବେହେରା ପରିଚାଳନା କରିଥିଲେ । ପ୍ରକାଶ ଥାଉକି ଜରକ ଓ ଚମ୍ପୁର ଗ୍ରାମ ପଂଚାୟତରେ ଏହି ଯୋଜନାର ଶୁଭ ଉଦଘାଟନ ହୋଇ ପର୍ଯ୍ୟାୟ କ୍ରମେ ମହୁଲଡିହା, କେଶଡିହା, ଭାଲିଆଡାଳ, ହାତୀଗଡା, ସାଲେଇବେଡା ଓ ସାତକୋଶିଆକୁ ସମ୍ପ୍ରସାରିତ ହେବ ବୋଲି ଅନେଓ୍ୱଷଣ କୋଷାଧ୍ୟକ୍ଷ ଗଜେନ୍ଦ୍ର ନାଥ ବେହେରା ସୂଚନା ଦେଇଛନ୍ତି।

# ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟରେ ଜନଜାତି ସଂସ୍କୃତି ଓ ବାଚିକ ପରମ୍ପରା ବିଷୟରେ ଜାତୀୟ ସମ୍ମିଳନୀ

ବାଲେଶ୍ୱର, (ସବ୍ୟୁ) : ଫକୀରମୋହନ ବିଶ୍ୱବିଦ୍ୟାଳୟର ଭାଷା ଓ ସାହିତ୍ୟ ବିଭାଗ ଦ୍ୱାରା ଆୟୋଜିତ ଜନଜାତି ସଂସ୍କୃତି ଓ ବାଚିକ ପରମ୍ପରା ବିଷୟକ ଦ୍ୱିଦିବସୀୟ ଜାତୀୟ ସମ୍ମିଳନୀ ଉଦଘାଟିତ ହୋଇଛି। ଏହି ସମ୍ମିଳନୀର ମୂଳ ଉଦ୍ଦେଶ୍ୟ ହେଲା ଓଡିଶାର ଜନଜାତିୟ ସମୁଦାୟଙ୍କର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ, ପାରମ୍ପରିକ ଜ୍ଞାନ ପ୍ରଣାଳୀ ଓ ମୌଖିକ ପରମ୍ପରାକୁ ଅନ୍ୱେଷଣ ଓ ପ୍ରାୟୋଗିକ ସ୍ତରରେ ପ୍ରଚାର ପ୍ରସାର କରିବା। ଏହି ସମ୍ମିଳନୀରେ ଦେଶର ବିଭିନ୍ନ ସ୍ଥାନରୁ ପ୍ରଖ୍ୟାତ ଶିକ୍ଷାବିତ୍, ଗବେଷକ ଓ ସାଂସ୍କୃତିକ ଅଭିଯାନୀମାନେ ଯୋଗଦେଇଛନ୍ତି। ସମ୍ମିଳନୀର ଉଦଘାଟନୀ ସଭାରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଅଧ୍ୟକ୍ଷତା କରି ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ। ଓଡ଼ିଶାର ଜନଜାତିଙ୍କ ଲୁପ୍ତପ୍ରାୟ ଜ୍ଞାନ ପରମ୍ପରା ଉପରେ ସଂପୂର୍ଣ୍ଣ ଗବେଷଣା କରି ଏହାକୁ ଲୋକଲୋଚନକୁ ଆଣିବାର ଆବଶ୍ୟକତାକୁ ଉଲ୍ଲେଖ କରିଥିଲେ। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ ଅଗ୍ରୱାଲା ଉପ-ପ୍ରତିପାଳକ ଭାବେ ଯୋଗଦେଇ ନିଜ ଅଭିଭାଷଣ ଦେଇଥିଲେ।ଏହି କାର୍ଯ୍ୟକ୍ରମରେ ପ୍ରଫେସର ପ୍ରକାଶ ପଟ୍ଟନାୟକ ମୁଖ୍ୟ ଅତିଥି ତଥା ଡକ୍ଟର ଚିତ୍ରସେନ ପଶାୟତ ମୁଖ୍ୟ ଅଭିଭାଷକ ଭାବେ ଯୋଗଦେଇ, ଜନଜାତିଙ୍କ ମୌଖିକ ପରମ୍ପରାର ପୁନରୁଦ୍ଧାର, ସଂରକ୍ଷଣ ତଥା ଲିପିବଦ୍ଧ ଦିଗରେ ସଚେତନ କରାଇଥିଲେ। ପ୍ରଥମ ଦିନରେ ତିନୋଟି ପ୍ରାସଙ୍ଗିକ ଅଧିବେଶନ ଆୟୋଜିତ ହୋଇଥିଲା। ବିଭିନ୍ନ ଅଧିବେଶନରେ ପ୍ରଫେସର କୃଷ୍ଣଚନ୍ଦ୍ର ପ୍ରଧାନ, ଡକ୍ଟର ରାଜେନ୍ଦ୍ର ପାଢ଼ୀ ଓ ଡକ୍ଟର ସମୀର କୁମାର ଭୋଇ, ପ୍ରଫେସର ସତ୍ୟପ୍ରିୟ ମହାଳିକ, ପ୍ରଫେସର ଜଲି ଦାସ ଓ ପ୍ରଫେସର କମଳ କୁମାର ତାନ୍ତି, ପ୍ରଫେସର ଦେବାଶିଷ ପାତ୍ର, ଡକ୍ଟର ରଞ୍ଜନ ପ୍ରଧାନ ଓ ଶ୍ରୀ ନିରଞ୍ଜନ ଖୁଣ୍ଟିଆ ପ୍ରମୁଖ ଯୋଗଦେଇ ଆଲୋଚନାଚକ୍ର ମାଧ୍ୟମରେ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ଦ୍ୱିତୀୟ ଦିନରେ ବିଭିନ୍ନ ଶିକ୍ଷାବିତ୍ ଓ ଗବେଷକମାନଙ୍କ ଦ୍ୱାରା ଗବେଷଣା ସଂଦର୍ଭ ଉପସ୍ଥାପିତ ହେବ। ଏହି ଅଧିବେଶନ ଗୁଡ଼ିକରେ ଡକ୍ଟର ପ୍ରହ୍ଲାଦ ଖିଲ୍ଲା, ଡକ୍ଟର ହେମଲତା ବେହେରା ଓ ଡକ୍ଟର ଜୟନ୍ତ କୁମାର ଦାସ ଅଧ୍ୟକ୍ଷତା କରିବେ।ଏହି ସମ୍ମିଳନୀ ମାଧ୍ୟମରେ ଜନଜାତିୟ ସମୁଦାୟଙ୍କର ବିବିଧତା, ପରିଚୟ ଓ ସାଂସ୍କୃତିକ ଐତିହ୍ୟ ପ୍ରତି ଗଭୀର ବୁଝାମଣା ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି।ଏଥିସହିତ ଅରଣ୍ୟ ଭୂମି ନାମକ ଏକ ଚିତ୍ରକଳା ଓ ପୁସ୍ତକ ପ୍ରଦର୍ଶନୀ ଆୟୋଜିତ ହୋଇଛି। ଏଥିରେ ବିଶ୍ୱବିଦ୍ୟାଳୟର ଭିଜୁଆଲ ଆର୍ଟ ବିଭାଗର ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ଜନଜାତିଙ୍କ ଉପରେ ପର୍ଯ୍ୟବେସିତ ଚିତ୍ରକଳା ସହ ଜନଜାତିଙ୍କ ଉପରେ ଲିଖିତ ଅନେକ ପୁସ୍ତକ ପ୍ରଦର୍ଶିତ କରାଯାଇଛି। ସମ୍ମିଳନୀର ସମନ୍ୱୟକାରୀ ତଥା ସଂଯୋଜକ ଭାବେ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ପ୍ରଫେସର ଦେବାଶିଷ ପାତ୍ର ଦାୟିତ୍ୱ ନିର୍ବାହ କରୁଛନ୍ତି ଓ କାର୍ଯ୍ୟକ୍ରମର ଆୟୋଜନରେ ଡକ୍ଟର ହେମଲତା ବେହେରା, ଡକ୍ଟର ଜୟନ୍ତ କୁମାର ଦାସ ଓ ଡକ୍ଟର ପ୍ରହ୍ଲାଦ ଖିଲ୍ଲା ସକ୍ରିୟ ସହଯୋଗ କରୁଛନ୍ତି।

**(ଶ୍ରୀମଦ୍‌ଭଗବଦ୍ ଗୀତା ୨/୭୧)**

**ସାଂଖ୍ୟଯୋଗଃ**

**ଶ୍ରୀଭଗବାନୁବାଚ**

**ବିହାୟ କାମାନ୍ ଯଃ ସର୍ବାନ୍ ପୁମାଂଶ୍ଚରତି ନିଃସ୍ପୃହଃ ।**
**ନିର୍ମ୍ମମୋ ନିରହଂକାରଃ ସ ଶାନ୍ତିମଧିଗଚ୍ଛତି ॥ ୭୧ ॥**

ଯେଉଁ ବ୍ୟକ୍ତି ସକଳ ପ୍ରକାର ପ୍ରାପ୍ତ ଭୋଗ୍ୟପଦାର୍ଥ ଅପେକ୍ଷା ନ କରି (ଅପ୍ରାପ୍ତ ପଦାର୍ଥରେ) ନିଃସ୍ପୃହ ଓ ଅହଙ୍କାରଶୂନ୍ୟ ହେବାକୁ ଭୋଗ୍ୟ ବିଷୟସମୂହରେ ମମତାଶୂନ୍ୟ ହୋଇ (ପ୍ରାରବ୍ଧବଶରୁ ବିଷୟ ଭୋଗ କରନ୍ତି ବା ଯତ୍ର ତତ୍ର ପରିକ୍ରମଣ କରନ୍ତି), ସେ ଶାନ୍ତି (ମୋକ୍ଷ) ଲାଭ କରନ୍ତି ॥୭୧॥

# ଗ୍ରାମବହୁଳ ଓଡ଼ିଶାର ଚିତ୍ର

ଗାନ୍ଧିଜୀ ଏକଦା କହିଥିଲେ–' Back to Village' ଅର୍ଥାତ୍ 'ଗାଁକୁ ଫେରିଚାଲ' । ଗାନ୍ଧିଜୀ ତ ଚାଲିଗଲେ । ଗାନ୍ଧିଜୀଙ୍କ ପରେ ସ୍ୱାଧୀନ ଭାରତ ଆମେ ଲାଭ କଲୁଁ । ଗୋରା ଲୋକଙ୍କୁ ତଡ଼ି ଆମେ କଳା ଲୋକେ ନିଜକୁ ନିଜେ ଶାସନ କଲୁଁ । ହେଲେ ଗାଁଗୁଡ଼ିକର ଅବସ୍ଥାରେ ବିଶେଷ ପରିବର୍ତ୍ତନ ହେଲା ନାହିଁ । କାମ ଧନ୍ଦା ପାଇଁ ହେଉ ବା ଚାକିରି ପାଇଁ ହେଉ, ଅଶିକ୍ଷିତ, ଅର୍ଦ୍ଧଶିକ୍ଷିତ ଓ ଶିକ୍ଷିତ ଲୋକେ ମାଡ଼ି ଚାଲିଲେ ସହରକୁ । ଗାଁରେ ରହିଗଲେ ସେଇମାନେ, ଯେଉଁମାନେ ବେଶୀ କିଛି କାମ ଧନ୍ଦା କରି ନ ପାରିବେ ବା ସହରରେ ଚାକିରିରୁ ଅବସର ନେଇଥିବା ଲୋକେ । ଗାଁରୁ ଯାଇ ଶିକ୍ଷିତ ହୋଇ ଚାକିରିବାକିରି କରି ଭଲରେ ରହିଥିବା ଅଧିକାଂଶ ଲୋକେ ଗାଁ ଅପେକ୍ଷା ସହରରେ ରହିବାକୁ ମଧ୍ୟ ବେଶୀ ପସନ୍ଦ କଲେ । ସେମାନଙ୍କ ପିଲାଛୁଆମାନେ ମଧ୍ୟ ଗାଁରେ ରହିବାକୁ ପସନ୍ଦ କଲେ ନାହିଁ । ପ୍ରାକୃତିକ ପରିବେଶ ପରିପୂର୍ଣ୍ଣ ଗାଁରେ ଚାଷବାସ କରି କିଛି ଲୋକେ ଶାନ୍ତିରେ ରହିଲେ ବି ସହରର ଚାକଚକ୍ୟ ଜୀବନ ସେମାନଙ୍କୁ ଆଚମ୍ବିତ କରୁଥିଲା । ସ୍ୱାଧୀନତା ପରେ ଏ ଯେଉଁ ସବୁ ପରିବର୍ତ୍ତନ ହେଲା, ତାହା ଆମ ସାହିତ୍ୟରେ ମଧ୍ୟ ପ୍ରତିଫଳିତ ହୋଇଛି । ଆଧୁନିକ କବି ସଚ୍ଚି ରାଉତରାୟଙ୍କ 'ପଲ୍ଲିଶ୍ରୀ' କବିତା ପୁସ୍ତକରୁ 'ଛୋଟ ମୋର ଗାଁଟି'... ଏହାର ଏକ ଉଦାହରଣ । ସାହିତ୍ୟିକ କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ 'ମାଟିର ମଣିଷ' ଉପନ୍ୟାସ ବା ନିତ୍ୟାନନ୍ଦ ମହାପାତ୍ରଙ୍କର 'ହିଡ଼ମାଟି', 'ଭଙ୍ଗାହାଡ଼' ଓ 'ଘରଡ଼ିହ' ଉପନ୍ୟାସତ୍ରୟୀ ବା ଗୋଦାବରୀଶ ମିଶ୍ର ବା ମହାପାତ୍ର ରାଧାମୋହନ ଗଡ଼ନାୟକ, ଅନନ୍ତ ପଟ୍ଟନାୟକ ବା ମାୟାଧର ମାନସିଂଙ୍କ କବିତା ପ୍ରଭୃତିରେ ଗ୍ରାମ୍ୟ ଜୀବନର ରୂପାନ୍ତର ଓ ନଗରକୈନ୍ଦ୍ରିକ ଜୀବନର ତୁଳନାତ୍ମକ ଚିତ୍ର ମିଳିଥାଏ । ଏବେ ତ ଗ୍ରାମଗୁଡ଼ିକ ପ୍ରାୟ ସହର ବା ଅର୍ଦ୍ଧ ସହରରେ ପରିଣତ ହୋଇଛନ୍ତି ।

**ଓଡ଼ିଶାର ଗ୍ରାମ୍ୟ ଜୀବନ ଅତି ବିଚିତ୍ର । ସରକାରୀ ସୂତ୍ରରୁ ଜଣାଯାଇଛି ଯେ ରାଜ୍ୟରେ ପ୍ରାୟ ୫୧, ୩୪୯ଟି ଗ୍ରାମ ରହିଛି । ସହର ସଂଖ୍ୟା ଏଠି ବେଶୀ ନୁହେଁ । ମାତ୍ର ସହରର ଲୋକସଂଖ୍ୟା ବେଶୀ । ସ୍ୱାଧୀନତାର ୭୮ ବର୍ଷ ପରେ ଗ୍ରାମଗୁଡ଼ିକର ବିକାଶ ଉପରେ କେନ୍ଦ୍ର ସରକାରଙ୍କ ଆଗ୍ରହ । କୃଷକ ଯେଉଁମାନେ ଗାଁରେ ରହୁଛନ୍ତି, ସେମାନଙ୍କ ଉପରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦୃଷ୍ଟି ।**

କେତେ ବର୍ଷ ତଳେ ବିଶିଷ୍ଟ ଚଳଚ୍ଚିତ୍ର ନିର୍ଦ୍ଦେଶକ ନୀରଦ ମହାପାତ୍ର ଯେତେବେଳେ ଦୂରଦର୍ଶନର କ୍ଲାସିକ ସିରିଅଲ ପାଇଁ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ 'କଣାମାମୁ' ଉପନ୍ୟାସର କାମ ଆରମ୍ଭ କଲେ, ସେତେବେଳେ ପ୍ରାକ୍ ସ୍ୱାଧୀନତା କାଳର ଗାଁଟିଏ ଖୋଜି ଖୋଜି ସହଜରେ ପାଇ ପାରିଲେ ନାହିଁ । ଶେଷରେ ନୟାଗଡ଼ ଅଞ୍ଚଳରେ କୌଣସି ଗୋଟିଏ ଗାଁରେ ସେ ତାଙ୍କର କାମ ଆରମ୍ଭ କରିଥିଲେ । ସମ୍ଭବତଃ ସାତଟି ଧାରାବାହିକରେ ସେ 'କଣାମାମୁ'ର ମୁଣ୍ଡି ମାରିଥିଲେ । ଅତୀତରେ ପଲ୍ଲୀକବି ନନ୍ଦକିଶୋର ବଳଙ୍କ ରଚିତ କବିତାଗୁଡ଼ିକ ଗ୍ରାମ୍ୟ ଜୀବନକୁ ଭିତ୍ତି କରି ସରଳ ଭାଷାରେ ଯେପରି ଲେଖା ଯାଉଥିଲା ସେ ସବୁ ମନକୁ ଛୁଇଁ ପାରୁଥିଲା । ସେଗୁଡ଼ିକ ସଂସ୍କାରଧର୍ମୀ ମଧ୍ୟ ଥିଲା । ମାତ୍ର ଏବର ସାହିତ୍ୟରେ ସେ ସବୁ ଗ୍ରାମ୍ୟ ଜୀବନର ଚିତ୍ର ବିରଳ । ସ୍ୱାଧୀନତା ସଂଗ୍ରାମୀ ଓ କବି ଗୌରଚନ୍ଦ୍ର ମହାପାତ୍ର ତାଙ୍କ ରଚିତ 'ଗାଁ ମାଟି ଡାକେ' କବିତା ଗ୍ରନ୍ଥରେ ଅବଶ୍ୟ ସେପରି ପରୀକ୍ଷାନିରୀକ୍ଷା କରିଛନ୍ତି । ଉଭୟ କାହ୍ନୁଚରଣ ଓ ଗୋପୀନାଥ ମହାନ୍ତିଙ୍କ ଉପନ୍ୟାସମାନଙ୍କରେ ବା କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ ନାଟକମାନଙ୍କରେ ଗ୍ରାମ୍ୟ ଜୀବନର ଚିତ୍ର ମଧ୍ୟ ଜୀବନ୍ତ ହୋଇ ପ୍ରତୀୟମାନ ହୋଇଥାଏ । ସେଥିପାଇଁ ସହର ବଜାରରେ ହେଉ ବା ଗ୍ରାମାଞ୍ଚଳରେ ହେଉ, ସାହିତ୍ୟ ଉତ୍ସବ ସବୁ ଆଗ ପରି ଏତେ ବେଶୀ ପ୍ରଭାବଶାଳୀ ହୋଇ ପାରୁନାହିଁ । ଗ୍ରାମମାନଙ୍କରେ ଅସ୍ଥାୟୀ ରଙ୍ଗମଞ୍ଚ ଜରିଆରେ କ୍ୱଚିତ ନାଟକ ମଞ୍ଚସ୍ଥ ହେଉଥିଲା । କିନ୍ତୁ ଅତୀତରେ ଲୀଳା, ସୁଆଙ୍ଗ, ଦାସକାଠିଆ, ପାଲା ଏପରିକି କୀର୍ତ୍ତନ, ଜଣାଣ ଓ ଭଜନର ଖୁବ୍ ପ୍ରଭାବ ଥିଲା । ଏବେ କିନ୍ତୁ ଗ୍ରାମ୍ୟ ମନ୍ଦିରମାନଙ୍କରେ ଆଗପରି 'ଭାଗବତ' ପାଠ ପ୍ରାୟ ହେଉନାହିଁ । ଅବଶ୍ୟ ଜଣାଣ, ଭଜନ ଓ କୀର୍ତ୍ତନ ପ୍ରଭୃତି ଗ୍ରାମାଞ୍ଚଳର ମନ୍ଦିରମାନଙ୍କରେ ପ୍ରାୟ ଶୁଣିବାକୁ ମିଳେ । ଏସବୁ ଏବେ ମୋବାଇଲରୁ ଲୋକେ ଶୁଣୁଛନ୍ତି ବା ଦେଖୁଛନ୍ତି ।

ଓଡ଼ିଶାର ଗ୍ରାମ୍ୟ ଜୀବନ ଅତି ବିଚିତ୍ର । ସରକାରୀ ସୂତ୍ରରୁ ଜଣାଯାଇଛି ଯେ ରାଜ୍ୟରେ ପ୍ରାୟ ୫୧, ୩୪୯ଟି ଗ୍ରାମ ରହିଛି । ସହର ସଂଖ୍ୟା ଏଠି ବେଶୀ ନୁହେଁ । ମାତ୍ର ସହରର ଲୋକସଂଖ୍ୟା ବେଶୀ । ସ୍ୱାଧୀନତାର ୭୮ ବର୍ଷ ପରେ ଗ୍ରାମଗୁଡ଼ିକର ବିକାଶ ଉପରେ କେନ୍ଦ୍ର ସରକାରଙ୍କ ଆଗ୍ରହ । କୃଷକ ଯେଉଁମାନେ ଗାଁରେ ରହୁଛନ୍ତି, ସେମାନଙ୍କ ଉପରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦୃଷ୍ଟି ।

ସେଦିନର ଡକ୍ଟର ଭାବଗ୍ରାହୀ ମିଶ୍ର ଓ ଏବର ଆଚାର୍ଯ୍ୟ ଭାବାନନ୍ଦ ଓଡ଼ିଶାର ଜଣେ ବିଶିଷ୍ଟ ଶିକ୍ଷାବିତ୍, ସାହିତ୍ୟିକ ତଥା ଗାନ୍ଧିବାଦୀ । ଏକଦା ସେ ଲେଖିଥିଲେ – ' ତେଣୁ ଏକବିଂଶ ଶତାବ୍ଦୀରେ ଓଡ଼ିଶା ଗାଁ ଗୁଡ଼ିକ ମଶାଣି ହେବ କି ଆଶ୍ରମ ହେବ ତାହା ସ୍ଥିର କରିବେ ସେହି ଗାଁ ବାଲାଏ– ଉତ୍ପାଦନ, ବଣ୍ଟନ, ସମ୍ବଳ ସଂଗ୍ରହ, ସମ୍ବଳ ବିନିଯୋଗ (ମାନବିକ ସମ୍ବଳ ମଧ୍ୟ) ସଂଘର୍ଷର ସମାଧାନ (ପଞ୍ଚାୟତ, ଗ୍ରାମସଭା, ଲୋକ ଅଦାଲତ ଆଦିର) ସୂତ୍ର ସବୁ କିଛି 'ସ୍ଥାନୀୟ ଜ୍ଞାନର ବ୍ୟାକରଣ ହିଁ ସ୍ଥିର କରିବ । '( 'ସମୟ', ତା ୧୪।୦୬।୨୦୦୧)।

ଆଉ ପାଦେ ଆଗେଇ ଯାଇ ଉଲ୍ଲେଖ କରାଗଲେ ବରଂ ଠିକ୍ ହେବ ଯେ ଏହି ଗାଁ ଲୋକେ ହିଁ ନିୟନ୍ତ୍ରଣ କରିବେ ଆମ ଭବିଷ୍ୟତରେ ସମାଜନୀତି ଓ ରାଜନୀତିକୁ । କିନ୍ତୁ ଆମକୁ ଅପେକ୍ଷା କରିବାକୁ ପଡ଼ିବ, ସେ ପର୍ଯ୍ୟନ୍ତ ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ,ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଧୂମ ଆବରଣରେ ଧରଣୀ



**ପ୍ରଣତି ଆଚାର୍ଯ୍ୟ ମିଶ୍ର**

ସଭ୍ୟତାର ବିକାଶ କ୍ରମରେ ମଣିଷ ଅନେକ ପ୍ରଗତି କରିଛି କିନ୍ତୁ ଯୁଦ୍ଧ ଭଳି ଏକ ବିଭୀଷିକାକୁ ନିଜ ପରିଧିରୁ ଦୂରେଇ ପାରିନାହିଁ । ଯେତେବେଳେ ଗୋଟିଏ ଦେଶର କ୍ଷେପଣାସ୍ତ୍ର ଅନ୍ୟ ଏକ ଦେଶର ମାଟିକୁ ସ୍ପର୍ଶ କରେ, ସେତେବେଳେ ସମଗ୍ର ପରିବେଶ କ୍ଷତବିକ୍ଷତ ହୋଇଯାଏ ।

ଇତିହାସ ପୃଷ୍ଠା ଓଲଟାଇଲେ ଦେଖାଯାଏ, ଯୁଦ୍ଧ କେବେ ବି ଶାନ୍ତିର ବାର୍ତ୍ତା ବହନ କରିନାହିଁ । ଏହା କେବଳ ଶ୍ମଶାନର ନୀରବତା ଏବଂ ବିଧ୍ୱସ୍ତ ସହରର କାନ୍ଦଣା ହିଁ ଦେଇଛି ।

ବର୍ତ୍ତମାନ ଯୁଦ୍ଧର ସ୍ୱରୂପ ବଦଳିଛି । ପରମାଣୁ ଅସ୍ତ୍ର ଏବଂ ମିଜାଇଲ ଆକ୍ରମଣର ଭୟ ସମଗ୍ର ପୃଥିବୀକୁ ଏକ ଜଳନ୍ତା ଆଗ୍ନେୟଗିରି ଉପରେ ଠିଆ କରିଛି । ସାଧାରଣ ଜନତା ଦୁର୍ଭିକ୍ଷ, ମୁଦ୍ରାସ୍ଫୀତି ଏବଂ ବେକାରୀ ସମସ୍ୟାର ସାମ୍ନା କରୁଛନ୍ତି ।

ଯୁଦ୍ଧର ସବୁଠାରୁ ଭୟଙ୍କର ପରିଣତି ହେଉଛି ପରିବେଶ ଉପରେ ଏହାର ଦୀର୍ଘକାଳୀନ ଏବଂ ଅପୂରଣୀୟ ପ୍ରଭାବ । ଯୁଦ୍ଧ କେବଳ ମଣିଷ ମଧ୍ୟରେ ସୀମିତ ରହେନାହିଁ ଏହା ପ୍ରକୃତିକୁ ମଧ୍ୟ ବର୍ଷ ବର୍ଷ ଧରି ପଙ୍ଗୁ କରିଦିଏ ।

ଆଜି ପ୍ରତ୍ୟେକ ରାଷ୍ଟ୍ର ପୃଥିବୀ ପାଇଁ ଚିନ୍ତା ବ୍ୟକ୍ତ କରନ୍ତି । ଜଳବାୟୁ ପରିବର୍ତ୍ତନ, କାର୍ବନ ନିର୍ଗମନ, ଜୈବ ବିବିଧତା ଏବଂ ସ୍ଥାୟୀ ବିକାଶ ଭଳି ଶବ୍ଦଗୁଡ଼ିକ ଅନ୍ତର୍ଜାତୀୟ ଫୋରମରେ ବାରମ୍ବାର ପ୍ରତିଧ୍ୱନିତ ହୁଏ । ସମ୍ମିଳନୀଗୁଡ଼ିକ ପୃଥିବୀକୁ ରକ୍ଷା କରିବାକୁ ପ୍ରତିଜ୍ଞା କରନ୍ତି । ଭବିଷ୍ୟତ ପିଢ଼ି ପାଇଁ ଏକ ସୁରକ୍ଷିତ ଗ୍ରହ କଳ୍ପନା କରନ୍ତି । ଘୋଷଣା କରନ୍ତି ଯେ ପରିବେଶଗତ ସଙ୍କଟ ହେଉଛି ମାନବ ସଭ୍ୟତା ସାମ୍ନାରେ ସବୁଠାରୁ ବଡ଼ ବିପଦ । କିନ୍ତୁ ଯୁଦ୍ଧର ଢୋଲ ବାଜିବା ମାତ୍ରେ, ଏହି ସମ୍ପୂର୍ଣ୍ଣ ଆଲୋଚନା ହଠାତ୍ ନିରବ ହୋଇଯାଏ । ପୃଥିବୀ ଏବଂ ଏହାର ପରିବେଶକୁ ସୁରକ୍ଷା ଦେବାର ନୈତିକତା ପଛରେ ପଡ଼ିଯାଏ ।

ଏହା ଆଧୁନିକ ସଭ୍ୟତାର ବିଡ଼ମ୍ବନା ମଧ୍ୟରୁ ଗୋଟିଏ । ବିଶ୍ୱ ସ୍ତରରେ ପରିବେଶ ସୁରକ୍ଷା ପାଇଁ ଆହ୍ୱାନ ଦିଆଯାଉଥିବା ବେଳେ ଦେଶଗୁଡ଼ିକ ଯୁଦ୍ଧରେ ଜଡିତ, ଯାହା ବାୟୁମଣ୍ଡଳକୁ ବାରୁଦରେ ପରିପୂର୍ଣ୍ଣ କରେ । ରୁଷ–ୟୁକ୍ରେନ ଯୁଦ୍ଧ ଏହାର ପ୍ରମୁଖ ଉଦାହରଣ । ଏହି ଦୀର୍ଘକାଳୀନ ସଂଘର୍ଷ କେବଳ ସୈନିକ ଏବଂ ସହର ପାଇଁ ନୁହେଁ ବରଂ ପରିବେଶ ପାଇଁ ଏକ ଗଭୀର ଆଘାତ । ଯେତେବେଳେ କ୍ଷେପଣାସ୍ତ୍ରଗୁଡ଼ିକ ତୈଳ ସଂରକ୍ଷଣ, ବିଦ୍ୟୁତ୍ କେନ୍ଦ୍ର ଏବଂ ରାସାୟନିକ କାରଖାନା ଉପରେ ଆକ୍ରମଣ କରେ, ସେତେବେଳ ସେମାନେ କୋଠାଗୁଡ଼ିକୁ ନଷ୍ଟ କରିବା ସହ ବାୟୁରେ ବିଷାକ୍ତ ଧୂଆଁ ବିସ୍ତାର କରନ୍ତି, ନଦୀରେ ବିଷାକ୍ତ ପଦାର୍ଥ ଛାଡ଼ି ଦିଅନ୍ତି ଏବଂ ମାଟି ଗଠନକୁ ପରିବର୍ତ୍ତନ କରନ୍ତି । ବିଡ଼ମ୍ବନାର ବିଷୟ ହେଉଛି ବିଶ୍ୱର ପ୍ରମୁଖ ଶକ୍ତିଗୁଡ଼ିକ କୌଣସି ନା କୌଣସି କାରଣ ଦର୍ଶାଇ ଏହି ଯୁଦ୍ଧ ପଛରେ ଥିବା ଦେଖାଯାଉଛି । ସାମରିକ ସହାୟତା, ଅସ୍ତ୍ରଶସ୍ତ୍ର ଯୋଗାଣ ଏବଂ ରଣନୈତିକ ସମର୍ଥନ ଏହି ସଂଘର୍ଷକୁ ଦୀର୍ଘ ଏବଂ ଜଟିଳ କରିଛି । ଏହି ଦେଶଗୁଡ଼ିକ ହେଉଛନ୍ତି ଅନ୍ତର୍ଜାତୀୟ ମଞ୍ଚରେ ପରିବେଶ ସୁରକ୍ଷା ପାଇଁ ଚିନ୍ତା କରୁଥିବା ଜୋରଦାର ପ୍ରବକ୍ତା ।

**ଯୁଦ୍ଧର ସବୁଠାରୁ ଭୟଙ୍କର ପରିଣତି ହେଉଛି ପରିବେଶ ଉପରେ ଏହାର ଦୀର୍ଘକାଳୀନ ଏବଂ ଅପୂରଣୀୟ ପ୍ରଭାବ । ଯୁଦ୍ଧ କେବଳ ମଣିଷ ମଧ୍ୟରେ ସୀମିତ ରହେନାହିଁ ଏହା ପ୍ରକୃତିକୁ ମଧ୍ୟ ବର୍ଷ ବର୍ଷ ଧରି ପଙ୍ଗୁ କରିଦିଏ ।**

ସେହିପରି ଇସ୍ରାଏଲ, ଆମେରିକା ଏବଂ ଇରାନ ମଧ୍ୟ ଯୁଦ୍ଧ ମୋର୍ଚ୍ଚା ଖୋଲିଛନ୍ତି । ଏହା ମଧ୍ୟପ୍ରାଚ୍ୟକୁ ଏକ ବାରୁଦ ପାହାଡ ଉପରେ ରଖିଛି । ଯାହା ପରିବେଶଗତ ବିନାଶର କାରଣ ସାଜିଛି । ଗାଜାର ସୀମିତ ଭୂମି ଉପରେ ହଜାର ହଜାର ବୋମା ବର୍ଷି ମାଟିକୁ ବିଷାକ୍ତ କରୁଛି । ଲ୍ୟାଣ୍ଡମାଇନ୍ ଜଳ ଉତ୍ସଗୁଡ଼ିକୁ ନଷ୍ଟ କରୁଛି, ବେଳାଭୂମିକୁ ପ୍ରଦୂଷିତ କରୁଛି ଏବଂ ବାୟୁକୁ ବିଷାକ୍ତ କରୁଛି ।

ଇତିହାସ ଏପରି ଘଟଣାର ସତ୍ୟତା ପ୍ରକାଶ କରେ । କିନ୍ତୁ ସେଥିରୁ କୌଣସି ଶିକ୍ଷା ଗ୍ରହଣ କରାଯାଏ ନାହିଁ । ୧୯୯୧ରେ ଉପସାଗର ଯୁଦ୍ଧ ସମୟରେ, କୁଏତର ତୈଳ କୂପଗୁଡ଼ିକରେ ଅଗ୍ନିକାଣ୍ଡ ମାସ ମାସ ଧରି କଳା ଧୂଆଁରେ ଆକାଶକୁ ଆଚ୍ଛାଦିତ କରିଥିଲା, ଯାହା କେବଳ ଏକ ଯୁଦ୍ଧ ନୁହେଁ ବରଂ ପରିବେଶ ଉପରେ ଆକ୍ରମଣକୁ ମଧ୍ୟ ପ୍ରତିନିଧିତ୍ୱ କରେ । ସେହିପରି ଭିଏତନାମ ଯୁଦ୍ଧ ସମୟରେ ଏପରି ଏକ ରାସାୟନିକ ପଦାର୍ଥ ବ୍ୟବହାର କରାଯାଇଥିଲା, ଯାହା ଲକ୍ଷ ଲକ୍ଷ ହେକ୍ଟର ଜମି ସହିତ ମାଟି ଏବଂ ବାୟୁକୁ ବିଷାକ୍ତ କରିଥିଲା ।

ଯୁଦ୍ଧର ପ୍ରତ୍ୟେକ ବିସ୍ଫୋରଣ କେବଳ ସୈନିକଙ୍କୁ ହତ୍ୟା କରେ ନାହିଁ, ଏହା ପୃଥିବୀର ହୃଦୟରେ ଏକ କ୍ଷତ ସୃଷ୍ଟି କରେ । ଯେତେବେଳେ ଏକ ବୋମା ପଡ଼େ, ହଜାର ହଜାର ଟନ୍ କାର୍ବନ ବାୟୁମଣ୍ଡଳରେ ନିର୍ଗତ ହୁଏ । ଟ୍ୟାଙ୍କ ଏବଂ ଲଢୁଆ ବିମାନ ଅକଳ୍ପନୀୟ ହାରରେ ଇନ୍ଧନ ବ୍ୟବହାର କରନ୍ତି । ଯଦି ଯୁଦ୍ଧର କାର୍ବନ ନିର୍ଗମନ ଠିକ୍ ଭାବରେ ଗଣନା କରାଯାଏ, ତେବେ ସେଗୁଡ଼ିକ ହୁଏତ ଅନେକ ଛୋଟ ଦେଶର ମୋଟ ବାର୍ଷିକ ନିର୍ଗମନକୁ ଅତିକ୍ରମ କରିବ । ତଥାପି, ଏହି ବିଷୟଟି ଅନ୍ତର୍ଜାତୀୟ ଜଳବାୟୁ ସମ୍ମିଳନୀରେ ବହୁତ କମ୍ ଆଲୋଚନା କରାଯାଏ । କାରଣ ଯୁଦ୍ଧ ସମୟରେ ନୈତିକ ପ୍ରଶ୍ନଗୁଡ଼ିକ ପ୍ରାୟତଃ ଜାତୀୟତାବାଦରେ ଘୋଡ଼ାଇ ଦିଆଯାଏ । ପରିବେଶଗତ ସମସ୍ୟାଗୁଡ଼ିକୁ ସମ୍ବୋଧିତ କରୁଥିବା ଅନେକ ବିଶ୍ୱସ୍ତରୀୟ ମଞ୍ଚ ଏହି ପ୍ରସଙ୍ଗରେ ନୀରବ ରୁହନ୍ତି । ଯୁଦ୍ଧ ଏବଂ ପରିବେଶ ମଧ୍ୟରେ ସଂଯୋଗ କେବଳ ପ୍ରଦୂଷଣ ପର୍ଯ୍ୟନ୍ତ ସୀମିତ ନୁହେଁ, ଯୁଦ୍ଧ ମଧ୍ୟ ପ୍ରାକୃତିକ ସମ୍ପଦ ବିନାଶର କାରଣ । ସାମରିକ ଘାଟି ନିର୍ମାଣ ପାଇଁ ଜଙ୍ଗଲ ସଫା କରାଯାଏ । ଏହି ଦୃଷ୍ଟିକୋଣରୁ, ଯୁଦ୍ଧ ଏବଂ ପରିବେଶଗତ ସଙ୍କଟ ପରସ୍ପରଠାରୁ ପୃଥକ ନୁହେଁ ବରଂ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ।

ସବୁଠାରୁ ବଡ଼ ବିରୋଧାଭାସ ହେଉଛି ଯେଉଁ ଦେଶମାନଙ୍କ ପାଖରେ ସର୍ବବୃହତ ସାମରିକ ଶକ୍ତି ଅଛି, ସେମାନେ ପରିବେଶ ନାମରେ ନୈତିକତାର ପ୍ରଚାର କରନ୍ତି । ସେମାନେ ବିକାଶଶୀଳ ଦେଶମାନଙ୍କୁ କାର୍ବନ ନିର୍ଗମନ ହ୍ରାସ କରିବାକୁ ପରାମର୍ଶ ଦିଅନ୍ତି କିନ୍ତୁ ସେମାନଙ୍କର ସାମରିକ ଶିଳ୍ପର ନିର୍ଗମନ ବିଷୟରେ ବହୁତ କମ୍ ଆଲୋଚନା କରନ୍ତି ।

ଏଠାରେ ସବୁଠାରୁ ବଡ଼ ପ୍ରଶ୍ନ ହେଉଛି ପରିବେଶଗତ ଚିନ୍ତା କେବଳ ଏକ ରାଜନୈତିକ ସଂଭାଷଣ କି? ଏହି ଗମ୍ଭୀରତା କେବଳ ସେତେବେଳେ ଉଭା ହୁଏ ଯେତେବେଳେ ଏକ ବିକାଶଶୀଳ ଦେଶର ଶିଳ୍ପଗୁଡ଼ିକୁ ପ୍ରଶ୍ନ କରାଯାଏ? କିନ୍ତୁ ପୃଥିବୀର ବାସ୍ତବତା ଏହାଠାରୁ ବହୁତ ବ୍ୟାପକ । ପୃଥିବୀ କୌଣସି ଗୋଟିଏ ଦେଶର ନୁହେଁ ।

ବାୟୁ, ଜଳ, ମାଟି ଏବଂ ଜଙ୍ଗଲ ସମସ୍ତ ମାନବତାର ସାଧାରଣ ଐତିହ୍ୟ । ଯେତେବେଳେ ଯୁଦ୍ଧରେ ତୈଳ ଭଣ୍ଡାର ପୋଡ଼ି ଦିଆଯାଏ, ସେତେବେଳେ ସେମାନଙ୍କର ଧୂଆଁ ସମଗ୍ର ବିଶ୍ୱର ବାୟୁମଣ୍ଡଳରେ ବ୍ୟାପିଯାଏ । ଯେତେବେଳେ ରାସାୟନିକ କାରଖାନା ନଷ୍ଟ ହୋଇଯାଏ, ବିଷାକ୍ତ ଅବଶିଷ୍ଟାଂଶ ନଦୀ ଏବଂ ମହାସାଗରରେ ପହଞ୍ଚେ । ତେଣୁ ଯୁଦ୍ଧକୁ କେବଳ ଏକ ରାଜନୈତିକ କିମ୍ବା ରଣନୈତିକ ଘଟଣା ଭାବରେ ଦେଖାଯାଇପାରିବ ନାହିଁ ।

ଆଶ୍ଚର୍ଯ୍ୟଜନକ କଥା ହେଉଛି ଆଜିର ବିଶ୍ୱରେ ଯୁଦ୍ଧ ଏବଂ ପରିବେଶ ଉପରେ ଏକକାଳୀନ ଆଲୋଚନା ଚାଲିଛି । କିନ୍ତୁ ଉଭୟଙ୍କ ମଧ୍ୟରେ ଥିବା ସଂଯୋଗ ବିଷୟରେ ଆଲୋଚନା ହେଉନାହିଁ । ଗୋଟିଏ ପଟେ ଜଳବାୟୁ ସମ୍ମିଳନୀ ହେଉଛି, ଅନ୍ୟପଟେ ଅସ୍ତ୍ର ପ୍ରତିଯୋଗିତା ହେଉଛି । ହୁଏତ ମାନବ ସଭ୍ୟତା ଇତିହାସର ଏକ ମୋଡ଼ ଆସିବ ଯେଉଁଠାରେ ନିଷ୍ପତ୍ତି ନେବାକୁ ପଡିବ ଯେ ସେ ପୃଥିବୀକୁ ରକ୍ଷା କରିବାକୁ ଚାହୁଁଛି ନା ନିଜର ଅହଂକାରକୁ । କାରଣ, ଯୁଦ୍ଧ ହେଉଛି ଅହଂକାରର ପ୍ରକାଶନ ଯାହା ବିଶ୍ୱାସ କରେ ଯେ ଶକ୍ତି ହିଁ ପରମ ସତ୍ୟ ।

ଆଜି ଜଳବାୟୁ ପରିବର୍ତ୍ତନ, ଅସ୍ୱାଭାବିକ ପାଣିପାଗ ଏବଂ ପ୍ରାକୃତିକ ବିପର୍ଯ୍ୟୟର ବୃଦ୍ଧି ପାଉଥିବା ସଂଖ୍ୟା ସୂଚାଇ ଦିଏ ଯେ ପୃଥିବୀ ସହନଶୀଳତାର ଏକ ସୀମା ଅଛି । ଯେପର୍ଯ୍ୟନ୍ତ ରାଷ୍ଟ୍ରଗୁଡ଼ିକ ଯୁଦ୍ଧକ୍ଷେତ୍ରରେ ସେମାନଙ୍କର ଶକ୍ତି ପ୍ରଦର୍ଶନ କରି ଚାଲିବେ, ସେପର୍ଯ୍ୟନ୍ତ ପରିବେଶ ସୁରକ୍ଷାର ସମସ୍ତ ଘୋଷଣା ଶବ୍ଦର ଜଙ୍ଗଲ ବ୍ୟତୀତ ଆଉ କିଛି ହେବ ନାହିଁ । ଯୁଦ୍ଧ ପୃଥିବୀର ସନ୍ତୁଳନକୁ ନଷ୍ଟ କରେ, ଯାହାକୁ ସୃଷ୍ଟି କରିବାକୁ ପ୍ରକୃତି ଲକ୍ଷ ଲକ୍ଷ ବର୍ଷ ସମୟ ନେଇଛି । ତେଣୁ, ପୃଥିବୀକୁ ରକ୍ଷା କରିବାର ପ୍ରଥମ ସର୍ତ୍ତ ହେଉଛି ଏହାକୁ ଯୁଦ୍ଧକ୍ଷେତ୍ରରେ ପରିଣତ ହେବାରୁ ରୋକିବା । ନଚେତ ଇତିହାସ ଲେଖିବ ଯେ ମଣିଷ ପୃଥିବୀକୁ ରକ୍ଷା କରିବା ପାଇଁ ଅନେକଥର ଭାଷଣ ଦେଇଥିଲା, ଅନେକ ଥର ସଂକଳ୍ପ ନେଇଥିଲା, କିନ୍ତୁ ଯେତେବେଳେ ନିର୍ଣ୍ଣାୟକ ମୁହୂର୍ତ୍ତ ଆସିଲା, ସେ ନିଜ ହାତରେ ପୃଥିବୀର ଗର୍ଭକୁ ବାରୁଦରେ ପୂର୍ଣ୍ଣ କରିଦେଲା ।

**ନୟାଗଡ଼,**
**ମୋ–୯୪୩୭୬୪୨୯୪୭**

# କୃଷକର ବନ୍ଧୁ - ଘରଚଟିଆ

**ବୈଷ୍ଣବ ଚରଣ ଦାଶ**

ଚାଣକ୍ୟ ନୀତି ରେ କୁହାଯାଇଛି 'କ୍ଷୁଦ୍ରୋପି ନିହିତା ଶକ୍ତି ସମ୍ଭାବନା ଗରୀୟସି' । ଆମ ପୃଥିବୀରେ ଏପରି ଅନେକ କ୍ଷୁଦ୍ର ବସ୍ତୁ ରହିଛି ଯାହା ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ମନୁଷ୍ୟର କଲ୍ୟାଣ ସାଧନ କରେ । ତନ୍ମଧ୍ୟରୁ ଘରଚଟିଆ ଅନ୍ୟତମ ।

ଆଠରୁ ଦଶ ସେଣ୍ଟିମିଟର ଲମ୍ବର ଏହି ପକ୍ଷୀସବୁ ମାନବର ଅଶେଷ କଲ୍ୟାଣ ସାଧନ କରିଆସୁନ୍ତି । କିନ୍ତୁ ଦୁର୍ଭାଗ୍ୟର ବିଷୟ ଯେ ବର୍ତ୍ତମାନ ପ୍ରାକୃତିକ ଅସନ୍ତୁଳନ ଓ ଜଳବାୟୁ ପରିବର୍ତ୍ତନ ଯୋଗୁଁ ଏହି କ୍ଷୁଦ୍ର ପକ୍ଷୀଗୁଡ଼ିକ ବିଲୁପ୍ତ ପ୍ରାୟ ତାଲିକାର ଅନ୍ତର୍ଭୁକ୍ତ ହୋଇଛି । ସକାଳ ହେବା ମାତ୍ରେ କିଚିରି ମିଚିରି ଶବ୍ଦ କାକଳିରେ ପରିବେଶକୁ ମୁଖରିତ କରୁଥିବା ଏହି ପକ୍ଷୀସବୁ ଆଜିକାଲି ଦେଖିବାକୁ ମିଳୁନାହାନ୍ତି ।

ଘର ଚଟିଆର ଦୁଇଟି ଜାତି । ଗୋଟିଏ ପୁରୁଷ ଓ ଅନ୍ୟଟି ମହିଳା । ପୁରୁଷ ଚଟିଆର ବେକ ପାଖ ସାମାନ୍ୟ କଳା ଓ ନିମ୍ନାଂଶ ଧଳା ହୋଇଥିବା ବେଳେ ମାଈ ଚଟିଆ ମାଟିଆ ରଙ୍ଗର ହୋଇଥାଏ । ଗୋଟିଏ ପ୍ରାପ୍ତବୟସ୍କ ଚଟିଆର ଓଜନ ପାଖାପାଖି ତିରିଶି ଗ୍ରାମ । ମାଈଚଟିଆ ଥରକେ ଆଠରୁ ଦଶଟି ଅଣ୍ଡା ଦେଇଥାଏ । ଅଣ୍ଡା ଦେବାର ଦଶ ଦିନ ପରେ ଛୁଆ ଫୁଟି ଥାନ୍ତି । ଘରଚଟିଆର ଖାଦ୍ୟ ହେଉଛି ବିଭିନ୍ନ କୀଟ ଓ ଖାଦ୍ୟଶସ୍ୟ ।

ତା'ର ଛୋଟ ଥଣ୍ଟରେ ସେ ଶସ୍ୟର କଠିନ ଚୋପାର ଆସ୍ତରଣକୁ ଛଡାଇ ଖାଇଥାଏ । ବାଡି ବୁଦାରୁ କାଠି କୁଟା ସଂଗ୍ରହ କରି ସେ ନିଜର ବସା ତିଆରି କରେ । ତା' ଛଡା ମଣିଷ ରହୁଥିବା ଚାଳ ଘର, କେବୁଲ୍ ବାକ୍ସ, ବିଦ୍ୟୁତ୍ ତାର, ସ୍କାଏ ଲାଇଟ୍ ଆଦି ମଧ୍ୟ ଘରଚଟିଆର ପ୍ରିୟ ବାସସ୍ଥାନ । ଘରଚଟିଆ ଏକ ଚଳଚଞ୍ଚଳ ଓ ପରିଶ୍ରମୀ ପ୍ରାଣୀ । ସକାଳୁ କେବଳ ଯେ ଏହା ମନୁଷ୍ୟକୁ ନିଦରୁ ଉଠାଇ ଥାଏ, ତାହା ନୁହେଁ ବରଂ ଘରଚଟିଆ ଧୂଳିରେ ଗଡିଲେ ବର୍ଷା ଆସିଥାଏ ବୋଲି ବିଶ୍ୱାସ ରହିଛି । ଅନ୍ୟ ପକ୍ଷରେ ଦେଖିବାକୁ ଗଲେ କୃଷକର ଏକ ଉତ୍ତମ ବନ୍ଧୁ ଭାବେ ଘରଚଟିଆ ପରିଚିତ ।

ବିଲରେ ଶସ୍ୟକୁ ନଷ୍ଟ କରୁଥିବା କୀଟମାନଙ୍କୁ ଚଟିଆ ଖାଇ ଦେଇ ଥାଏ । କିନ୍ତୁ ବର୍ତ୍ତମାନ ଚାଷ ଜମିରେ ଅତ୍ୟଧିକ କୀଟନାଶକ ବ୍ୟବହାର ଫଳରେ ତାହା ଘରଚଟିଆ ପ୍ରତି ବିପଦ ସୃଷ୍ଟି କରିଛି । ଗାଡି ମଟରର ମାତ୍ରାଧିକ୍ୟ ଚଳାଚଳ, ଚାରିଆଡ଼େ କଂକ୍ରିଟ ଜଙ୍ଗଲ, ଚାଳଘର ବିଲୁପ୍ତ, ମାଳ ମାଳ ଟାୱାରରୁ ନିର୍ଗତ ବିକିରଣ ଏହି ସୁନ୍ଦର ପକ୍ଷୀର ଜୀବନକୁ ବିପଦ ଆଡ଼କୁ ଠେଲି ଦେଇଛି ।

ସହରରେ ତ ଘରଚଟିଆ ଦେଖିବା ସ୍ୱପ୍ନ, କାଁ ଭାଁ କେଉଁ ଗାଁରେ ଘରଚଟିଆଟିଏ ଦେଖିଦେଲେ ଏତେ ଖୁସି ଲାଗେ ଯେ ସଙ୍ଗେ ସଙ୍ଗେ ପିଲାବେଳଟା ଯେମିତି ଆଖି ଆଗରେ ନାଚିଯାଏ । ଘର ଅଗଣା , ବାଡ଼ି , ଦାଣ୍ଡରେ ଖୁଦଟିକେ ଢାଳିଦେଲେ କୁନି ଚଢେଇଟି ଯେମିତି ଡେଇଁ ଡେଇଁ ଖାଏ ଦେଖିଲେ ଭାରି ଆନନ୍ଦ ଲାଗେ ।

ଏହି ଦୁର୍ଲ୍ଲଭ ପକ୍ଷୀର ସୁରକ୍ଷା ପାଇଁ 'ଇଣ୍ଟରନ୍ୟାସନାଲ ୟୁନିୟନ ଫର୍ କନଜରଭେସନ ଅଫ ନେଚର୍ ଆଣ୍ଡ ନେଚୁରାଲ ରିସୋର୍ସ' ପକ୍ଷରୁ ୨୦୧୦ ମସିହା ଠାରୁ ପ୍ରତିବର୍ଷ ମାର୍ଚ୍ଚ ୨୦ ତାରିଖକୁ ବିଶ୍ୱ ଘରଚଟିଆ ଦିବସ ଭାବେ ମଧ୍ୟ ପାଳନ କରାଯାଇ ଆସୁଛି । ଦିନ ଥିଲା ଗାଁ ଗହଳ ସବୁଠି ଏହି ଘରଚଟିଆର କିଚିରି ମିଚିରି ଶବ୍ଦରେ ଫାଟି ପଡୁଥିଲା । ଏବେ ଠାରୁ ଯଦି ଆମେ ଏହାର ବଂଶ ରକ୍ଷା ପାଇଁ ଚେଷ୍ଟା ନ କରିବା ତେବେ ଏହି ସୁନ୍ଦର ପକ୍ଷୀ ବିଷୟରେ ଆଗାମୀ ବଂଶଧରମାନେ କେବଳ ଇତିହାସରେ ପଢ଼ିବେ ବୋଲି ମନେ ହେଉଛି ।

ଏହି ପକ୍ଷୀର ବଂଶ ବିସ୍ତାର ପାଇଁ ଆମେ କୃତ୍ରିମ ଚାଳ ଘର ନିର୍ମାଣ କରିବା ସହ କୀଟନାଶକର ବ୍ୟବହାର କମାଇବା ଉଚିତ । ଉଚ୍ଚ ସ୍ଥାନରେ ମାଟିହାଣ୍ଡି କଣା କରି ଲଗାଇବା, କାର୍ଡ ବୋର୍ଡ ବ୍ୟବହାର କରି କୃତ୍ରିମ ବସା ନିର୍ମାଣ କରି ଟାଙ୍ଗିବା, ଛାତ ଉପରେ ମାଟି ପାତ୍ରରେ ପାଣି ତଥା ଖାଦ୍ୟଶସ୍ୟ ଆଦିର ବ୍ୟବସ୍ଥା କରିବା ଆବଶ୍ୟକ ।

ଖୁସିର ବିଷୟ ଗତ କିଛି ବର୍ଷ ହେଲା ଏହି ଦିବସ ପାଳନର ସୁଫଳ ମିଳିଛି । କିଛି ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏହାର ସୁରକ୍ଷା ପାଇଁ ଅଗ୍ରସର ହୋଇ ଜନସାଧାରଣଙ୍କୁ ସଚେତନ କରାଇବା ସହ କୃତ୍ରିମ ବସା ନିର୍ମାଣ, ଖାଦ୍ୟ ଓ ଜଳ ଯୋଗାଣ ବ୍ୟବସ୍ଥା କରୁଛନ୍ତି । ଆମମାନଙ୍କ ସ୍ଥିତି ଓ ସମୃଦ୍ଧି ପାଇଁ ଘରଚଟିଆମାନଙ୍କ ବଞ୍ଚିବା ଜରୁରୀ । ମନୁଷ୍ୟ ଓ ପଶୁପକ୍ଷୀ ଏକତ୍ର ସହାବସ୍ଥାନ କରିବା ଆମ ପରିବେଶ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇ ପଡ଼ିଛି । ଆସନ୍ତୁ, ଏହି ଟିକି ପକ୍ଷୀର ସୁରକ୍ଷା କରିବା ଓ ଆମ ପରିବେଶକୁ ସୁନ୍ଦର କରିବା ।

**ପ୍ରକୃତିବନ୍ଧୁ ପୁରସ୍କାରପ୍ରାପ୍ତ ଶିକ୍ଷକ**
**ବୁଗୁଡ଼ା,ଗଞ୍ଜାମ**
**ମୋ–୯୭୭୬୫୩୪୯୩୦**

# ଯକୃତ ଓ ଜଣ୍ଡିସ୍



**ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**

ଆମେ ଅନେକ ସମୟରେ ଜଣ୍ଡିସକୁ ନେଇ ଭୟଭୀତ ହୋଇଥାଉଁ । ବାସ୍ତବରେ ଅନେକ ହୁଏତ ଜାଣି ନଥାନ୍ତି ଜଣ୍ଡିସର କାରଣଟି କ'ଣ ? ଭାଇରାଲ ହେପାଟାଇଟିସ୍ ଏ, ବି, ସି, ଡି ଏବଂ ଇ – ପାଞ୍ଚ ପ୍ରକାରର । ଏ ଏବଂ ଇ ଦୂଷିତ ପାଣି ତଥା ଖାଦ୍ୟ ଯୋଗୁଁ ହେଉଥିବା ବେଳେ ଏହାକୁ ସାଧାରଣ ଭାଷାରେ ଜଣ୍ଡିସ୍ ବା ହଳଦିଆ କାମଳ ବୋଲି କୁହାଯାଏ ।

ଏହାର ଲକ୍ଷଣ ପ୍ରାୟ ଚାରି ସପ୍ତାହ ଧରି ଚାଲେ । ରୋଗୀଙ୍କୁ ବାନ୍ତି ଏବଂ ଜ୍ୱର ହୁଏ । ତେବେ ସ୍ପଷ୍ଟ ଲକ୍ଷଣ ଜଣାପଡ଼ିବା ପରେ ରୋଗୀ ତୁରନ୍ତ ଚିକିତ୍ସା ପାଇଁ ପହଞ୍ଚିଥାନ୍ତି । ତେଣୁ ଯକୃତ ଖରାପ ହେବା ଘଟଣା କମ୍ ହୋଇଥାଏ । ଯକୃତ ଖରାପ ହେବାର ଦଶଦିନ ପୂର୍ବରୁ ରୋଗୀର ମାନସିକ ସ୍ଥିତି ବିଗିଡ଼ିବାରେ ଲାଗେ। ବି ଏବଂ ସି ଭାଇରାଲ ଇନ୍‌ଫେକ୍‌ସନ ଯୋଗୁଁ ଏହା ହୋଇଥାଏ । ସଂକ୍ରମଣର ପ୍ରାୟ ଦେଢ଼ରୁ ଦୁଇମାସ ପରେ ଏହାର ଲକ୍ଷଣ ପ୍ରକାଶ ପାଏ। ଯେଉଁ କେସ୍‌ରେ ଚାରିମାସ ମଧ୍ୟରେ ଲକ୍ଷଣ ପ୍ରକାଶ ପାଏ, ତାକୁ ଆକ୍ୟୁଟ୍ ବୋଲି କହିଥାନ୍ତି ଏବଂ ଏଥିରେ ଯକୃତକୁ ରକ୍ଷା କରାଯାଇପାରେ । ତେବେ ଲକ୍ଷଣ ପ୍ରକାଶ ପାଇବାର ଛ'ମାସରୁ ଅଧିକ ହୋଇଗଲେ ଏହା କ୍ରୋନିକ୍ ହୋଇଯାଏ ଏବଂ ରୋଗୀ ପୁରା ସୁସ୍ଥ ହେବାର ଆଶା କ୍ଷୀଣ ରହେ । ଯେଉଁମାନଙ୍କୁ ପିଲାଦିନରୁ ଏହି ଇନ୍‌ଫେକ୍‌ସନ ହୋଇଥାଏ ସେମାନେ ବଡ଼ ହେବା ପରେ ସାଧାରଣତଃ କ୍ରୋନିକ୍ ହେପାଟାଇଟିସ୍‌ରେ ପୀଡ଼ିତ ହୁଅନ୍ତି । ଉଭୟ ଭାଇରସ୍ ଯକୃତ ଉପରେ କୁପ୍ରଭାବ ପକାଇଥାଏ । ଏହାର ଯେଉଁ ଲକ୍ଷଣ ପ୍ରକାଶ ପାଏ, ସେଗୁଡ଼ିକ ମୁଖ୍ୟତଃ ହେଲା ଭୋକ ନହେବା, ଓଜନ କମିବା, ଜଣ୍ଡିସ, ଜ୍ୱର, ଦୁର୍ବଳ, ବାନ୍ତି, ପେଟରେ ପାଣି ଜମିଯିବା, ରକ୍ତବାନ୍ତି ହେବା, ଦେହର ରଙ୍ଗ କଳା ପଡ଼ିଯିବା, ପରିସ୍ରା ଗାଢ଼ ରଙ୍ଗର ହେବା ଇତ୍ୟାଦି । ଏହା ଯକୃତକୁ ଟାଣ କରି ସଙ୍କୁଚିତ କରିଦିଏ । ଠିକ୍ ସମୟରେ ଚିକିତ୍ସା ସେବା ନପାଇଲେ ଧୀରେ ଧୀରେ ଯକୃତ ଟ୍ୟୁମରରେ ପରିବର୍ତ୍ତିତ ହୋଇଯାଏ ।

ମୁଖ୍ୟତଃ ଆଲ୍‌କୋହଲ, ଷ୍ଟେରଏଡ଼, ସଂକ୍ରମିତ ଛୁଞ୍ଚି, ରକ୍ତ, ସର୍ଜରୀ ଉପକରଣ ତଥା ଅସୁରକ୍ଷିତ ଶାରୀରିକ ସମ୍ପର୍କ ଯୋଗୁଁ ଏବଂ ସଂକ୍ରମିତ ମା'ଠାରୁ ଶିଶୁକୁ ଏହି ରୋଗ ଡେଇଁ ଥାଏ । ଜଣ୍ଡିସ୍ ତଥା ଡେଙ୍ଗୁ ବି ବହୁବାର ହେପାଟାଇଟିସ୍‌ର କାରଣ ହୋଇଥାଏ । ଏହା ବ୍ୟତୀତ ବିଭିନ୍ନ ଔଷଧର ପରିପାର୍ଶ୍ୱିକ ପ୍ରତିକ୍ରିୟା ପାଇଁ ଏହି ରୋଗ ହୋଇପାରେ । ଅତ୍ୟଧିକ ମଦ୍ୟପାନ ଦ୍ୱାରା ଯକୃତ କ୍ଷତିଗ୍ରସ୍ତ ହୋଇଥାଏ । ଏଥିରେ ଫାଇବ୍ରୋସିସ୍ ଦେଖାଯାଏ ଏବଂ ଯକୃତ ସଂକୁଚିତ ହେବାକୁ ଲାଗେ ଯେଉଁଥିରେ ଛୋଟ ବଡ଼ ଗଣ୍ଠି ମଧ୍ୟ ପଡ଼ିଯାଏ । ଏହା ଲିଭର ସିରୋସିସ୍ । ପ୍ରତିଦିନ ମଦ୍ୟପାନ କରୁଥିବା ବ୍ୟକ୍ତିଙ୍କର ଯକୃତ କୋଷ କ୍ଷତିଗ୍ରସ୍ତ ହୋଇଥାଏ । ଏହାର ଚିକିତ୍ସା ସମ୍ଭବ ଥିଲେ ବି ପରେ ମଦ ଅଭ୍ୟାସ ନ ଛାଡ଼ିଲେ ଚିକିତ୍ସା ଆଉ ସମ୍ଭବ ହୁଏନାହିଁ ।

ଅଧିକ ତୈଳୀୟ ଖାଦ୍ୟ ଖାଉଥିବା ତଥା ବ୍ୟାୟାମ କରୁନଥିବା ବ୍ୟକ୍ତିଙ୍କର ଫ୍ୟାଟି ଲିଭର ଆଶଙ୍କା ଅଧିକ । ଏହି ଘଟଣା ପାଇଁ ମୋଟାପଣିଆ ୭୦ ପ୍ରତିଶତ ଦାୟୀ । ଏହାର ଆଉ କେତେକ କାରଣ ବି ଦେଖାଗଲାଣି । ଅନ୍ତ୍ରନଳୀର ବ୍ୟାକ୍ଟେରିଆ ବି ଫ୍ୟାଟି ଲିଭରର କାରଣ ହୋଇଥାନ୍ତି । ଏହା ପତଳା ଲୋକଙ୍କ ଠାରେ ବି ହୋଇପାରେ । ଅଧିକ ଫ୍ୟାଟ ଯୋଗୁଁ ଯକୃତ ସଙ୍କୁଚିତ ହୋଇ ଚାଲେ ଏବଂ ଠିକ୍ ସମୟରେ ଚିକିତ୍ସା ନ ମିଳିଲେ ସିରୋସିସ୍‌ର ଆଶଙ୍କା ରହିଥାଏ । ଯକୃତର ଆଉ ଏକ ସମସ୍ୟା ପ୍ରାୟତଃ ମହିଳାଙ୍କ ଠାରେ ଦେଖାଯାଏ । ଶରୀରର କୋଷଗୁଡ଼ିକ ଯକୃତ ବିରୋଧରେ କାମ କଲେ ଯକୃତ ଖରାପ ହୋଇଚାଲେ । ଯକୃତ ଖରାପ ହେବାର ଲକ୍ଷଣ ଡେରିରେ ଜଣାପଡ଼େ । ୩୦–୪୦ ପ୍ରତିଶତ ଯକୃତର କୋଷ କ୍ଷତିଗ୍ରସ୍ତ ହେବା ପରେ ଲକ୍ଷଣ ପ୍ରକାଶ ପାଇଥାଏ । ତେଣୁ ଯକୃତ ପରୀକ୍ଷଣ କରାଇ ନେବା ଜରୁରୀ । ଏହା ଯକୃତର କ୍ଷମତା ଜଣାଇଥାଏ । ଫ୍ୟାଟି ଲିଭର ପାଇଁ ଅଲଟ୍ରାସାଉଣ୍ଡ କରିପାରିବେ । ରକ୍ତ ପରୀକ୍ଷାରୁ ଯକୃତ ବାବଦରେ ଜଣାନପଡ଼ିଲେ ବିଶେଷଜ୍ଞ ବାୟୋପ୍‌ସିର ପରାମର୍ଶ ଦେଇଥାନ୍ତି । ଏଥିରେ ଯକୃତର କିଛି ଅଂଶ ଲାବୋରେଟୋରୀ ପଠାଯାଇ ପରୀକ୍ଷା କରାଯାଏ। **ତେବେ ଯକୃତକୁ ସୁସ୍ଥ ରଖିବା ଲାଗି ସ୍ୱଚ୍ଛ ପାଣି ପିଅନ୍ତୁ, ଦୂଷିତ ଖାଦ୍ୟରୁ ଦୂରେଇ ରହନ୍ତୁ, ବ୍ୟାୟାମ କରନ୍ତୁ, ସୁରକ୍ଷିତ ଶାରୀରିକ ସମ୍ପର୍କ ରଖନ୍ତୁ, ୪୦ ବର୍ଷ ବୟସ ପରେ ଯକୃତ ପରୀକ୍ଷା କରାଇ ନିଅନ୍ତୁ ଏବଂ ସବୁଠାରୁ ବଡ଼କଥା ମଦ୍ୟପାନରୁ ବିରତ ରୁହନ୍ତୁ ।**

**ପ୍ରତିରଦ୍ଧିକ ଓ ପୂର୍ବତନ ବିଭାଗୀୟ ମୁଖ୍ୟ,**
**ଲିଭର ବିଭାଗ,ବଡ଼ ମେଡ଼ିକାଲ , କଟକ,**
**ମୋ–୯୪୩୭୦୫୧୯୫୭**

### କଟକ ବୈଶାଖୀ ବାଣିଜ୍ୟ ମେଳା

# ଗାୟିକା ତୃପ୍ତି ଦାସଙ୍କୁ ରୁଚି ବୈଶାଖୀ ସମ୍ମାନ



କଟକ, (ସ୍ୱପ୍ର) : ୨୨ତମ ଆନ୍ତର୍ଜାତିକ କଟକ ବୈଶାଖୀ ବାଣିଜ୍ୟ ମେଳା ସ୍ଥାନୀୟ ଉପର ବାଲିଯାତ୍ରା ପଡିଆରେ ଅନୁଷ୍ଠିତ ହେଉଛି । ରବିବାର ମେଳାର ୪ର୍ଥ ସନ୍ଧ୍ୟାରେ ସାଂସ୍କୃତିକ ମଞ୍ଚରେ ବିଶିଷ୍ଟ କଣ୍ଠ ଶିଳ୍ପୀ ତୃପ୍ତି ଦାସଙ୍କୁ ରୁଚି ବୈଶାଖୀ ସମ୍ମାନରେ ସମ୍ମାନୀତ କରାଯାଇଛି । ରୁଚି ବୈଶାଖୀ ମେଳାର ସଭାପତି ମଧୁସୂଦନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମାନ ପ୍ରଦାନ ଉତ୍ସବରେ ମୁଖ୍ୟ ଅତିଥିଭାବେ ପ୍ରାକ୍ତନ ରାଜ୍ୟ ସୂଚନା କମିଶନର ସୁଶାନ୍ତ କୁମାର ମହାନ୍ତି, ବରେଣ୍ୟ ଅତିଥି ଭାବରେ କଟକ ସଦର ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିଶେଖର ଦେଓ, ସମ୍ମାନିତ ଅତିଥିଭାବେ ରୁଚିର ପରିଚାଳନା ନିର୍ଦ୍ଦେଶକ ଅରବିନ୍ଦ ସାହୁ, ସମାଜସେବୀ ପ୍ରଦୀପ କୁମାର ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ । ସଂଯୋଜକ ଦେବୀ ପ୍ରସାଦ ଦାସ, ରୁଚି ଲୋକ ସମ୍ପର୍କ ବିଭାଗ ମୁଖ୍ୟ ଶୁଭେନ୍ଦୁ କୁମାର ଭୂୟାଁ ପ୍ରମୁଖ ମଞ୍ଚାସୀନ ଥିଲେ । ଅଭ୍ୟର୍ଥନା ସମିତିର ଅଧକ୍ଷ ଦିଲ୍ଲୀପ କୁମାର ସାହୁ, ରମେଶ ଚନ୍ଦ୍ର ସାହୁ, ପ୍ରମୁଖଙ୍କ ଉପସ୍ଥିତରେ ରାଜକିଶୋର ସାହୁ ଓ ସୋନାଲି ପ୍ରିୟଦର୍ଶିନୀ ସାଂସ୍କୃତିକ ମଞ୍ଚ ପରିଚାଳନା କରିଥିଲେ ।

# ଶ୍ରୀକ୍ଷେତ୍ର ସୁରକ୍ଷା ମଞ୍ଚ ପକ୍ଷରୁ ପୁରୀ ବାସୀଙ୍କ ସ୍ୱତନ୍ତ୍ର ଦର୍ଶନ ପାଇଁ ଦାବୀ

ପୁରୀ, (ସବ୍ୟୁ) : ଶଙ୍ଖ କ୍ଷେତ୍ର ବା ପୁରୁଷୋତ୍ତମ କ୍ଷେତ୍ରରେ ଜନ୍ମ ।କୁହାଯାଏ ଭାଗ୍ୟରେ ଥିଲେ ଶ୍ରୀକ୍ଷେତ୍ରରେ ଜନ୍ମ ମିଳିଥାଏ ।ବ୍ରହ୍ମାଣ୍ଡର ମାଲିକ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କ୍ଷେତ୍ର ହେଉଛି ପୁରୀ । ପ୍ରତିଦିନ ମଙ୍ଗଳ ଆଳତୀ ହେଉ ବା ବଡ଼ ସିଂହାର ବେଶ ହେଉ ପ୍ରତିଦିନ ପୁରୀ ସହର ବାସୀ ଏହା ଦେଖିବା ପାଇଁ ଶ୍ରୀମନ୍ଦିର ଯାଇଥାନ୍ତି । ପୁରୀ ସହରରେ ଏଭଳି ଅନେକ ଲୋକ ଅଛନ୍ତି ଯେଉଁ ମାନେ ପ୍ରତିଦିନ ମହାପ୍ରଭୁଙ୍କ ଦର୍ଶନ ପରେ ତୁଳସୀ ଗ୍ରହଣ କରି ଅନ୍ନ ଗ୍ରହଣ କରିଥାନ୍ତି ।କିନ୍ତୁ ଏବେ ଜଗା ଦର୍ଶନ ସତେ ଯେମିତି ଦୁର୍ବିସହ ହୋଇପଡିଛି।ବୃଦ୍ଧ ବୃଦ୍ଧା ,ବିଧବା ମହିଳାଙ୍କ କଥା ତ ଦୂରର କଥା ସାଧାରଣ ପୁରୀ ବାସିନ୍ଦା ଏବେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିପାରିନାହାନ୍ତି। ପୁରୀ ସହରବାସୀଙ୍କ ସୁବିଧା ଓ ଶୃଙ୍ଖଳିତ ଦର୍ଶନ ପାଇଁ ପୁରୀରେ ବୁଦ୍ଧିଜୀବୀଙ୍କୁ ନେଇ ଗଠିତ ହୋଇଛି ଶ୍ରୀକ୍ଷେତ୍ର ସୁରକ୍ଷା ମଞ୍ଚ।ପୁରୀ ବାସୀଙ୍କ ସ୍ୱତନ୍ତ୍ର ଦର୍ଶନ ପାଇଁ ଗଠିତ ଏହି ମଞ୍ଚ ବୈଠକରେ ବିଭିନ୍ନ ବର୍ଗର ଲୋକେ ଯୋଗ ଦେଇ ନିଜ ନିଜର ମତ ଓ ପ୍ରସ୍ତାବ ଦେଇଛନ୍ତି।କୋଭିଡ୍ ମହା ମାରୀ ପର ଠାରୁ ପୁରୀ ବାସୀ ମହାପ୍ରଭୁଙ୍କ ଦର୍ଶନ ସୁବିଧାରେ କରି ପାରୁନାହାନ୍ତି ।ଏଥିପାଇଁ ପୂର୍ବରୁ ଶ୍ରୀମନ୍ଦିର ପ୍ରବେଶ ଅଭିଯାନ ମଞ୍ଚ ସହ ବିଭିନ୍ନ ସଙ୍ଗଠନ ଗଠିତ ହୋଇ ଦୀପ ଦାନ ଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀ ,ଆଇନ ମନ୍ତ୍ରୀ ,ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ,ଜିଲ୍ଲାପାଳଙ୍କୁ ଭେଟି ଆଲୋଚନା କରିଛନ୍ତି। କିନ୍ତୁ ଏଯାଏଁ କିଛି ସୁଫଳ ମିଳିପାରିନାହିଁ ।ଏଥିପାଇଁ ରାଜ୍ୟ ସରକାରଙ୍କ ଆନ୍ତରିକତା ଅଭାବ ଓ ଇଚ୍ଛା ଶକ୍ତିଙ୍କୁ ଦାୟୀ କରିଛନ୍ତି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଓ ପୂର୍ବତନ ବିଧାୟକ । ପୁରୀ ସହରବାସୀ କେଉଁ ଆବାହମାନ କାଳରୁ ଶ୍ରୀଜଗନ୍ନାଥଙ୍କୁ ନିଜ ଘରର ଦେବତା ଭାବେ ଗ୍ରହଣ କରିଆସିଛନ୍ତି। ତା ସହ ବିନା ଦ୍ୱିଧାରେ ମହାପ୍ରଭୁଙ୍କ ଦର୍ଶନ କରି ଆସୁଥିଲେ ପୁରୀ ବାସିନ୍ଦା।

# ଜାତୀୟ ମିଡିଆ କନ୍‌କ୍ଲେଭ ୨୦୨୬

ଭୁବନେଶ୍ୱର, (ସବ୍ୟୁ): ଜାତୀୟ ମିଡିଆ କନ୍‌କ୍ଲେଭ ୨୦୨୬ ସହିତ ୧୩ତମ "ଆଇ-ଉଇମେନ୍ ଅଫ୍ ସବ୍‌ଷ୍ଟାନ୍ସ" ସମ୍ମାନ ସମାରୋହ ସହ ଆରମ୍ଭ ହୋଇଥିଲା । ଅତିଥିମାନଙ୍କ ଉପସ୍ଥିତିରେ ପ୍ରଦୀପ ପ୍ରଜ୍ଜ୍ୱଳନ କରାଯାଇ ଉତ୍ସବ ଆରମ୍ଭ ହୋଇଥିଲା। ଉଦ୍‌ଘାଟନୀ ମିଡିଆର ଦାୟିତ୍ୱ, ରାଜନୈତିକ ଦୃଷ୍ଟିକୋଣ, ସଂସ୍କୃତିକ ପ୍ରଭାବ, ଉଦ୍ୟମିତା, ସ୍ୱାସ୍ଥ୍ୟ ସେବା ଓ ରାଷ୍ଟ୍ର ଗଠନରେ ନାରୀଙ୍କ ଭୂମିକା



ଭୁବନେଶ୍ୱରର ଜୟଦେବ ଭବନରେ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମଟି ଅଧକ୍ଷ ପବିତ୍ର ସାମନ୍ତରାୟ, ସାଧାରଣ ସଂପାଦକ ଡା. ଚିଦାତ୍ମିକା ଖଟୁଆ, ପରାମର୍ଶଦାତା ମେଜର ଡା. କଳ୍ପନା ଦାସ ଓ ଡା. ରାଜନୀକାନ୍ତ ମିଶ୍ରଙ୍କ ନେତୃତ୍ୱ ଓ ସୁଚିନ୍ତିତ ପରିକଳ୍ପନାରେ ସଫଳତାର ସହ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମଟି ଗରିମାମୟ ଉଦ୍ଘାଟନୀ ଅଧିବେଶନ ଅଭିଭାଷଣରେ ମିଡିଆକୁ ଗଣତନ୍ତ୍ରର ଏକ ମୂଳ ଭିତ୍ତି ଭାବେ ଉଲ୍ଲେଖ କରି "ବିକସିତ ଓଡିଶା ୨୦୩୬" ଓ "ବିକସିତ ଭାରତ ୨୦୪୭" ଗଠନରେ ଏହାର ଦାୟିତ୍ୱ ଉପରେ ଆଲୋକ ପାତ କରାଯାଇଥିଲା । ଏହି ଅବସରରେ ସାପ୍ତାହିକ ସମ୍ବାଦପତ୍ର "ଆଜିର ସମ୍ପର୍କ" ଓ କଳିଙ୍ଗ ଗୌରବ ଫାଉଣ୍ଡେସନର ୱେବସାଇଟ୍ ଉଦ୍‌ଘାଟନ ହୋଇଥିଲା । କନ୍‌କ୍ଲେଭରେ ଇତ୍ୟାଦି ବିଷୟରେ ଆଲୋଚନା କରାଯାଇଥିଲା । ଏହି ଅବସରରେ ୧୩ତମ "ଆଇ-ଉଇମେନ୍ ଅଫ୍ ସବ୍‌ଷ୍ଟାନ୍ସ" ସମ୍ମାନ ସମାରୋହ ଆୟୋଜିତ ହୋଇ ୨୭ ଜଣ ନାରୀଙ୍କୁ ସମ୍ମାନିତ କରାଯାଇଥିଲା । ସେହିପରି ୩୧ ଜଣ ଶିକ୍ଷକ/ ଶିକ୍ଷୟିତ୍ରୀଙ୍କୁ "ନ୍ୟାସନାଲ ବିଲ୍ଡର ଆୱାର୍ଡ" ପ୍ରଦାନ କରାଯାଇଥିଲା ଓ ବିଭିନ୍ନ ଏନଜିଓମାନଙ୍କୁ ମଧ୍ୟ ସମ୍ମାନ ଜଣାଯାଇଥିଲା ।

# ଏପ୍ରିଲ ୧ରୁ ଅନ୍‌ଲାଇନ୍ କାର୍ଯ୍ୟ ବନ୍ଦ କରିବେ ଅଙ୍ଗନୱାଡି କର୍ମୀଙ୍କ

ଭୁବନେଶ୍ୱର (ସୁବ୍ୟ):ସାମାଜିକ ସୁରକ୍ଷା ପ୍ରଦାନ, ସର୍ବନିମ୍ନ ମଜୁରୀ, ମୋବାଇଲ୍ ଓ ବାର୍ଷିକ ରିଚାର୍ଜ ଅର୍ଥ ପ୍ରଦାନ ଦାବିରେ ଭାରତୀୟ ମଜଦୁର ସଂଘ ଦ୍ୱାରା ଅନୁବନ୍ଧିତ ଓଡ଼ିଶା ଅଙ୍ଗନୱାଡି ଲେଡିଜ୍ ୱାର୍କସ ଆସୋସିଏସନ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବ ବୋଲି ଚେତାବନି ଦେଇଛି। ସଂଘର ଅଖିଳ ଭାରତୀୟ ସଂପାଦିକା ସୁଶ୍ରୀ ଅଞ୍ଜଳି ପଟେଲ୍, ସଭାନେତ୍ରୀ ସୁମିତା ମହାପାତ୍ର, ସାଧାରଣ ସଂପାଦିକା କୁଞ୍ଜଲତା




ଦାସ କହିଛନ୍ତି ଭାରତ ସରକାର ସେମାନଙ୍କ ପ୍ରତି ଦୀର୍ଘଦିନ ଧରି ବୈମାତୃକ ମନୋଭାବ କରିଆସୁଛନ୍ତି। ଏହାର ପ୍ରତିବାଦରେ ଏପ୍ରିଲ ୧ତାରିଖରୁ କେନ୍ଦ୍ର ଗୁଡ଼ିକର ସମସ୍ତ ଅନ୍‌ଲାଇନ୍ କାମ ବନ୍ଦ କରି ଅଫ୍ ଲାଇନ୍‌ରେ କାର୍ଯ୍ୟ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହାକୁ ଅଲ୍ ଓଡ଼ିଶା ଅଙ୍ଗନୱାଡି ଲେଡିଜ୍ ୱାର୍କସ ଆସୋସିଏସନ ସମର୍ଥନ କରୁଛି।

### କଟକରେ ବଢୁଛି ଅପରାଧ

# ୨ ମାସରେ ୯୪ ଠକେଇ, ୫୫ଚୋରି, ୯ ଦୁଷ୍କର୍ମ

କଟକ,(ସବ୍ୟୁ): ଦିନକୁ ଦିନ ଅଶାନ୍ତ ହେଉଛି କଟକ। ପୂର୍ବ ଅପେକ୍ଷା ଏବେ କଟକ ସହରର ଅପରାଧ ବଢ଼ିବାରେ ଲାଗିଛି । ବଢି ଚାଲିଛି ଦୁଷ୍କର୍ମ, ରାହାଜାନୀ, ଛିନ୍‌ତାଇ ଓ ଚୋରି । ଗତ୨ମାସ ଭିତରେ କଟକ ୟୁପିଡ଼ିରେ ୯୪ଟି ଠକେଇ, ୫୫ଟି ଚୋରି ଏବଂ ୯ଟି ଦୁଷ୍କର୍ମ ମାମଲା ପଞ୍ଜିକୃତ ହୋଇଛି । ଏହାକୁ ବାଦ ଦେଲେ ସହର ମଧ୍ୟରେ ମଦ୍ୟପାନ ଯୋଗୁଁ ଦୁର୍ଘଟଣା ସଂଖ୍ୟା ୧୦୦ଟପିଛି । ଗୋଟିଏ ହତ୍ୟାକାଣ୍ଡ ମାମଲା ମଧୁପାଟଣା ଥାନାରେ ପଞ୍ଜିକୃତ ହୋଇଥିବା ବେଳେ ଏଥିରେ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ପୁଲିସ ସୂଚନା ଅନୁସାରେ, ଗତ ୨ବର୍ଷରେ ପ୍ରତ୍ୟେକ ଥାନାରେ ମାମଲା ସଂଖ୍ୟା ହୁ ହୁ ହୋଇ ବଢୁଛି । ପୁଲିସ ଉପରେ ଅପରାଧିଙ୍କ ଡର ପୂର୍ବଭଳି ରହୁନଥିବା ବେଳେ ନିର୍ଭୟରେ ଅପରାଧିମାନେ ପୁଣି ଆଧିପତ୍ୟ ବିସ୍ତାର କରିଛନ୍ତି ।

ମିଳିଥିବା ସୂଚନା ଅନୁଯାୟୀ, କଟକ ୟୁପିଡିରେ ଗତ ୬ ବର୍ଷ ମଧ୍ୟରେ ସମୁଦାୟ ୩୭୧ଜଣ ଦୁଷ୍କର୍ମକାରୀଙ୍କୁ ଗିରଫ କରି ପୁଲିସ ଜେଲ୍ ପଠାଇସାରିଲାଣି । ଗତ ୨୦୨୦, ୨୦୨୧, ୨୦୨୨, ୨୦୨୩, ୨୦୨୪ ଓ ୨୦୨୫ ମସିହାରେ କଟକ ୟୁପିଡି ଅଧିନରେ ହୋଇଥିବା ୯୫ପ୍ରତିଶତ ଦୁଷ୍କର୍ମ ମାମଲାର ତଦନ୍ତ ଶେଷ ହୋଇ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଗତ ୨୦୨୦ ମସିହାରେ କଟକ ସହରର ବିଭିନ୍ନ ଥାନାରେ ୫୩ଟି ଦୁଷ୍କର୍ମ ମାମଲା ହୋଇଥିବା ବେଳେ ସମସ୍ତ ମାମଲାର ତଦନ୍ତ ଶେଷ କରାଯାଇ ୫୧ଜଣଙ୍କୁ ଗିରଫ କରାଯାଇଥିଲା । ସେହିପରି ୨୦୨୧ରେ ୭୮ଟି ଦୁଷ୍କର୍ମ ମାମଲାରେ ୭୯ଜଣଙ୍କୁ ଗିରଫ, ୨୦୨୨ରେ ୮୨ଟି ଦୁଷ୍କର୍ମ ମାମଲାରେ ୭୮ଜଣଙ୍କୁ ଗିରଫ ଏବଂ ୨୦୨୩ମସିହାରେ ୯୭ଟି ଦୁଷ୍କର୍ମ ମାମଲାରେ ମୋଟ୍ ୭୬ଜଣଙ୍କୁ ଗିରଫ କରାଯାଇଛି, ୨୦୨୪ ମସିହିରେ ୫୧ଟି ଦୁଷ୍କର୍ମ ମାମଲାରେ ମୋଟ୍ ୪୮ ଜଣଙ୍କୁ ଗିରଫ କରାଯାଇଥିଲା । ୨୦୨୫ ମସିହାରେ ୩୭ଟି ଦୁଷ୍କର୍ମ ମାମଲାରେ ୨୨ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା । ପୁଲିସର ଗିରଫଦାରୀ ଓ ମାମଲା ପରିସଂଖ୍ୟାନରୁ ବସ୍ତିରେ ହେଉଥିବା ଦୁଷ୍କର୍ମ ସର୍ବାଧିକ ବୋଲି ଦର୍ଶାଯାଇଛି । କଟକ ସହରର ବସ୍ତି ଅଞ୍ଚଳରେ ୭୦% ନାବାଳିକା ଅତ୍ୟାଚାରର ଶିକାର ହେଉଛନ୍ତି । ଏଠାରେ ଶିକ୍ଷାର ଅଭାବ, ଅସାମାଜିକଙ୍କ ଆଡ୍ଡାସ୍ଥଳୀ, ପାରିବାରିକ ଅନଗ୍ରସରତା ଭଳି କାରଣକୁ ପୁଲିସ ଦର୍ଶାଉଛି । ପୁଲିସ ପକ୍ଷରୁ ପରୀ, ମୁସ୍କାନ୍ ଭଳି ଡ୍ରାଇଭ୍ ଚାଲୁଥିବା ବେଳେ ଏଭଳି ସ୍ଥିତି ପୁଲିସ ପାଇଁ ଚିନ୍ତାର କାରଣ ପାଲଟିଛି । ମର୍କତନଗର, ଫେଜ୍-୨, ପୁରୀଘାଟ, କ୍ୟାଣ୍ଟନମେଣ୍ଟ, ମାଲଗୋଦାମ, ମଧୁପାଟଣା, ମଙ୍ଗଳାବାଗ ଭଳି ଥାନାରେ ପୂର୍ବରୁ ନାବାଳିକା ନିର୍ଯାତନା ମାମଲା ବଢ଼ିଥିଲା । ପୁଲିସ ଏହାକୁ ଗୁରୁତର ସହିତ ବିଚାରକୁ ନେଇ ଏହି ଥାନା ଗୁଡ଼ିକରେ ନାବାଳିକା ଓ ମହିଳା ନିର୍ଯ୍ୟାତନାରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କୁ ଗିରଫ କରିଥିବା ଜଣାପଡ଼ିଛି । ଗତ ୧୦ମାସ(୨୦୨୬) ମଧ୍ୟରେ ୩୪ଟି ଦୁଷ୍କର୍ମ ମାମଲା ପଞ୍ଜିକୃତ ହୋଇଛି । ଗତ ୨୦୨୪ ମସିହାରେ କେବଳ ବସ୍ତି ଅଞ୍ଚଳରୁ ୫୨ଟି ଦୁଷ୍କର୍ମ ମାମଲା ହୋଇଥିବା ବେଳେ ୬୨ଜଣଙ୍କୁ ଗିରଫ କରାଯାଇ ଜେଲ୍ ପଠାଯାଇଥିଲା ।

# ସିପସୁରବାଲି ମୌଜାର ୪୦ ଫୁଟ ସର୍ବସାଧାରଣ ରାସ୍ତାକୁ ଜବର ଦଖଲ ଅଭିଯୋଗ

ପୁରୀ, (ସବ୍ୟୁ): ବ୍ରହ୍ମଗିରି ତହସିଲ ଓ ପୁରୀ ଚକବନ୍ଦୀ ଅଧିନ ସରକାରୀ ରେକର୍ଡ ମୁତାବକ ସିପସୁରବାଲି ମୌଜାରେ ରହିଛି ବହୁ ମୂଲ୍ୟବାନ ଭୂସମ୍ପତ୍ତି। ଉକ୍ତ ଭୂସମ୍ପତ୍ତି ମଧ୍ୟରେ ରହିଛି ସର୍ବସାଧାରଣ ଚାଳିଶ ଫୁଟିଆ ରାସ୍ତା। ଉକ୍ତ ରାସ୍ତାକୁ କେତେକ ପ୍ରଭାବଶାଳୀ ଓ ବାହୁବଳୀ ବ୍ୟକ୍ତି ବେଆଇନ ଭାବେ ଜୋର୍ ଜବରଦସ୍ତ ବଳପୂର୍ବକ ଜବର ଦଖଲ କରି ସେଠାରେ ନିର୍ମାଣ କାର୍ଯ୍ୟ କରୁ ଥିବା ଅଭିଯୋଗ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ ଅତିରିକ୍ତ ଉପଜିଲ୍ଲାପାଳ, ଚକବନ୍ଦୀ , ପୁରୀଙ୍କୁ ଗୋରୁଆଲ ଆରଆଇ ପ୍ରଦାନ କରି ଥିବା ତଦନ୍ତ ରିପୋର୍ଟ ଅନୁଯାୟୀ ସିପସୁରବାଲି, ମୌଜା : ସିପସୁରବାଲି, ସାବକ ଖାତା ନମ୍ବର ୧୪୫, ପ୍ଲଟ ନମ୍ବର ୩୧୨ /୪୨୫, ଏ ରିଆ ୧୮୨ ଡିସିମିଲ କିସମ ସର୍‌ବସାଧାରଣ ରାସ୍ତା ରହିଛି। ସେହିପରି ଏହାର ଚକବନ୍ଦୀ ଲ୍ୟାଣ୍ଡ



ରେଜିଷ୍ଟ୍ରାର ରେକର୍ଡ ମୁତାବକ ଖାତା ନମ୍ବର ୫୨୧ , ପ୍ଲଟ ନମ୍ବର ୭୫୪ ଏ ରିଆ ୧୭୨ ଡିସିମଲ, କିସମ ରାସ୍ତା ରହିଛି। ଯାହାର ଚଉଡ଼ା ବା ପ୍ରଶସ୍ତ ୪୦ ଫୁଟ ଅଟେ। ତେବେ ଉକ୍ତ ସର୍ବସାଧାରଣ ରାସ୍ତାକୁ ଲାଗି ଭୂସମ୍ପତ୍ତି ଥିବା କେତେକ ବ୍ୟକ୍ତି ବଳ ପୂର୍ବକ ଜବର ଦଖଲ କରି ନିର୍ମାଣ କାର୍ଯ୍ୟ କରୁ ଥିବା ଜଣାପଡ଼ିଛି। ଅନୁସଂଧାନ କରିବାରୁ ଦେଖା ଯାଇଛି ଯେ ପୁରୀ ଟାଉନ୍ ଥାନା ଅଧୀନ କାଳିକାଦେବୀ ସାହିର ରାଧା ଶ୍ୟାମ ସାହୁ ନାମକ ଜଣେ ବ୍ୟକ୍ତି ୪୦ ଫୁଟ ରାସ୍ତାରୁ ୨୦ ଫୁଟ ବେଆଇନ ଭାବେ ଜବର ଦଖଲ କରି ସେଠାରେ ପାଚେରୀ ନିର୍ମାଣ କାର୍ଯ୍ୟ କରୁଛନ୍ତି। ଯାହା ସମ୍ପୂର୍ଣ୍ଣ ବେଆଇନ କାର୍ଯ୍ୟ ଅଟେ। ରାଧାଶ୍ୟାମ ରାସ୍ତାରୁ ୨୦ ଫୁଟ ମଡ଼ାଇ ପାଚେରୀ ନିର୍ମାଣ କାର୍ଯ୍ୟ କରୁ ଥିବାରୁ ରାସ୍ତା ସଂକୀର୍ଣ୍ଣ ହୋଇଛି। ସର୍ବ ସାଧାରଣ ରାସ୍ତାକୁ ବେଆଇନ ଭାବେ ମଡ଼ାଇ ଓ ଖୋଳି ପାଚେରୀ ନିର୍ମାଣ କାର୍ଯ୍ୟ କରୁ ଥିବାରୁ ସିମେଣ୍ଟ କଂକ୍ରିଟ ରାସ୍ତା ମଧ ଭାଙ୍ଗି ଯାଇଛି। ଯାହା ଫଳରେ ସାଧାରଣ ଯାତାୟତରେ ଅସୁବିଧା ସୃଷ୍ଟି ହୋଇଛି। ରାଧାକାନ୍ତ ପାଚେରୀ ନିର୍ମାଣ ପାଇଁ ସେହି ରାସ୍ତା ଦେଇ ବଡ ବଡ ଟ୍ରକରେ ମାଙ୍କଡ଼ା ପଥର ଆଣିବା ଯୋଗୁଁ ରାସ୍ତା ଭାଙ୍ଗି ଯାଇଛି। ଉକ୍ତ ପ୍ଲଟ ଉପରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇ ନିର୍ମାଣ ହୋଇ ଥିବା ସିମେଣ୍ଟ କଂକ୍ରିଟ ରାସ୍ତା ମଧ ଭାଙ୍ଗି ଖଣ୍ଡ ଖଣ୍ଡ ହୋଇଛି। ରାଧା ଶ୍ୟାମ ଜଣେ ପ୍ରଭାବ ଶାଳୀ ବ୍ୟକ୍ତି ହୋଇଥିବାରୁ ତାଙ୍କ ବିରୋଧରେ ଅଭିଯୋଗ କଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ଯାଉନି। ଯାହା ଫଳରେ ସେ ବେପରୁଆ ଭାବେ ସରକାରୀ ରାସ୍ତାକୁ ବେଆଇନ ଭାବେ ଦଖଲ କରି ନିର୍ମାଣ କାର୍ଯ୍ୟ କରୁଛନ୍ତି। ଜିଲ୍ଲା ପ୍ରଶାସନ ଓ ଜିଲ୍ଲାପାଳ ଏ ଦିଗରେ ଦୃଷ୍ଟି ଦେଇ ରାଧାଶ୍ୟାମଙ୍କ ବେଆଇନ କାର୍ଯ୍ୟ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣ ଦାବୀ ହେଉଛି।

# 'ଡ଼ିଭାଇନ୍‌ଟ୍ୟାଲେଣ୍ଟ୍ ହଣ୍ଟ' ଅପ୍ରେଲ ୧୧ରେ

ଭୁବନେଶ୍ୱର (ସବ୍ୟୁ): 'ଡ଼ିଭାଇନଡ୍ୟାନ୍ସ ଓ ମ୍ୟୁଜିକ୍ ଏକାଡ଼େମୀ' ଆନୁକୁଲ୍ୟରେ ଚଳିତ ବର୍ଷ ରାଜ୍ୟସ୍ତରୀୟ ୨୬ତମ ପ୍ରତିଭା ଚୟନ କାର୍ଯ୍ୟକ୍ରମ "ଡ଼ିଭାଇନ୍‌ଟ୍ୟାଲେଣ୍ଟ ହଣ୍ଟ-୨୦୨୬" ଆସନ୍ତା ଅପ୍ରେଲ ୧୧ ତାରିଖ ଦିନ ସ୍ଥାନୀୟ ଭଞ୍ଜକଳାମଣ୍ଡପ, ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବ। ଏଥିରେ ନର୍ସରି ଠାରୁ ଆରମ୍ଭ କରି ମହାବିଦ୍ୟାଳୟସ୍ତର ଛାତ୍ରଛାତ୍ରୀମାନେ ଚିତ୍ରାଙ୍କନ, ରାଇମ୍‌ସ, ସାଧାରଣଜ୍ଞାନ ଓ ଆଧୁନିକ ନୃତ୍ୟଏବଂ ଫ୍ୟାସନ୍‌ଶୋ ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ। ସକାଳ ୯ଟାରେ ଚିତ୍ରାଙ୍କନ ପ୍ରତିଯୋଗିତାରୁ କାର୍ଯ୍ୟକ୍ରମ ଆରମ୍ଭ ହେବ ଓ ପର୍ଯ୍ୟାୟକ୍ରମେ ଅନ୍ୟ ସମସ୍ତ ପ୍ରତିଯୋଗିତା କରାଯିବ। ଉକ୍ତ ଦିନ ସକାଳ ୮ଘଣ୍ଟା ୩୦ ମିନିଟ୍ ଠାରୁ ଭଞ୍ଜ କଳାମଣ୍ଡପ ଠାରେ ନାମ ପଞ୍ଜିକରଣ ଆରମ୍ଭ କରାଯିବ। ଏହାଛଡ଼ା ପୂର୍ବରୁ ଅନ୍‌ଲାଇନ୍‌ରେ ମଧ୍ୟ ପଞ୍ଜିକରଣ କରି ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ। ଛାତ୍ରଛାତ୍ରୀମାନଙ୍କୁ ବୟସ ଅନୁସାରେ ବିଭିନ୍ନ ଗ୍ରୁପରେ ବିଭକ୍ତ କରି ପ୍ରତିଯୋଗିତା କରାଯିବ। କୃତୀ ପ୍ରତିଯୋଗୀମାନଙ୍କୁ ଆସନ୍ତା ମେ ୧୪ ତାରିଖ ଦିନ ସ୍ଥାନୀୟ ରବୀନ୍ଦ୍ରମଣ୍ଡପ ଠାରେ ଅନୁଷ୍ଠାନର ୨୬ତମ ବାର୍ଷିକ ଉତ୍ସବ ଅବସରରେ ପୁରସ୍କୃତ ଓ ସମ୍ବର୍ଦ୍ଧିତ କରାଯିବ। ସମସ୍ତ ପ୍ରତିଯୋଗୀଙ୍କୁ ମାନପତ୍ର ଓ ଆଧୁନିକ ନୃତ୍ୟରେ ବିଜେତାମାନଙ୍କୁ ଆର୍ଥିକ ପୁରସ୍କାର ପ୍ରଦାନ କରାଯିବ। ଅଧିକ ବିବରଣୀ ନିମନ୍ତେ ମୋବାଇଲ ନଂ.: ୯୮୬୧୧୨୧୫୮୩/୭୬୦୯୮୯୮୧୭୮ରେ ଯୋଗାଯୋଗ କରିବାକୁ ଅନୁଷ୍ଠାନର ମୁଖ୍ୟକାର୍ଯ୍ୟନିର୍ବାହୀ ଚନ୍ଦ୍ରିକା ଦାଶ ଅନୁରୋଧ କରିଛନ୍ତି।

### ୪୬ ଗାଡ଼ି ମାଲିକଙ୍କୁ ବଡ଼ ଆଶ୍ୱସ୍ତି

# ପଞ୍ଜିକରଣ ପ୍ରମାଣପତ୍ର ନିଲମ୍ବନ ଆଦେଶ ରଦ୍ଦ କଲେ ହାଇକୋର୍ଟ

କଟକ, (ସବ୍ୟୁ) : ଗାଡ଼ିର ପଞ୍ଜିକରଣ ପ୍ରମାଣପତ୍ର (ରେଜିଷ୍ଟ୍ରେସନ ସାର୍ଟିଫିକେଟ) ନିଲମ୍ବନ ମାମଲାରେ ଓଡ଼ିଶା ହାଇକୋର୍ଟ ଆଞ୍ଚଳିକ ପରିବହନ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିଲମ୍ବନ ଆଦେଶକୁ ରଦ୍ଦ କରିଛନ୍ତି। ବେଆଇନ ବାଲି ପରିବହନ ଅଭିଯୋଗରେ ପରିବହନ କର୍ତ୍ତୃପକ୍ଷଙ୍କ ଦ୍ୱାରା ୪୬ଟି ହାଇୱା ଗାଡ଼ିଗୁଡ଼ିକର ପଞ୍ଜିକରଣ ନିଲମ୍ବନ କରାଯିବାକୁ ଅଦାଲତ ବେଆଇନ ଦର୍ଶାଇଛନ୍ତି। ଜଷ୍ଟିସ୍ ବି.ପି. ରାଉତରାୟ ଏହି ମାମଲାର ବିଚାର କରି ସମସ୍ତ ଆବେଦନକାରୀଙ୍କ ଗାଡ଼ିର ନିଲମ୍ବନ ଆଦେଶକୁ ରଦ୍ଦ କରିଛନ୍ତି। ଜଗତସିଂହପୁର ଜିଲାର କିଲିପାଳ ସୈରାତ ଉତ୍ସରୁ ବେଆଇନ ବାଲି ପରିବହନ କରାଯାଉଥିବା ଅଭିଯୋଗରେ ପୁଲିସ, ଖଣି ଏବଂ ପରିବହନ ବିଭାଗର ଏକ ମିଳିତ ଟିମ୍ ୪୬ଟି ହାଇଭା ଗାଡ଼ି ଓ ୩ଟି ଏକ୍ସକାଭେଟର ଜବତ କରିଥିଲେ। ଏହି ଆଧାରରେ ଆଞ୍ଚଳିକ ପରିବହନ କର୍ତ୍ତୃପକ୍ଷ (ଆରଟିଓ) ମୋଟରଯାନ ଆଇନ ପ୍ରୟୋଗ କରି ଗାଡ଼ିଗୁଡ଼ିକର ପଞ୍ଜିକରଣ ପ୍ରମାଣପତ୍ରକୁ ୨୦୨୬ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ନିଲମ୍ବିତ କରିଥିଲେ। ଏହାକୁ ବିରୋଧ କରି ଅଶୋକ କୁମାର ସ୍ୱାଇଁଙ୍କ ସମେତ ଅନ୍ୟମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଅଦାଲତ କହିଛନ୍ତି ଯେ ଗାଡ଼ିଗୁଡ଼ିକ ଜବତ ହେବା ସମୟରେ ସେଗୁଡ଼ିକ ପାଖରେ ବୈଧ ପରମିଟ୍ ଥିଲା, ଯାହାକୁ ପରିବହନ ବିଭାଗ ମଧ ସ୍ୱୀକାର କରିଛି। ମୋଟର ଯାନ ଆଇନର ଧାରା ୫୩ ଅନୁଯାୟୀ, ଗାଡ଼ିଟି ଜନସାଧାରଣଙ୍କ ପାଇଁ ବିପଦ ସୃଷ୍ଟି କରୁଥିଲେ କିମ୍ବା ବୈଧ ପରମିଟ୍ ନଥାଇ ଭଡ଼ାରେ ଚାଲୁଥିଲେ ହିଁ ପଞ୍ଜିକରଣ ନିଲମ୍ବନ କରାଯାଇପାରିବ। ବେଆଇନ ବାଲି ପରିବହନ ପାଇଁ ଓଏମଏମସି ରୁଲ୍‌ସ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରେ, କିନ୍ତୁ ଏହାକୁ ଆଧାର କରି ମୋଟର ଯାନ ଆଇନର ଧାରା ୫୩ ପ୍ରୟୋଗ କରାଯାଇ ପଞ୍ଜିକରଣ ନିଲମ୍ବନ କରାଯାଇପାରିବ ନାହିଁ ।

### ଏପ୍ରିଲ ୧ ରୁ ୧୪ ପର୍ଯ୍ୟନ୍ତ ରାଜ୍ୟରେ ପାଳନ ହେବ ଓଡ଼ିଆ ପକ୍ଷ

# ଓଡ଼ିଆଙ୍କୁ ଓଡ଼ିଆ ସଂସ୍କୃତି ସହ ପୁନଃ ସଂଯୋଜିତ କରିବ ଓଡ଼ିଆ ପକ୍ଷ : ସଂସ୍କୃତି ମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶାର ସମୃଦ୍ଧ ସଂସ୍କୃତି ଏବଂ ପରମ୍ପରାକୁ ନିଜର ଦୈନନ୍ଦିନ ଜୀବନର ଅଂଶବିଶେଷ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଆହ୍ୱାନ କ୍ରମେ ବିଗତ ବର୍ଷ ୨୦୨୫ ମସିହାରେ ସାରା ରାଜ୍ୟରେ ପ୍ରଥମ ଥର ପାଇଁ ଓଡ଼ିଆ ଅସ୍ମିତାର ମହାପର୍ବ- "ଓଡ଼ିଆ ପକ୍ଷ" ପାଳନ କରାଯାଇଥିଲା। ଓଡ଼ିଆ ଘରର ଗାଥା-ଗୌରବ, କଥାସରିତା, ଚାଲି-ଚଳଣି, ଖାଦ୍ୟ-ପାନୀୟ, ପୋଷାକ-ପରିଧାନ ସଂସ୍କୃତି ଓ ପରମ୍ପରାକୁ ପୁନଶ୍ଚ ବିଶ୍ୱବିଦିତ କରିବା ଲକ୍ଷ୍ୟରେ ଚଳିତ ବର୍ଷ (୨୦୨୬) ମଧ୍ୟ ଏପ୍ରିଲ ୧ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ଦୀର୍ଘ ୧୪ ଦିନ ଧରି ଓଡ଼ିଶାର ପ୍ରତ୍ୟେକ ଜିଲ୍ଲା ଠାରୁ ଆରମ୍ଭ କରି ରାଜଧାନୀ ଭୁବନେଶ୍ୱର ପର୍ଯ୍ୟନ୍ତ "ଓଡ଼ିଆ ପକ୍ଷ" ଭବ୍ୟତାର ସହ ପାଳନ କରାଯିବ। ଏହି ଅବସରରେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ ମଧ୍ୟ କରାଯିବ। ଏନେଇ ଆଜି ସାମ୍ବାଦିକ ସମ୍ମିଳନୀରେ ସୂଚନା ପ୍ରଦାନ କରିଛନ୍ତି ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ।

ସଂସ୍କୃତି ମନ୍ତ୍ରୀ କହିଛନ୍ତି ଯେ, ଚଳିତ ବର୍ଷ ଓଡ଼ିଆ ପକ୍ଷକୁ ଭବ୍ୟତାର ସହ ଆୟୋଜନ କରାଯିବ। ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ପକ୍ଷରୁ ପ୍ରତ୍ୟେକ ଦିନ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯିବ। ଏପ୍ରିଲ ୧ରେ ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ରାଜ୍ୟର ପ୍ରତିଷ୍ଠା ଦିବସ "ଓଡ଼ିଶା ଦିବସ"ପାଳନ କରାଯିବ। ୨ତାରିଖରେ ବିଦ୍ୟାଳୟରେ ଶିଶୁ ବାଟିକା ଓ ପ୍ରଥମ ଶ୍ରେଣୀରେ ନାମ ଲେଖାଇବାକୁ ଯାଉଥିବା ଶିଶୁ ଛାତ୍ରଛାତ୍ରୀମାନଙ୍କ ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଆନୁକୂଲ୍ୟରେ"ଖଡ଼ିଛୁଆଁ ଦିବସ"ପାଳନ କରାଯିବ। ୩ତାରିଖରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଆନୁକୂଲ୍ୟରେ ପାରମ୍ପରିକ ପୋଷାକ ପରିଧାନ - "ଆମ ପୋଷାକ ଆମ ପରିଚୟ ଦିବସ", ୪ରେ ଓଡ଼ିଆରେ ନାମ ଫଳକ ଲେଖିବା ପାଇଁ "ଓଡ଼ିଆରେ ନାମ ଫଳକ ଲେଖା ଅଭିଯାନ" ପଦଯାତ୍ରା ଆୟୋଜନ କରାଯିବ। ସେହିପରି ୫ତାରିଖରେ ଫିଟ୍ ଇଣ୍ଡିଆ ଓ ଫିଟ୍ ଓଡ଼ିଶାର ଲକ୍ଷ୍ୟକୁ ନେଇ କ୍ରୀଡ଼ା ଓ ଯୁବସେବା ଏବଂ ଉଚ୍ଚଶିକ୍ଷା ବିଭାଗ ଆନୁକୂଲ୍ୟରେ ରାଜ୍ୟର ଐତିହ୍ୟ ସ୍ଥଳୀ ନିକଟରେ "ଐତିହ୍ୟ ଗଣଦୌଡ଼" କାର୍ଯ୍ୟକ୍ରମ ଆୟୋଜନ କରାଯିବ। ୬ତାରିଖରେ ରାଜ୍ୟର ବିଭିନ୍ନ ଦେବାଳୟ ଠାରୁ ଆରମ୍ଭ କରି ସାର୍ବଜନୀନ ସ୍ଥାନ ମାନଙ୍କରେ "ସ୍ୱଚ୍ଛତା ଅଭିଯାନ" କାର୍ଯ୍ୟକ୍ରମ, ୭ରେ "ଶିଶୁକଥା ଦିବସ", ୮ରେ "ରକ୍ତଦାନ ଅଭିଯାନ", ୯ତାରିଖରେ "ଆସ ବହିଟିଏ କିଣିବା ଅଭିଯାନ", ୧୦ତାରିଖରେ "ଲୋକକଳା ପାଇଁ ଦିନଟିଏ", ୧୧ତାରିଖରେ "ଅମୃତପିଢ଼ି ସମାରୋହ", ୧୨ତାରିଖରେ "ବନ୍ଦନୀୟ ବରପୁତ୍ର", ୧୩ତାରିଖରେ "ଆମ ରୁଚି ଆମ ଖାଦ୍ୟ ଦିବସ" ଓ ୧୪ତାରିଖ "ଓଡ଼ିଆ ନବବର୍ଷ" ପାଳନ କରାଯିବ। ଓଡ଼ିଆ ପକ୍ଷ-୨୦୨୬ ୱେବସାଇଟ୍ ଏବଂ ଆପ୍ ରେ ଓଡ଼ିଆ ପକ୍ଷ ପାଳନ ସମ୍ବନ୍ଧୀୟ ସମସ୍ତ ବିବରଣୀ ପ୍ରଦାନ କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର କମିଶନର ତଥା ଶାସନ ସଚିବ ରଶ୍ମିତା ପଣ୍ଡା, ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ, ଅତିରିକ୍ତ ଶାସନ ସଚିବ ଶ୍ରୀମତୀ ସ୍ମିତା ମହାନ୍ତି, ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡ଼. ଚନ୍ଦ୍ର ଶେଖର ହୋତା ପ୍ରମୁଖ ଉପସ୍ଥିତ ଥିଲେ।

# ଜାତୀୟ ରାଜପଥରୁ ୧୦ ଲକ୍ଷ ଟଙ୍କାର ସାଇଡ ବାଡ କାଟିନେଲେ ଚୋର

କେନ୍ଦ୍ରାପଡା,(ସବ୍ୟୁ) : ଚଣ୍ଡିଖୋଲ ଠାରୁ ପାରାଦ୍ୱୀପ ଜାତୀୟ ରାଜପଥ ସଂପ୍ରସାରଣ କାର୍ଯ୍ୟ ଚାଲୁ ରହିଥିବା ବେଳେ ଚଣ୍ଡିଖୋଲ ଠାରୁ ପାରାଦ୍ୱୀପ ପର୍ଯ୍ୟ" ସଂପ୍ରସାରଣ କାର୍ଯ୍ୟ ପ୍ରାୟ ଶେଷ ହୋଇଥିବା ବେଳେ ଜାତୀୟ ରାଜ ପଥର ଗାଡିର ସୁରକ୍ଷା ପାଇଁ ଉଭୟ ପାଶ୍ୱର୍ରେ ମୂଲ୍ୟବାନ କାଷ୍ଟ ଆଇରନ ର ବାଡ ଦିଆଯାଇ ଥାଏ। ଶନିବାର ରାତିରେ ପ୍ରାୟ ୧ କିମି ସାଇଡ ବାଡ ଓଲଡି ଓ ଅଁଳାବାଙ୍କରେ ଲଗା ଯାଇଥିବା ସାଇଡ ବାଡକୁ ଚୋରମାନେ ରବିବାର ବିଳମ୍ବିତ ରାତିରେ କାଟି ନେଇଥିବା ଜିଲ୍ଲା ଆରକ୍ଷୀ ଅଧିକ୍ଷକ, ଡେରାବୀଶ ଥାନାରେ ଅଭିଯୋଗ ହୋଇଛି। ଗତ ମାସକ ତଳେ ଏହି ସ୍ଥାନରୁ ଚୋରମାନେ ସାଇଡ ବାଡ କାଟି ନେଇ ଯାଇଥିଲେ। ରାତ୍ର ସମୟରେ ଥାନା ଦ୍ୱାରା ଜାତୀୟ ରାଜପଥ ରେ ପେଟ୍ରୋଲିଂ ହେଉ ନଥିବାରୁ ଜାତୀୟ ରାଜପଥ ଲୁଟେରା ସକ୍ରୀୟ ହୋଇ ଚୋରୀ କରୁଥିବା ଅଭିଯୋଗ ହେଉଛି।

### ହାଇଟେକ୍ ମେଡିକାଲ କଲେଜ ପରିସରରେ

# ନୂତନ ପ୍ରତିରୋପଣ ୟୁନିଟ୍ ଓ ଅତ୍ୟାଧୁନିକ ଏକ୍ସ-ରେ ମେସିନ୍ ଉଦ୍‌ଘାଟିତ

ଭୁବନେଶ୍ୱର (ସବ୍ୟୁ): ହାଇଟେକ୍ ମେଡିକାଲ କଲେଜ ଏବଂ ହସ୍ପିଟାଲ ପକ୍ଷରୁ ନୂତନ ପ୍ରତିରୋପଣ ବିଭାଗର ଶୁଭାରମ୍ଭ କରାଯିବା ସହ ଅତ୍ୟାଧୁନିକ ଏକ୍ସରେ ମେସିନ୍ ଲୋକାର୍ପଣ କରାଯାଇଛି। ମେଡିକାଲ କଲେଜ୍ ଓ ହସ୍ପିଟାଲ ପରିସରରେ ଏକ ଭବ୍ୟ କାର୍ଯ୍ୟକ୍ରମରେ ନୂତନ ପ୍ରତିରୋପଣ ୟୁନିଟ୍ ଓ ଅତ୍ୟାଧୁନିକ ୮୦୦ ଏମ୍‌ଏ ଡିଆରଏଫ୍ ଏକ୍ସରେ ମେସିନ୍‌କୁ ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧକ୍ଷ ଡକ୍ଟର ତିରୁପତି ପାଣିଗ୍ରାହୀଙ୍କ ଦ୍ୱାରା ଏହି ନୂତନ ସେବା ଗୁଡ଼ିକର ଲୋକାର୍ପଣ କରାଯାଇଛି। ହସ୍ପିଟାଲର ଦ୍ୱିତୀୟ ମହଲାରେ ଅତ୍ୟାଧୁନିକ ଟ୍ରାନ୍ସପ୍ଲାଣ୍ଟ ୟୁନିଟ୍ ଏବଂ ଗ୍ରାଉଣ୍ଡ ଫ୍ଲୋରରେ ଅତ୍ୟାଧୁନିକ ଏକ୍ସରେ ମେସିନ୍ ଲୋକାର୍ପଣ କରାଯାଇଛି। ଏହାଦ୍ୱାରା ରୋଗୀମାନେ ଉନ୍ନତ ଚିକିତ୍ସା ସୁବିଧା ପାଇବେ। ଅତ୍ୟାଧୁନିକ ପ୍ରତିରୋପଣ ବିଭାଗରେ ବହୁ ଜଟିଳ ରୋଗର ଚିକିତ୍ସା ସହ ମାନବ ଅଙ୍ଗ ପ୍ରତିରୋପଣ କରାଯାଇପାରିବ। ଏହା ସହିତ



ଡର୍ମାଟୋଲୋଜି ଏବଂ ଜେନେରାଲ ସର୍ଜରୀ ବିଭାଗର ସଂପ୍ରସାରିତ କୋଠା ମଧ କାର୍ଯ୍ୟକ୍ଷମ ହୋଇଛି। ଏହି ଅତ୍ୟାଧୁନିକ ବ୍ୟବସ୍ଥା ଦ୍ୱାରା ରୋଗୀମାନେ ଅତି କମ୍ ଖର୍ଚ୍ଚରେ ଉନ୍ନତମାନର ଚିକିତ୍ସା ପାଇପାରିବେ ଏବଂ ଅଙ୍ଗ ପ୍ରତିରୋପଣ ସୁବିଧା ପାଇପାରିବେ ବୋଲି ଅଧକ୍ଷ ଡକ୍ଟର ତିରୁପତି ପାଣିଗ୍ରାହୀ କହିଛନ୍ତି। ଉଦ୍‌ଘାଟନ ଉତ୍ସବରେ ମ୍ୟାନେଜିଂ ଟ୍ରଷ୍ଟି ସୁରେଶ ପାଣିଗ୍ରାହୀ, ନିର୍ଦ୍ଦେଶିକା ମଧୁସ୍ମିତା ତ୍ରିପାଠୀ, ପ୍ରଫେସର ରବିନ୍ଦ୍ରନାଥ ବେହେରା, ସିଓଓ ଡାକ୍ତର ଜ୍ୟୋର୍ତିମୟୀ ପଣ୍ଡାଙ୍କ ସମେତ ସମସ୍ତ ଡାକ୍ତର ଓ ବିଭାଗୀୟ ଅଧିକାରୀ କର୍ମଚାରୀ ଉପସ୍ଥିତ ଥିଲେ।

# ଇସ୍ରାଏଲର ପଛଘୁଞ୍ଚା, ଏକୁଟିଆ ହୋଇଗଲେ ଟ୍ରମ୍ପ

ଜେରୁଜେଲମ : ଇରାନ ସହିତ ଚାଲିଥିବା ଯୁଦ୍ଧ ମଧ୍ୟରେ ଇସ୍ରାଏଲ ଆମେରିକାକୁ ଏକ ଶକ୍ତ ଧକ୍କା ଦେଇଛି। ଇସ୍ରାଏଲ କହିଛି, ଆମର ସେନା ସ୍ଥଳ ଅଭିଯାନ ପାଇଁ ଇରାନ ଯାତ୍ରା କରିବେ ନାହିଁ। ଇସ୍ରାଏଲୀ ଗଣମାଧ୍ୟମ ଅନୁସାରେ, ନିଜ ସୀମାରେ ସୁରକ୍ଷା ବଜାୟ ରଖିବା ଏବଂ ଦକ୍ଷିଣ ଲେବାନନରେ ହେଜବୁଲ୍ଲା ବିରୋଧରେ ଅଭିଯାନ ଉପରେ ଧ୍ୟାନ ଦେବା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି। ଇସ୍ରାଏଲ କହିଛି, ଆମର ବାୟୁ ଏବଂ ସମୁଦ୍ର ଅଭିଯାନ ଜାରି ରଖିବ, କିନ୍ତୁ ଇରାନରେ ସ୍ଥଳ ଆକ୍ରମଣ କରିବୁ ନାହିଁ। ଏହି ନିଷ୍ପତ୍ତି ସ୍ଥଳ ଅଭିଯାନର ସମ୍ପୂର୍ଣ୍ଣ ଭାର ଆମେରିକା ଉପରେ ଲଦିପାରେ, ଏବଂ ଏହି ପଦକ୍ଷେପକୁ ଆମେରିକା ପାଇଁ ଏକ ବଡ଼ ଝଟକା ଭାବରେ ଦେଖାଯାଉଛି। ଇସ୍ରାଏଲ ଗଣମାଧ୍ୟମର ଏକ ରିପୋର୍ଟ ଅନୁଯାୟୀ, ଯଦି ଆମେରିକା



ଇରାନ ବିରୋଧରେ ସ୍ଥଳ ଅଭିଯାନ ଆରମ୍ଭ କରେ, ତେବେ ଏକୁଟିଆ ଏହି ମିଶନ କରିବାକୁ ପଡିବ। ତେବେ ଇସ୍ରାଏଲ ଆମେରିକାକୁ ବୈଷୟିକ ସହାୟତା କିମ୍ବା ଗୁପ୍ତଚର ସହାୟତା ଯୋଗାଇଦେବ କି ନାହିଁ ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ।

ଅନ୍ୟପକ୍ଷରେ, ଆମେରିକା-ଇସ୍ରାଏଲ ଆକ୍ରମଣର ପ୍ରତିଶୋଧ ସ୍ୱରୂପ, ଇରାନ ମଧ୍ୟ ଆକ୍ରମଣକୁ ଜୋରଦାର କରିଛି। ମଧ୍ୟପ୍ରାଚ୍ୟରେ ଫସି ରହିଥିବା କିମ୍ବା କାମ କରୁଥିବା ଭାରତୀୟମାନେ ଯୁଦ୍ଧ ଯୋଗୁ ସମସ୍ୟାରେ ପଡ଼ିଛନ୍ତି। କୁଏତର ଶକ୍ତି ଏବଂ ଜଳ ଡିସାଲିନେସନ୍ ପ୍ଲାଣ୍ଟ ଉପରେ ଇରାନ ପକ୍ଷରୁ ହୋଇଥିବା ଆକ୍ରମଣରେ ଜଣେ ଭାରତୀୟଙ୍କ ମୃତ୍ୟୁ ଘଟିଛି। କୁଏତର ବିଦ୍ୟୁତ୍, ଜଳ ଏବଂ ନବୀକରଣୀୟ ଶକ୍ତି ମନ୍ତ୍ରାଳୟ ସୋମବାର ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ପୋଷ୍ଟରେ କହିଛି ଯେ, ରବିବାର ସନ୍ଧ୍ୟାରେ ଇରାନ ପକ୍ଷରୁ କୁଏତର ଏକ ବିଦ୍ୟୁତ୍ ଏବଂ ଜଳ ଡିସାଲିନେସନ୍ ପ୍ଲାଣ୍ଟ ଥିବା ଏକ ସର୍ଭିସ୍ ବିଲ୍ଡିଂ ଉପରେ ଆକ୍ରମଣ କରାଯାଇଥିଲା, ଯାହା ଫଳରେ ଜଣେ ଭାରତୀୟ କର୍ମଚାରୀଙ୍କ ମୃତ୍ୟୁ ହେବା ସହ କୋଠାଟି କ୍ଷତିଗ୍ରସ୍ତ ହୋଇଥିଲା। ମନ୍ତ୍ରାଳୟର ମୁଖପାତ୍ର ଇଞ୍ଜିନିୟର ଫାତିମା ଆବାସ ଜୌହର ହାୟାତ କହିଛନ୍ତି, ଆକ୍ରମଣରେ ବିଦ୍ୟୁତ୍ ଏବଂ ଜଳ କାରଖାନାର ମଧ୍ୟ ବହୁ କ୍ଷତି ହୋଇଛି। ମଧ୍ୟପ୍ରାଚ୍ୟରେ ଚାଲିଥିବା ସଂଘର୍ଷରେ ଏହା ପ୍ରଥମ ଭାରତୀୟଙ୍କ ମୃତ୍ୟୁ ନୁହେଁ। ପୂର୍ବରୁ ଅନେକ ଭାରତୀୟ ଆକ୍ରମଣରେ ପ୍ରାଣ ହରାଇଛନ୍ତି। ଗତ ଶୁକ୍ରବାର ଦିଲ୍ଲୀରେ ଏକ ଆନ୍ତଃମନ୍ତ୍ରାଳୟ ବ୍ରିଫିଂ ସମୟରେ, ଉପସାଗରୀୟ ଦେଶଗୁଡ଼ିକର ଅତିରିକ୍ତ ସଚିବ ଅସୀମ ମହାଜନ କହିଥିଲେ ଯେ, ପଶ୍ଚିମ ଏସିଆରେ ଚାଲିଥିବା ସଂଘର୍ଷ ଏବଂ ଉଭୟ ପକ୍ଷର ଆକ୍ରମଣ ମଧ୍ୟରେ ପୃଥକ ପୃଥକ ଘଟଣାରେ ସାତ ଜଣ ଭାରତୀୟଙ୍କ ମୃତ୍ୟୁ ହୋଇଛି ଏବଂ ଜଣେ ଏପର୍ଯ୍ୟନ୍ତ ନିଖୋଜ ଅଛନ୍ତି। ଆଜିର ଘଟଣା ସହିତ, ମୃତ୍ୟୁ ସଂଖ୍ୟା ଆଠରେ ପହଞ୍ଚିଛି।

# ଡିଜିଟାଲ୍ ଷ୍ଟ୍ରାଇକ୍ : ୮୩ ହଜାର ହ୍ୱାଟସଆପ୍ ଆକାଉଣ୍ଟ ଠପ୍

ନୂଆଦିଲ୍ଲୀ : ବର୍ଦ୍ଧିତ ଡିଜିଟାଲ୍ ଆରେଷ୍ଟ ଏବଂ ନିବେଶ ଠକେଇ ଉପରେ ଏକ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି, ଗୃହ ମନ୍ତ୍ରଣାଳୟର ସାଇବର ଶାଖା ଭାରତୀୟ ସାଇବର ଅପରାଧ ସମନ୍ୱୟ କେନ୍ଦ୍ର ସାଇବର ଅପରାଧୀଙ୍କ ବିରୋଧରେ ଏକ ବଡ଼ ଧରଣର ଡିଜିଟାଲ୍ ଷ୍ଟ୍ରାଇକ୍ ଆରମ୍ଭ କରିଛନ୍ତି। ସୂତ୍ର ଅନୁସାରେ, ସାଇବର ଶାଖା ୨୦୨୫ ଆରମ୍ଭରୁ ୩,୯୭୨ ସ୍କାଇପ୍ ଆଇଡି ଏବଂ ୮୩,୮୬୭ ହ୍ୱାଟ୍ସଆପ୍ ଆକାଉଣ୍ଟକୁ ଅବରୋଧ କରାଯାଇଛି। ସେସବୁ ଠକେଇ ମାମଲାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା। ଏହା ସହିତ ଜାତୀୟ ସାଇବର ଅପରାଧ ରିପୋର୍ଟିଂ ପୋର୍ଟାଲ (ଏନ୍ସିଆର୍ପି) ସିଷ୍ଟମ ମାଧ୍ୟମରେ ଚିହ୍ନଟ ହୋଇଥିବା ୮.୪୫ ଲକ୍ଷ ସିମ୍ କାର୍ଡ ଏବଂ ୨.୩୯ ଲକ୍ଷ ମୋବାଇଲ୍ ଆଇଏମ୍ଇଆଇ ନମ୍ବରକୁ ଅବରୋଧ କରାଯାଇଛି। ଦୂରସଂଚାର ବିଭାଗ (ଡିଓଟି), ପୁଲିସ ବାହିନୀ ଏବଂ ଦୂରସଂଚାର ସେବା ପ୍ରଦାନକାରୀଙ୍କ ସମନ୍ୱୟରେ କରାଯାଇଥିବା ଏହି ଉଚ୍ଚ-ଅକ୍ଟେନ୍ ଅପରେସନ୍, ଠକମାନଙ୍କ ଦ୍ୱାରା ବ୍ୟବହୃତ ଡିଜିଟାଲ୍



ଭିତ୍ତିଭୂମିକୁ ବଡ଼ ପରିମାଣରେ ନିରପେକ୍ଷ କରିବାରେ ସଫଳ ହୋଇଛି। ଅନଲାଇନ୍ ଠକେଇର ଇକୋସିଷ୍ଟମକୁ ଭାଙ୍ଗିବା ପାଇଁ, ମନ୍ତ୍ରଣାଳୟ ୮୨୭ଟି କ୍ଷତିକାରକ ମୋବାଇଲ୍ ଆପ୍ଲିକେସନ୍ ବ୍ଲକ୍ କରିଛି ଏବଂ ୧.୧୧ ଲକ୍ଷରୁ ଅଧିକ ସନ୍ଦିଗ୍ଧ ଅନଲାଇନ୍ ବିଷୟବସ୍ତୁକୁ ହଟାଇବା କିମ୍ବା ବ୍ଲକ୍ କରିବା ପାଇଁ ସହଯୋଗ ପୋର୍ଟାଲ୍ ବ୍ୟବହାର କରିଛି। ଅପରାଧିକ କାର୍ଯ୍ୟକଳାପରେ ବ୍ୟବହୃତ ଡିଭାଇସ୍ ଏବଂ ପ୍ରମାଣପତ୍ରଗୁଡ଼ିକୁ ଫ୍ରିଜ୍ କରିବା ପାଇଁ ଏକ ରିଅଲ୍-ଟାଇମ୍ ମେକାନିଜିମ୍ କାର୍ଯ୍ୟକାରୀ କରି, ଗୃହ ମନ୍ତ୍ରଣାଳୟ ନାଗରିକମାନଙ୍କୁ ସାଇବର ସିଣ୍ଡିକେଟ୍ ଦ୍ୱାରା ସଂଗଠିତ ଆର୍ଥିକ ଏବଂ ମାନସିକ ଶୋଷଣର ବୃଦ୍ଧି ପାଉଥିବା ବିପଦରୁ ରକ୍ଷା କରିବା ଲକ୍ଷ୍ୟ ରଖିଛି।

# ମିନ୍ ଅଙ୍ଗ ହ୍ଲାଇଙ୍ଗ ହେବେ ମିଆଁମାର ରାଷ୍ଟ୍ରପତି !



ନାପିଦ୍ୱ : ଭାରତର ପଡ଼ୋଶୀ ଦେଶ ମିଆଁମାରରେ, ଜୁଣ୍ଟା ମୁଖ୍ୟ ମିନ୍ ଅଙ୍ଗ ହ୍ଲାଇଙ୍ଗ ସର୍ବୋଚ୍ଚ ନେତା, ଅର୍ଥାତ୍ ଏକଛତ୍ରବାଦୀ ଶାସକ ହେବାକୁ ଯାଉଛନ୍ତି। ସାଧାରଣ ନିର୍ବାଚନ ପରେ ମିଆଁମାର ସଂସଦ ରାଷ୍ଟ୍ରପତି ଚୟନ ପ୍ରକ୍ରିୟା ଆରମ୍ଭ କରିଛି। ମିନ୍ ଅଙ୍ଗ ହ୍ଲାଇଙ୍ଗ ରାଷ୍ଟ୍ରପତି ଭାବେ ନିର୍ବାଚିତ ହେବେ। ସୋମବାର ମିନ୍ ଅଙ୍ଗ ହ୍ଲାଇଙ୍ଗଙ୍କୁ ରାଷ୍ଟ୍ରପତି ନିର୍ବାଚନ ପାଇଁ ମନୋନୀତ କରାଯାଇଛି। ଅଙ୍ଗ ସମର୍ଥିତ ରାଜନୈତିକ ଦଳ ମିଆଁମାରରେ ବହୁମତ ହାସଲ କରିଛି। ୨୦୧୧ ମସିହାରୁ ସେନାମୁଖ୍ୟ ପଦରେ ଥିବା ମିନ୍ ଅଙ୍ଗ ସାନ୍ ସୁ କି ଏବେ ଆଇନଗତ ଭାବରେ ମିଆଁମାରକୁ ନିୟନ୍ତ୍ରଣ କରିବାକୁ ଚାହୁଁଛନ୍ତି। ମିଆଁମାର ନିକଟରେ ଦଳୀୟ ନିର୍ବାଚନ କରିଥିଲା। ମିନ୍ ଅଙ୍ଗ ସାନ୍ ସୁ କୀଙ୍କ ୟୁନିଅନ୍ ସଲିଡାରିଟି ଆଣ୍ଡ ଡେଭଲପମେଣ୍ଟ ପାର୍ଟି ଏହି ନିର୍ବାଚନରେ ବିଜୟୀ ହୋଇଥିଲା। ରୋହିଙ୍ଗ୍ୟାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପରେ, ମିନ୍ ଅଙ୍ଗ ସାନ୍ ସୁ କୀଙ୍କ ପ୍ରଭାବ ମିଆଁମାରରେ ବୃଦ୍ଧି ପାଇଥିଲା। ୨୦୨୧ ମସିହାରେ, ସାମରିକ ବାହିନୀ ଅଙ୍ଗ ସାନ୍ ସୁ କୀଙ୍କ ନିର୍ବାଚିତ ସରକାରକୁ କ୍ଷମତାଚ୍ୟୁତ କରିଥିଲା। ଏହି ବିଦ୍ରୋହର ଏକ ଅଂଶ ଭାବରେ ସୁ କି ଏବଂ ମିଆଁମାର ରାଷ୍ଟ୍ରପତିଙ୍କୁ ଗିରଫ କରାଯାଇଥିଲା। ସୁ କି ବର୍ତ୍ତମାନ ଜେଲ୍ରେ ଅଛନ୍ତି। ଏହା ପରେ, ମିନ୍ ଅଙ୍ଗ ସାନ୍ ସୁ କି ଏକ ସାମରିକ ସରକାର ଘୋଷଣା କରିଥିଲେ। ଯାହାକୁ ଜୁଣ୍ଟା କୁହାଯାଉଛି। ମିନ୍ ଅଙ୍ଗ ସାନ୍ ସୁ କିଙ୍କ ଉପରେ ଚାପ ବଢ଼ିବାରୁ, ସେ ୨୦୨୫ ଶେଷ ଭାଗରେ ନିର୍ବାଚନ ଆୟୋଜନ କରିବାକୁ ବ୍ୟବସ୍ଥା କରିଥିଲେ।

# ନକ୍ସଲବାଦର ବିଲୋପ : ଦମ୍ଭୋକ୍ତି ଦେଖାଇଲେ ଶାହ

ନୂଆଦିଲ୍ଲୀ : ଲୋକସଭାରେ ଆଜି ଗର୍ଜିଛନ୍ତି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ। ତାଙ୍କ କହିବା କଥା ଯେ ନକ୍ସଲ ବାଦ ଏବେ ତା'ର ଶେଷନିଃଶ୍ୱାସ ନେଉଛି। ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାର ଯୋଗୁ ଛତିଶଗଡ଼ର ବସ୍ତରରୁ ଏହା ପ୍ରାୟ ପୋଛି ହେବାକୁ ବସିଥିବା ସେ ଦାବି କରିଛନ୍ତି। ଦେଶକୁ ନକ୍ସଲ ମୁକ୍ତ କରିବାକୁ ଶ୍ରୀ ଶାହ ମାର୍ଚ୍ଚ ୩୧ ଡେଡଲାଇନ ରଖିଛନ୍ତି। ଆସନ୍ତାକାଲି ଏହି ଅବଧି ପୂରଣ ହେବାକୁ ଯାଉଥିବା ବେଳେ ଆଜି ଲୋକସଭାରେ ସେ ବିବୃତି ରଖିଛନ୍ତି। ଏଥିସହ ବିରୋଧୀ କଂଗ୍ରେସକୁ ସେ ସମାଲୋଚନା କରିବାକୁ ଆଦୌ ପଛାଇ ନାହାନ୍ତି। ସରକାରଙ୍କ ପଦକ୍ଷେପ ସମ୍ପର୍କରେ ଅମିତ ଶାହ କହିଛନ୍ତି ଯେ ବସ୍ତର ଏବେ ବିକାଶର ମାର୍ଗରେ ରହିଛି। ଏଥିପାଇଁ ସେ ସୁରକ୍ଷାକର୍ମୀ, ରାଜ୍ୟ ପୁଲିସ୍ ଓ ସ୍ଥାନୀୟ ଆଦିବାସୀ ସଂପ୍ରଦାୟକୁ ଶ୍ରେୟ ଦେଇଛନ୍ତି। କଂଗ୍ରେସକୁ ଟାର୍ଗେଟ କରି ସେ ଅଭିଯୋଗ କରିଛନ୍ତି ଯେ ନକ୍ସଲ ପ୍ରଭାବିତ ଅଞ୍ଚଳକୁ ମିଳିଥିବା ପ୍ରତିଶ୍ରୁତିକୁ ପୂରଣ କରିବାରେ ୟୁପିଏ ସରକାର ବିଫଳ ହୋଇଥିଲା। ସେହିପରି ବିକାଶ ହେଉ ନଥିବାରୁ ଏହା ବିଦ୍ରୋହର ବହ୍ନିକୁ ଜନ୍ମ ଦେଉଥିବା ଯୁକ୍ତିକୁ ଖଣ୍ଡନ କରି ନକ୍ସଲବାଦ ବିଚାରଧାରା ଯୋଗୁ ଜାରି ରହିଥିବା ସେ କହିଛନ୍ତି। ସେ କହିଛନ୍ତି, "ନକ୍ସଲବାଦର ମୂଳ ଆଦୌ ବିକାଶ ପାଇଁ ହେଉଥିବା ଦାବି ନୁହେଁ। ଏହା ଏମିତି ଏକ ବିଚାରଧାରା ଯାହାକୁ ଇନ୍ଦିରା ଗାନ୍ଧି ୧୯୭୦ ମସିହା ରାଷ୍ଟ୍ରପତି ନିର୍ବାଚନ ଜିତିବା ପାଇଁ ଆପଣାଇଥିଲେ। ସେହି ବାମପନ୍ଥୀ ବିଚାରଧାରା ଯୋଗୁ ନକ୍ସଲବାଦ ବିସ୍ତାର ହୋଇଥିଲା। ବିରୋଧୀ ଦଳଗୁଡ଼ିକ ନକ୍ସଲ ତତ୍ତ୍ୱକୁ ସହାନୁଭୂତି ଦେଖାଉଛନ୍ତି। ଯେଉଁମାନେ ନକ୍ସଲମାନଙ୍କ ପାଇଁ କହୁଛନ୍ତି, ସେମାନେ ଥରେ ନିଜ ଅନ୍ତର ଆତ୍ମାକୁ ଶୁଣନ୍ତୁ। କାହିଁକି ସେମାନେ ୧୯୭୦ ପରଠାରୁ ଏହାକୁ ସମାପ୍ତ କରିପାରୁ ନଥିଲେ?" ଇତିହାସ ବିଷୟବସ୍ତୁକୁ ମନେପକାଇ ଶ୍ରୀ ଶାହ କହିଛନ୍ତି ଆଦିବାସୀ ସଂପ୍ରଦାୟ ଏକଦା ବିର୍ସା ମୁଣ୍ଡା, ତିଳକ ମାଞ୍ଝୀ ଓ ରାଣୀ ଦୁର୍ଗାବତୀଙ୍କ ଦ୍ୱାରା ଅନୁପ୍ରାଣୀତ ହେଉଥିଲେ। ହେଲେ ନୀତିଗତ ତାରତମ୍ୟ ଯୋଗୁ ସେମାନେ ମାଓବାଦୀ ବିଚାରଧାରା ଆଡ଼କୁ ଯାଇଥିଲେ। ବାସ୍ତବରେ ସରକାର କେବେ ହେଲେ ସେମାନଙ୍କ ପାଖରେ ପହଞ୍ଚି ପାରି ନଥିଲା। ଆଦିବାସୀଙ୍କ ମଧ୍ୟରେ ଗୋଟିଏ ମିଥ୍ୟା ତଥ୍ୟର ପ୍ରଚାର ଚାଲିଥିଲା। ଶାହଙ୍କ କହିବା କଥା ମାଓବାଦୀ ହିଂସା ପ୍ରାୟ ୨୦ ହଜାର ଯୁବଗୋଷ୍ଠୀର ଜୀବନ ନେଇଛି ଓ ପ୍ରାୟ ୧୨୦ ମିଲିୟନ ଲୋକଙ୍କୁ ପ୍ରଭାବିତ କରିଛି। କଂଗ୍ରେସ ଶାସନର ବିଫଳତା ଯୋଗୁ ଆଦିବାସୀ ଓ ଅନ୍ୟ ସଂପ୍ରଦାୟର ଲୋକମାନେ



ବଞ୍ଚିତ ହୋଇ ରହିଥିଲେ ବୋଲି ସେ ଅଭିଯୋଗ କରିଛନ୍ତି। ଛତିଶଗଡ଼, ଝାରଖଣ୍ଡ, ଓଡ଼ିଶା, ମହାରାଷ୍ଟ୍ର ଭଳି ୧୨ଟି ରାଜ୍ୟ ଏକଦା ଲାଲ ଗଡ଼ ଭାବେ ପରିଚିତ ଥିଲା। ଯେଉଁଠାରେ ମାଟିର ଆଇନ ଶେଷ ହୋଇଯାଇଥିଲା। କୋଟି କୋଟି ଲୋକ ଗରିବ ହୋଇ ରହିଥିଲେ ଓ ହଜାର ହଜାର ଯୁବ ଜୀବନ ଶେଷ ହୋଇଯାଇଥିଲା ବୋଲି ମଧ୍ୟ ସେ କହିଛନ୍ତି। ଶ୍ରୀ ଶାହ କହିଛନ୍ତି, "୭୫ ବର୍ଷ ମଧ୍ୟରୁ କଂଗ୍ରେସ ପ୍ରାୟ ୬୦ ବର୍ଷ ଶାସନ କରିଛି। କାହିଁକି ଆଦିବାସୀ ସଂପ୍ରଦାୟ ବଞ୍ଚିତ ହୋଇ ରହିଥିଲା? ପୂର୍ବତନ ପ୍ରଧାନମନ୍ତ୍ରୀ ଏକଦା କହିଥିଲେ ଯେ କଶ୍ମୀରରେ ଆତଙ୍କବାଦ ଓ ଉତ୍ତରପୂର୍ବରେ ଉଗ୍ରବାଦ ଠାରୁ ନକ୍ସଲ ବାଦ ବଡ଼ ବିପଦ ସୃଷ୍ଟି କରିଛି। ତଥାପି, କିଛି କରାଯାଇ ନଥିଲା। ଏବେ ଦେଶ ନକ୍ସଲ ମୁକ୍ତ ହେବା ସ୍ଥିତିରେ ରହିଛି। ନକ୍ସଲବାସ ବସ୍ତର ଅଞ୍ଚଳରୁ ଏକପ୍ରକାରର ମୂଳପୋଛ ହୋଇଛି। ଏବେ ଜନକଲ୍ୟାଣକାରୀ ଯୋଜନା ଉପାନ୍ତ ଅଞ୍ଚଳରେ ପହଞ୍ଚୁଛି। ପ୍ରତିଟି ଗାଁରେ ଗୋଟିଏ ଲେଖାଏ ଅଭିଯାନ ଆରମ୍ଭ ହୋଇଛି। ସ୍କୁଲ ତିଆରି ହେଉଛି, ରାସନ ଦୋକାନ ଖୋଲିଛି ଓ ହସ୍ପିଟାଲ ପ୍ରତିଷ୍ଠା କରାଯାଉଛି। ଲୋକଙ୍କ ପାଖରେ ଏବେ ଆଧାର ଓ ରାସନ କାର୍ଡ ରହିଛି। ଲୋକମାନେ ଖାଦ୍ୟ ଶସ୍ୟ ଓ ଏଲପିଜି ସିଲିଣ୍ଡର ପାଉଛନ୍ତି।" ଏସବୁ ତଥ୍ୟ ଉପସ୍ଥାପନ କରିବା ବେଳେ ଶ୍ରୀ ଶାହ କହିଛନ୍ତି, "ଏହା ନରେନ୍ଦ୍ର ମୋଦି ସରକାର। ଯିଏ ଅସ୍ତ୍ର ଉଠାଇବେ, ସେମାନଙ୍କୁ ସେହି ଅନୁସାରେ ଜବାବ ଦିଆଯିବ। ଗଣତନ୍ତ୍ରରେ ହିଂସାର ସ୍ଥାନ ନାହିଁ। ଆପଣ କେବେ ହେଲେ ସମ୍ବିଧାନକୁ ପରିତ୍ୟାଗ କରିବ ଅସ୍ତ୍ର ଉଠାଇ ପାରିବେ ନାହିଁ। ଏହାକୁ କେବେ ହେଲେ ସହ୍ୟ କରାଯାଇ ପାରିବ ନାହିଁ।" ନକ୍ସଲମାନେ ବ୍ୟବହାର କରୁଥିବା ପ୍ରାୟ ୯୨% ଅସ୍ତ୍ରଶସ୍ତ୍ର ପୁଲିସ୍ ବାହିନୀରୁ ଲୁଟ କରିଥିଲେ। ଏବେ ଏସବୁରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ସୁରକ୍ଷାକର୍ମୀଙ୍କ ଅପରେସନ ଓ ବିକାଶମୂଳକ କାର୍ଯ୍ୟକ୍ରମକୁ ନକ୍ସଲବାଦ ହ୍ରାସ ପାଇଥିବା ସେ କହିଛନ୍ତି।

# ଏଲଇଟି ଆତଙ୍କବାଦୀକୁ ଗିରଫ କଲା ଦିଲ୍ଲୀ ପୁଲିସ

ନୂଆଦିଲ୍ଲୀ : ନିଷିଦ୍ଧ ଆତଙ୍କବାଦୀ ସଂଗଠନ ଲସ୍କର-ଏ-ତୈବା (ଏଲଇଟି)ର ଜଣେ ଆତଙ୍କବାଦୀକୁ ଦିଲ୍ଲୀ ପୁଲିସର ଏକ ସ୍ୱତନ୍ତ୍ର ଦଳ ଗିରଫ କରିଛି। ଆତଙ୍କବାଦୀର ନାମ ଶବିର ଅହମ୍ମଦ ଲୋନ୍। ଅଭିଯୁକ୍ତ ଜଣକ ମେଟ୍ରୋ ପୋଷ୍ଟର ମାମଲାରେ ଗିରଫ ହୋଇଥିବା ଲସ୍କର-ଏ-ତୈବା ମଡ୍ୟୁଲର ହ୍ୟାଣ୍ଡଲର ଥିଲା। ତଦନ୍ତରୁ ଜଣାପଡିଛି ଯେ, ସେ ବାଂଲାଦେଶରୁ ଭାରତ ବିରୋଧୀ କାର୍ଯ୍ୟକଳାପ କରୁଥିଲା। ଏହି ସମ୍ପୂର୍ଣ୍ଣ ନେଟୱାର୍କ ପାକିସ୍ତାନର ଗୁଇନ୍ଦା ସଂସ୍ଥା ଆଇଏସ୍ଆଇର ନିର୍ଦ୍ଦେଶରେ କାର୍ଯ୍ୟ କରୁଥିଲା।

ତଦନ୍ତକାରୀ ସଂସ୍ଥାଗୁଡ଼ିକ ଅନୁଯାୟୀ, ଶବିର ଲସ୍କର ମୁଖ୍ୟ ହାଫିଜ୍ ସଇଦ ଏବଂ ଜାକି-ଉର-ରେହମାନ ଲଖଭି ଭଳି ଆତଙ୍କବାଦୀଙ୍କ ସହ ସିଧାସଳଖ ସମ୍ପର୍କରେ ରହିଛି। ଏହି ମଡ୍ୟୁଲ୍ ପାକିସ୍ତାନର ଗୁଇନ୍ଦା ସଂସ୍ଥା, ଇଣ୍ଟର-ସର୍ଭିସେସ୍ ଇଣ୍ଟେଲିଜେନ୍ସ (ଆଇଏସ୍ଆଇ)ଠାରୁ ପାଣ୍ଠି ଏବଂ ସମର୍ଥନ ପାଉଥିଲା। ବାଂଲାଦେଶରୁ କାର୍ଯ୍ୟ କରୁଥିବା ଲୋନ୍ ଭାରତରେ ଯୁବବର୍ଗଙ୍କ ବ୍ରେନ୍ ୱାସ୍ କରି ଆତଙ୍କବାଦୀଙ୍କୁ ନିଯୁକ୍ତି କରୁଥିଲା। ଅବୈଧ



ବାଂଲାଦେଶୀ ନାଗରିକମାନଙ୍କୁ ଟାର୍ଗେଟ ଏବଂ ମୌଳବାଦୀ କରାଯାଉଥିଲା। ଏହାସହିତ, ସେମାନଙ୍କୁ ଜାଲ୍ ଆଧାର କାର୍ଡ ଯୋଗାଇ ଦେଇ ଭାରତରେ ଲୁଚାଇ ରଖାଯାଉଥିଲା। ଏନକ୍ରିପ୍ଟେଡ୍ ଆପ୍ ମାଧ୍ୟମରେ ଯୋଗାଯୋଗ ବଜାୟ ରଖାଯାଉଥିଲା। ଦିଲ୍ଲୀ ଏବଂ ଅନ୍ୟାନ୍ୟ ସହରରେ ଗୁପ୍ତଚରୀ କରାଯାଉଥିଲା। ୨୦୦୭ ମସିହାରେ, ଶବିରଙ୍କୁ ଦିଲ୍ଲୀ ପୁଲିସ ଅସ୍ତ୍ରଶସ୍ତ୍ର ସହିତ ଗିରଫ କରି ଅସ୍ତ୍ରଶସ୍ତ୍ର ଆଇନ ଅନୁଯାୟୀ ଦୋଷୀ ସାବ୍ୟସ୍ତ କରିଥିଲା। ପରେ ସେ ଜାମିନରେ ଆସି ବାଂଲାଦେଶ ପଳାଇ ଯାଇଥିଲା, ଯେଉଁଠାରେ ସେ ପୁଣି ଥରେ ନିଜର ଆତଙ୍କବାଦୀ ନେଟୱାର୍କ ଆରମ୍ଭ କରିଥିଲା। ତଦନ୍ତକାରୀ ଏଜେନ୍ସିଗୁଡ଼ିକ ଅନୁସାରେ ଏହି ମଡ୍ୟୁଲ୍ ଭାରତରେ ବଡ଼ ଆତଙ୍କବାଦୀ ଆକ୍ରମଣ ପାଇଁ ପ୍ରସ୍ତୁତି କରୁଥିଲା। ଯୋଜନା ଥିଲା ଲାଲକିଲ୍ଲା ଭଳି ସମ୍ବେଦନଶୀଳ ଅଞ୍ଚଳକୁ ଟାର୍ଗେଟ କରିବା।

ଗିରଫ ହେବା ସମୟରେ ଶବିର ଜମାତ-ଉଦ୍-ଦାୱା ମୁଖ୍ୟ ଆତଙ୍କବାଦୀ ହାଫିଜ୍ ସଇଦ ଏବଂ ତାଙ୍କ ଡେପୁଟି ଜାକି-ଉର-ରେହମାନ ଲଖଭିଙ୍କ ସହ ସିଧାସଳଖ ସମ୍ପର୍କ ରଖିଥିଲା। ସେ ପାକିସ୍ତାନର ମୁଜାଫରାବାଦରେ ଥିବା ଏଲଇଟି ଶିବିରରୁ ଦୌରା-ଏ-ଆମ ମୌଳିକ ତାଲିମ ଏବଂ ଦୌରା-ଏ-ଖାସ ଉନ୍ନତ ତାଲିମ ପାଇଥିଲେ। ଚଳିତବର୍ଷ ଫେବ୍ରୁଆରିରେ, ଦିଲ୍ଲୀ ପୁଲିସର ସ୍ୱତନ୍ତ୍ର ସେଲ୍ ଏକ ପ୍ରମୁଖ ଆତଙ୍କବାଦୀ ନେଟୱାର୍କର ପର୍ଦ୍ଦାଫାସ କରି ଆଠ ଜଣଙ୍କୁ ଗିରଫ କରିଥିଲା। ଏହି ବ୍ୟକ୍ତିମାନଙ୍କ ମଧ୍ୟରୁ ସାତ ଜଣ ବାଂଲାଦେଶୀ ନାଗରିକ ଥିଲେ ଯେଉଁମାନେ ଭାରତରେ ଅବୈଧ ଭାବରେ ରହୁଥିଲେ ଏବଂ ନକଲି ଆଧାର କାର୍ଡ ବ୍ୟବହାର କରି ନିଜର ପରିଚୟ ଲୁଚାଇ ରଖିଥିଲେ। ତଦନ୍ତରୁ ଜଣାପଡିଛି, ସମଗ୍ର ନେଟୱାର୍କ ବାଂଲାଦେଶରୁ କାର୍ଯ୍ୟ କରୁଥିଲା ଏବଂ ଏହାର ହ୍ୟାଣ୍ଡଲର ଥିଲେ ଶବିର ଅହମ୍ମଦ ଲୋନ୍। ଏହି ମଡ୍ୟୁଲ୍ ଦିଲ୍ଲୀ ଭଳି ହାଇ-ପ୍ରୋଫାଇଲ୍ ଅଞ୍ଚଳକୁ ଟାର୍ଗେଟ କରି ଭାରତରେ ବଡ଼ ଧରଣର ଆତଙ୍କବାଦୀ ଆକ୍ରମଣର ଷଡଯନ୍ତ୍ର ରଚିଥିଲା।

# ଚୀନରୁ ଉ. କୋରିଆକୁ ବିମାନ ସେବା ଆରମ୍ଭ

ବେଜିଂ : ସୋମବାର ଦିନ ଚୀନ୍ର ସରକାରୀ ବିମାନ କମ୍ପାନି ବେଜିଂ ଏବଂ ଉତ୍ତର କୋରିଆର ରାଜଧାନୀ ପ୍ୟୋଙ୍ଗୟାଙ୍ଗ ମଧ୍ୟରେ ସିଧାସଳଖ ବିମାନ ସେବା ପୁନଃ ଆରମ୍ଭ କରିଛି। ଚୀନ୍ର ସରକାରୀ ଗଣମାଧ୍ୟମ ଅନୁଯାୟୀ, ଏୟାର ଚାଇନା ବିମାନକୁ ଉତ୍ତର କୋରିଆରେ ଅବସ୍ଥାପିତ ଚୀନ୍ର ରାଷ୍ଟ୍ରଦୂତ ୱାଙ୍ଗ ୟାଜୁନ ଏବଂ ଅନ୍ୟ କୂଟନୀତିଜ୍ଞମାନେ ସ୍ୱାଗତ କରିଥିଲେ। ୨୦୨୦ ମସିହାରେ କରୋନାଭାଇରସ୍ ମହାମାରୀ ଆରମ୍ଭ ହେବା ପରଠାରୁ ଉତ୍ତର କୋରିଆକୁ ବିମାନ ଏବଂ ଯାତ୍ରୀବାହୀ ଟ୍ରେନ୍ ଚଳାଚଳ ବନ୍ଦ କରାଯାଇଥିଲା। ଉତ୍ତର କୋରିଆର ବିମାନ କମ୍ପାନି ଏୟାର କୋରିଓ ୨୦୨୩ ମସିହାରେ ଦୁଇ ରାଜଧାନୀ ମଧ୍ୟରେ ପୁଣି ଉଡ଼ାଣ ଆରମ୍ଭ କରିଥିଲା। କୋଭିଡ୍-୧୯ ମହାମାରୀ ସମୟରେ ଉତ୍ତର କୋରିଆ ସମସ୍ତ ବିଦେଶୀ ପର୍ଯ୍ୟଟକଙ୍କୁ ନିଷେଧ କରିଥିଲା, କିନ୍ତୁ ଏହି କଟକଣାଗୁଡ଼ିକୁ ଏବେ କୋହଳ କରିବା ଆରମ୍ଭ କରିଛି। ୨୦୨୪ ମସିହାରେ, ଏକ ରୁଷିଆନ୍ ପର୍ଯ୍ୟଟନ ଦଳ ଉତ୍ତର କୋରିଆରେ କୋଭିଡ୍ ପରେ ପ୍ରଥମେ ପ୍ରବେଶ କରିଥିଲେ। ନିଷେଧ ପୂର୍ବରୁ, ଉତ୍ତର କୋରିଆକୁ ଆସୁଥିବା ସମସ୍ତ ପର୍ଯ୍ୟଟକଙ୍କ ମଧ୍ୟରୁ ୯୦ ପ୍ରତିଶତ ଚୀନ୍ ପର୍ଯ୍ୟଟନ ଥିଲେ। ପର୍ଯ୍ୟଟକଙ୍କ ଏହି ବିପୁଳ ଆଗମନ ପ୍ରତିକ୍ରିୟାକୁ ଦୃଷ୍ଟିରେ ରଖି ଚୀନ୍ ଏବେ ବିମାନ ସେବା ପୁନଃ ଆରମ୍ଭ କରିଛି। ଚୀନ୍ ହେଉଛି ପ୍ୟୋଙ୍ଗୟାଙ୍ଗର ସବୁଠାରୁ ବଡ଼ ବାଣିଜ୍ୟିକ ଅଂଶୀଦାର ଏବଂ ପ୍ରମୁଖ ସହଯୋଗୀ। ଗତ କିଛି ବର୍ଷ ଧରି ଉତ୍ତର କୋରିଆର ବାରମ୍ବାର କ୍ଷେପଣାସ୍ତ୍ର ପରୀକ୍ଷଣ ଏବଂ ଉତ୍କ୍ଷେପଣ ଉପରେ ବେଜିଂ ମଧ୍ୟ ଅସନ୍ତୋଷ ପ୍ରକାଶ କରିଛି। ଉତ୍ତର କୋରିଆର ନେତା କିମ୍ ଜୋଙ୍ଗ ଉନ୍ ସେପ୍ଟେମ୍ବରରେ ବେଜିଂ ଗସ୍ତ କରି ଏକ ବିଶାଳ ସାମରିକ ପରେଡରେ ଅଂଶଗ୍ରହଣ କରିଥିଲେ। ଦଶନ୍ଧି ପରେ ଏହା ପ୍ରଥମ ଥର ଥିଲା ଯେତେବେଳେ କୌଣସି ଉତ୍ତର କୋରିଆ ନେତା ଚୀନରେ ଏକ ସାମରିକ ପରେଡରେ ଯୋଗ ଦେଇଥିଲେ।

# ବିଧାନ ପରିଷଦ ଓ ବିଧାନସଭାରୁ ଇସ୍ତଫା ଦେଲେ ନୀତିଶ କୁମାର-ନୀତିନ ନବୀନ

ପାଟନା: ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର ବିହାର ବିଧାନ ପରିଷଦରୁ ଇସ୍ତଫା ଦେଇଛନ୍ତି। ନୀତିଶଙ୍କ ସହିତ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନ ମଧ୍ୟ ତାଙ୍କ ବିଧାନସଭା ସଦସ୍ୟତାରୁ ଇସ୍ତଫା ଦେଇଛନ୍ତି। ଏବେ, ଉଭୟ ନେତା ରାଜ୍ୟସଭାରେ ସେମାନଙ୍କର ରାଜନୈତିକ କ୍ୟାରିଅର ଆରମ୍ଭ କରିବେ। ସାମ୍ବିଧାନିକ ନିୟମ ଅନୁଯାୟୀ, ଜଣେ ବ୍ୟକ୍ତି କେବଳ ଦୁଇଟି ଗୃହର ସଦସ୍ୟ ଭାବରେ ୧୪ ଦିନ ପାଇଁ କାର୍ଯ୍ୟ କରିପାରିବେ।



ମୁଖ୍ୟମନ୍ତ୍ରୀ ନୀତିଶ କୁମାର ଏବଂ ନୀତିନ ନବୀନ ମାର୍ଚ୍ଚ ୧୬ ତାରିଖରେ ରାଜ୍ୟସଭା ସଦସ୍ୟ ଭାବରେ ନିର୍ବାଚିତ ହୋଇଥିଲେ। ତେଣୁ, ସେମାନଙ୍କୁ ମାର୍ଚ୍ଚ ୩୦ ତାରିଖରେ, ଅର୍ଥାତ୍ ସୋମବାର ଗୋଟିଏ ଗୃହରୁ ଇସ୍ତଫା ଦେବାକୁ ପଡିଛି। ନୀତିଶ କୁମାରଙ୍କ ରାଜ୍ୟସଭା ନିଯୁକ୍ତିକୁ ବହୁତ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି। ପ୍ରକୃତରେ, ତାଙ୍କ ରାଜ୍ୟସଭା ନିଯୁକ୍ତି ସହିତ, ସେ ସମସ୍ତ ଚାରୋଟି ଗୃହ ଲୋକସଭା, ରାଜ୍ୟସଭା, ବିଧାନସଭା ଏବଂ ବିଧାନ ପରିଷଦକୁ ପ୍ରତିନିଧିତ୍ୱ କରିଥିବା କିଛି ବଛା ବଛା ନେତାଙ୍କ ମଧ୍ୟରେ ସାମିଲ ହେବେ। ଇସ୍ତଫା ଦେବା ପୂର୍ବରୁ, ବରିଷ୍ଠ ଜେଡିୟୁ ନେତାମାନେ ମୁଖ୍ୟମନ୍ତ୍ରୀଙ୍କ ସହ ସାକ୍ଷାତ କରିଥିଲେ। ବୈଠକରେ କେନ୍ଦ୍ରମନ୍ତ୍ରୀ ଲଲ୍ଲନ ସିଂହ, କାର୍ଯ୍ୟକାରୀ ସଭାପତି ସଞ୍ଜୟ କୁମାର ଝା, ବିଜୟ କୁମାର ଚୌଧୁରୀ ଏବଂ ଅଶୋକ ଚୌଧୁରୀ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ଭବିଷ୍ୟତ ରଣନୀତି ଉପରେ ଆଲୋଚନା କରାଯାଇଥିଲା।

# ଏପ୍ରିଲରୁ ନିଷିଦ୍ଧ ହେବ ଚୀନ ସିସିଟିଭି

ନୂଆଦିଲ୍ଲୀ: ଚୀନ କମ୍ପାନିଗୁଡ଼ିକ ଭାରତରେ ଆଉ ନିଜର ସିସିଟିଭି ବିକ୍ରି କରିପାରିବେ ନାହିଁ। ସେମାନଙ୍କ ସିସିଟିଭିକୁ କେନ୍ଦ୍ର ସରକାର ନିଷିଦ୍ଧ କରିଛନ୍ତି। ଜାତୀୟ ସୁରକ୍ଷାକୁ ଦୃଷ୍ଟିରେ ରଖି ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ଏହାଦ୍ୱାରା ଚୀନର ପ୍ରମୁଖ ସିସିଟିଭି ନିର୍ମାତା ହିକଭିଜନ ଓ ଡାହୁଆ ଟେକ୍ନୋଲୋଜି ପ୍ରଭାବିତ ହେବେ। କିନ୍ତୁ ଏହି ନିଷ୍ପତ୍ତି ଘରୋଇ ସିସିଟିଭି ନିର୍ମାତାମାନଙ୍କ ପାଇଁ ନୂଆ ସୁଯୋଗ ସୃଷ୍ଟି କରିବ। ଚୀନର କମ୍ପାନିଗୁଡ଼ିକ ଇଣ୍ଟରନେଟ୍ ସହ ସଂଯୋଗ ହେଉଥିବା ସିସିଟିଭି କ୍ୟାମେରା ଓ ସେହି ଧରଣର ଭିଡିଓ ନିରୀକ୍ଷଣ ଉତ୍ପାଦକୁ ଏପ୍ରିଲ୍ ୧ରୁ ଭାରତରେ ବିକ୍ରି କରିପାରିବେ ନାହିଁ। ସରକାର ଏକ ନୂଆ ସାର୍ଟିଫିକେସନ ନିୟମ କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି। ଭାରତରେ ସିସିଟିଭି ବିକ୍ରି କରିବା ପୂର୍ବରୁ କମ୍ପାନିମାନଙ୍କୁ ପ୍ରଥମେ ସେହି ସାର୍ଟିଫିକେସନ ହାସଲ କରିବାକୁ ପଡ଼ିବ। ଭିଡିଓ ଜରିଆରେ ନିରୀକ୍ଷଣ ବା ନଜର ରଖିବା ଉତ୍ପାଦଗୁଡ଼ିକୁ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଭାବେ ବିଚାର କରାଯାଉଛି। କାରଣ ତାହା ଜରିଆରେ ବିମାନବନ୍ଦର, ସରକାରୀ କୋଠା ଓ ପରିବହନ ପେଣ୍ଠସ୍ଥଳଗୁଡ଼ିକର ଅନେକ ସମ୍ବେଦନଶୀଳ ତଥ୍ୟ ସଂଗ୍ରହ କରାଯାଉଛି। ବିଦେଶରେ ନିର୍ମିତ ସିସିଟିଭି ଜରିଆରେ ତଥ୍ୟ ଚୋରି ଆଶଙ୍କା ରହିଛି। କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟ ପକ୍ଷରୁ ୨୦୨୪ ଏପ୍ରିଲ୍ରେ ସିସିଟିଭି କ୍ୟାମେରାକୁ ନେଇ ଜରୁରୀ ଆବଶ୍ୟକ ନିୟମ ଘୋଷଣା କରାଯାଇଥିଲା। ତାହାକୁ ପାଳନ କରିବା ପାଇଁ କମ୍ପାନିମାନଙ୍କୁ ଦୁଇ ବର୍ଷ



ସମୟ ଦିଆଯାଇଥିଲା। ନୂଆ ନିୟମରେ ସିସିଟିଭି ନିର୍ମାତା ଓ ବିକ୍ରେତାମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ଉପକରଣ କେଉଁଠାରୁ ସଂଗ୍ରହ କରାଯାଇଛି ତାହା ଜଣାଇବାକୁ ପଡ଼ିବ। ଡିଭାଇସ୍ ବଜାରରେ ବିକ୍ରି ହେବା ପୂର୍ବରୁ ତାହାକୁ ଏକ ସ୍ୱୀକୃତିପ୍ରାପ୍ତ ଲ୍ୟାବ୍ରେ ପରୀକ୍ଷା କରାଯିବ। ଏହି ଫ୍ରେମ୍ୱର୍କ ଅଧୀନରେ ସରକାର ୫୦୭ ସିସିଟିଭି ମଡେଲ୍କୁ ସାର୍ଟିଫାଏ କରିଛନ୍ତି।

ଭାରତରେ ବର୍ଷକୁ ୭୫୦ କୋଟି ଡଲାରରୁ ଅଧିକ ମୂଲ୍ୟର ସିସିଟିଭି କ୍ୟାମେରା ବିକ୍ରି ହେଉଛି। ପୂର୍ବରୁ ବଜାରରେ ଚୀନ ବ୍ରାଣ୍ଡଗୁଡିକର ଆଧିପତ୍ୟ ଥିଲା।

# ୨୦୨୭ ଜନଗଣନା : ଲିଭ୍ -ଇନ୍ରେ ରହୁଥିଲେ ମିଳିବ ଦମ୍ପତି ସ୍ୱୀକୃତି

ନୂଆଦିଲ୍ଲୀ : ଲିଭ୍-ଇନରେ ରହୁଥିବା ବ୍ୟକ୍ତିଙ୍କ ପାଇଁ ଖୁସି ଖବର ଆସିଛି। ୨୦୨୭ ଜନଗଣନାରେ ଲିଭ୍-ଇନ୍ ସମ୍ପର୍କରେ ଥିବା ବ୍ୟକ୍ତିମାନଙ୍କୁ ଗଣନା ପ୍ରକ୍ରିୟା ସମୟରେ ବିବାହିତ ବୋଲି ବିବେଚନା କରାଯିବ। ସ୍ୱୟଂ-ଗଣନା ପୋର୍ଟାଲରେ ଏନେଇ ସ୍ପଷ୍ଟୀକରଣ ପ୍ରଦାନ କରାଯାଇଛି। ସରକାରଙ୍କ ଅନୁଯାୟୀ, ଯଦି କୌଣସି ଦମ୍ପତି ସେମାନଙ୍କର ସମ୍ପର୍କକୁ ଏକ ସ୍ଥାୟୀ ମିଳନ ଭାବରେ ବିବେଚନା କରନ୍ତି, ତେବେ ସ୍ୱୟଂ-ଗଣନା ସମୟରେ ହେଉ କିମ୍ବା ଜଣେ ଗଣକ ପରିବାରକୁ ଗସ୍ତ କରିବା ସମୟରେ ହେଉ ସେମାନଙ୍କୁ ବିବାହିତ ଦମ୍ପତି ଭାବରେ ରେକର୍ଡ କରାଯିବା ଉଚିତ। ଅଧିକାରୀମାନେ କହିଛନ୍ତି ଯେ ପୂର୍ବ ଜନଗଣନା ସମୟରେ ମଧ୍ୟ, ନିଜକୁ ବିବାହିତ ବୋଲି ଘୋଷଣା କରିଥିବା ଅବିବାହିତ ଦମ୍ପତିମାନଙ୍କୁ ସମାନ ଭାବରେ ରେକର୍ଡ କରାଯାଇଥିଲା। ସମାଜର ପରିବର୍ତ୍ତିତ ଗଠନକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ଘର ତାଲିକାକରଣ ପର୍ଯ୍ୟାୟରେ ପଚରାଯାଉଥିବା ୩୩ ଟି ପ୍ରଶ୍ନ ମଧ୍ୟରୁ ଗୋଟିଏ ହେଉଛି ପରିବାରରେ ବିବାହିତ ଦମ୍ପତିଙ୍କ ସଂଖ୍ୟା। ଏହି ପର୍ଯ୍ୟାୟ ଏପ୍ରିଲ ୧ ରୁ ସେପ୍ଟେମ୍ବର ୩୦ ମଧ୍ୟରେ ୪୫ ଦିନ ପାଇଁ



ଚାଲିବ। ପ୍ରତ୍ୟେକ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ଦ୍ୱାରା ପୃଥକ ଭାବରେ ତାରିଖ ସୂଚିତ କରାଯିବ। ପ୍ରଥମ ୧୫ ଦିନ ସ୍ୱୟଂ-ଗଣନା ପାଇଁ ହେବ, ତା'ପରେ ଗଣନାକାରୀଙ୍କ ଦ୍ୱାରା କ୍ଷେତ୍ର ପରିଦର୍ଶନ ପାଇଁ ୩୦ ଦିନର ଅବଧି ରହିବ। ପ୍ରତିବାଦୀମାନଙ୍କୁ କୌଣସି ଦଲିଲ ପ୍ରଦାନ କରିବାକୁ ବାଧ୍ୟତାମୂଳକ ନୁହେଁ। ସୂଚନା ସେମାନଙ୍କର ଜ୍ଞାନ ଏବଂ ବିଶ୍ୱାସ ଉପରେ ଆଧାରିତ ହେବା ଉଚିତ, ଏବଂ ଗଣନାକାରୀମାନେ ଏହାକୁ ଘୋଷିତ ଭାବରେ ରେକର୍ଡ କରିବା ଉଚିତ। ଦିଲ୍ଲୀର ଏନ୍ଡିଏମ୍ସି ଅଞ୍ଚଳରେ ଏକ ଉତ୍ସର୍ଗୀକୃତ ଅନଲାଇନ୍ ପୋର୍ଟାଲ୍ ମାଧ୍ୟମରେ ଏପ୍ରିଲ ୧ ତାରିଖରେ ଆତ୍ମ-ଗଣନା ଆରମ୍ଭ ହେବ। ଏହି ସୁବିଧା ଇଂରାଜୀ ଏବଂ ୧୫ଟି ଭାରତୀୟ ଭାଷାରେ ଉପଲବ୍ଧ ହେବ। ଓଟିପି-ଆଧାରିତ ଯାଞ୍ଚ ପରେ ପରିବାରର ମୁଖ୍ୟ କିମ୍ବା ଯେକୌଣସି ଦାୟିତ୍ୱବାନ ବୟସ୍କଙ୍କ ଦ୍ୱାରା ଏହା କରାଯାଇପାରିବ। ପରିବାରର ସମସ୍ତ ସାଧାରଣ ସଦସ୍ୟଙ୍କ ବିବରଣୀ ଗୋଟିଏ ପ୍ରବେଶାଧିକାର ବ୍ୟବହାର କରି ପ୍ରଦାନ କରାଯାଇପାରିବ। ବ୍ୟବହାରକାରୀମାନଙ୍କୁ ଜିଲ୍ଲା ଚୟନ କରିବାକୁ ପଡିବ, ପିନ୍ କୋଡ୍ ପ୍ରଦାନ କରିବାକୁ ପଡିବ ଏବଂ ସେମାନଙ୍କ ଅଞ୍ଚଳର ବିବରଣୀ ପ୍ରଦାନ କରିବାକୁ ପଡିବ। ଏକ ଜିଓଟ୍ୟାଗ୍ ହୋଇଥିବା ମାନଚିତ୍ର ଦେଖାଯିବ, ଏବଂ ପ୍ରତିପକ୍ଷଙ୍କୁ ତାଙ୍କ ଘର ଉପରେ ସଠିକ୍ ଭାବରେ ମାର୍କର ଲଗାଇବାକୁ ପଡିବ। ଭୁଲ୍ ମାର୍କିଂ ଦ୍ୱାରା ଗଣନାକାରୀଙ୍କ ସିଷ୍ଟମରେ ତଥ୍ୟ ଦେଖାଯାଇ ନପାରେ। ବାସସ୍ଥାନ ଏବଂ ସୁବିଧା ବିଷୟରେ ବିବରଣୀ ଦେବା ପରେ, ଫର୍ମଟି ଦାଖଲ କରାଯାଇପାରିବ। ୧୫ ଦିନର ଅବଧି ମଧ୍ୟରେ ଏହାକୁ କିଛି ଅଂଶ ଭାବରେ ପୂରଣ କରାଯାଇପାରିବ ଏବଂ ଡ୍ରାଫ୍ଟ ଭାବରେ ସଂରକ୍ଷଣ କରାଯାଇପାରିବ। ଦାଖଲ ହେବା ପରେ, ଏକ ଏସ୍ଇ ଆଇଡି ସୃଷ୍ଟି କରିବ। ଯାହାକୁ ଯାଞ୍ଚ ଏବଂ ଚୂଡ଼ାନ୍ତ ଅପଲୋଡ୍ ପାଇଁ ଗଣନାକାରୀଙ୍କ ଗସ୍ତ ସମୟରେ ତାଙ୍କ ସହ ସେୟାର କରିବାକୁ ପଡିବ। ସ୍ୱୟଂ-ଗଣନା ପୋର୍ଟାଲ୍ କେବଳ ଭାରତ ମଧ୍ୟରେ କରାଯାଇପାରିବ। ଦାଖଲ ହୋଇଥିବା ସମସ୍ତ ତଥ୍ୟକୁ ଏନକ୍ରିପ୍ଟ କରାଯିବ ଏବଂ ସୁରକ୍ଷିତ ସରକାରୀ ସର୍ଭରରେ ସଂରକ୍ଷଣ କରାଯିବ। ଦାଖଲ ପରେ ପରିବର୍ତ୍ତନ କେବଳ ଗଣନାକାରୀ ଦ୍ୱାରା କରାଯାଇପାରିବ।

